CMYK

• Vol.- 46, Issue No. 39
• Sunday, 10 May 2026
• ରବିବାର, ୧୦ ମଇ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

## ୯୮ ବର୍ଷୀୟ ମାଖନଲାଲଙ୍କ ପାଦ ଛୁଇଁଲେ ମୋଦି



★ ଆଦରରେ କୁଣ୍ଢାଇ ପକାଇଲେ, ଶାଲ୍ ଘୋଡ଼େଇ ସମ୍ମାନିତ କଲେ
★ ତାଙ୍କ ହାତ ଧରି କଥା ହେଲେ
★ ବିଜେପି ନିଜର ମୂଳ କର୍ମକର୍ତ୍ତାଙ୍କୁ କେବେ ବି ଭୁଲେ ନାହିଁ

କୋଲକାତା ୯ ।୫: ପଶ୍ଚିମବଙ୍ଗ ରାଜନୀତିର ଇତିହାସରେ ଶନିବାର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି ହୋଇଥିଲା। ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡରେ ଯେତେବେଳେ ଲକ୍ଷ ଲକ୍ଷ ଲୋକଙ୍କ ଜୟ ଜୟକାର ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଞ୍ଚକୁ ଆସିଲେ, ସମସ୍ତଙ୍କ ଦୃଷ୍ଟି ତାଙ୍କ ଉପରେ ନିବଦ୍ଧ ଥିଲା । କିନ୍ତୁ, ହଠାତ୍ ପ୍ରଧାନମନ୍ତ୍ରୀ ସେଠାରେ ବସିଥିବା ଜଣେ ୯୮ ବର୍ଷୀୟ ବୃଦ୍ଧଙ୍କ ପାଦ ଛୁଇଁ ସମସ୍ତଙ୍କୁ ଚକିତ କରିଦେଲେ । କେବଳ ସେତିକି ନୁହେଁ, ତାଙ୍କୁ ଆଦରରେ କୁଣ୍ଢାଇ ପକାଇଲେ, ଶାଲ୍ ଘୋଡ଼େଇ ସମ୍ମାନିତ କଲେ ଏବଂ ଅନେକ ସମୟ ଧରି ତାଙ୍କ ହାତ ଧରି କଥା ହେଲେ । ଏହି ବୃଦ୍ଧ ଜଣକ ହେଉଛନ୍ତି ମାଖନଲାଲ ସରକାର । ଯେତେବେଳେ ପଶ୍ଚିମବଙ୍ଗରେ ବିଜେପିର ନାଁ ଗନ୍ଧ ନ ଥିଲା, ସେତେବେଳେ ସେ ଥିଲେ ଏହି ଦଳର ମୂଳଦୁଆ । ୧୯୫୨ ମସିହାରେ ସେ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ସହ ଗିରଫ ହୋଇଥିଲେ । ଶ୍ୟାମାପ୍ରସାଦଙ୍କ ସେ ଥିଲେ ଘନିଷ୍ଠ ବନ୍ଧୁ। ଜମ୍ମୁ-କାଶ୍ମୀରର ଲାଲ୍ ଚୌକରେ ଶ୍ୟାମା ପ୍ରସାଦଙ୍କ ସହ ତ୍ରିରଙ୍ଗା ଉଡ଼ାଇବାର ସୌଭାଗ୍ୟ ପାଇଥିଲେ ମାଖନଲାଲ । ବାମପନ୍ଥୀଙ୍କ ଦମନ ସତ୍ତ୍ୱେ ସେ ଦାର୍ଜିଲିଂ ଓ ପଶ୍ଚିମ ଦିନାଜପୁର ଅଞ୍ଚଳରେ ବିଜେପିକୁ ଘରେ ଘରେ ପହଞ୍ଚାଇଥିଲେ। ଆଜି ତାଙ୍କରି ସଂଘର୍ଷର ପରିଣାମ ସ୍ୱରୂପ ବଙ୍ଗଳାରେ ବିଜେପି ସରକାର ଗଠନ କରିଛି । ପ୍ରଧାନମନ୍ତ୍ରୀଙ୍କ ଏହି ସମ୍ମାନ ଦର୍ଶାଉଛି ଯେ, ବିଜେପି ନିଜର ମୂଳ କର୍ମକର୍ତ୍ତାଙ୍କୁ କେବେ ବି ଭୁଲେ ନାହିଁ।

# ପଶ୍ଚିମବଙ୍ଗରେ ବିଜେପି ରାଜ ଆରମ୍ଭ

କୋଲକାତା, ୯ ।୫: କୋଲକାତାର ଐତିହାସିକ ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡରେ ଶନିବାର ପଶ୍ଚିମବଙ୍ଗର ପ୍ରଥମ ଭାରତୀୟ ଜନତା ପାର୍ଟି (ଭାଜପା) ସରକାରର ଶପଥ ଗ୍ରହଣ ସମାରୋହ ଆୟୋଜିତ ହୋଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହ ସହିତ ଭାଜପା ଶାସିତ ରାଜ୍ୟମାନଙ୍କର ମୁଖ୍ୟମନ୍ତ୍ରୀ ଏବଂ ବରିଷ୍ଠ ନେତାମାନେ ସମାରୋହରେ ଉପସ୍ଥିତ ଥିଲେ।ବିଜେପି ବିଧାୟକ ଦଳର ନେତାଚୟନ ପରେ ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ପଦର ଶପଥ ନେଇଥିଲେ।ରାଜ୍ୟପାଳ ଆର.ଏନ. ରବି ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ । ତାଙ୍କ ସହିତ ପାଞ୍ଚଜଣ ମନ୍ତ୍ରୀ ମଧ୍ୟ ଶପଥ ଗ୍ରହଣ କରିଥିଲେ। ନୂତନ ବିଜେପି ସରକାରର ପ୍ରଥମ ମନ୍ତ୍ରିପରିଷଦରେ ଉତ୍ତର ବଙ୍ଗ ଏବଂ ଦକ୍ଷିଣ ବଙ୍ଗ ଉଭୟରୁ ପ୍ରତିନିଧିତ୍ୱ ଦିଆଯାଇଛି। ମନ୍ତ୍ରିମଣ୍ଡଳରେ ଆଦିବାସୀ, ମତୁଆ ଏବଂ ରାଜବଂଶୀ ସମୁଦାୟର ନେତାମାନଙ୍କୁ ମଧ୍ୟ ସ୍ଥାନ ମିଳିଛି। ଶୁଭେନ୍ଦୁ ଅଧିକାରୀଙ୍କସହିତ ଯେଉଁ



✹ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଶୁଭେନ୍ଦୁ ଅଧିକାରୀ
✹ ମନ୍ତ୍ରିପରିଷଦରେ ୫ କ୍ୟାବିନେଟ ମନ୍ତ୍ରୀ ସାମିଲ
✹ ସମାରୋହରେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଉପସ୍ଥିତ

ନେତାମାନେ ମନ୍ତ୍ରୀ ପଦର ଶପଥ ନେଲେ ସେମାନଙ୍କ ମଧ୍ୟରେ ଦିଲୀପ ଘୋଷ, ଅଗ୍ନିମିତ୍ରା ପାଲ, ଅଶୋକ କୀର୍ତ୍ତନିଆ, ନିଶୀଥ ପ୍ରମାଣିକ ଏବଂ ଖୁଦିରାମ ଟୁଡୁ ଅଛନ୍ତି। ତେବେ ଏପର୍ଯ୍ୟନ୍ତବିଭାଗ ବଣ୍ଟନ ହୋଇନାହିଁ। ଉଲ୍ଲେଖନୀୟ ଯେ, ୪ ମେରେ ଘୋଷିତ ବିଧାନସଭା ନିର୍ବାଚନ ଫଳାଫଳରେ ଭାଜପା ୨୦୭ଟି ଆସନଜିତି ଐତିହାସିକ ବହୁମତ ହାସଲ କରିଥିଲା। ନିର୍ବାଚନ ଫଳ ଆସିବା ପରେ ଠାରୁ ମୁଖ୍ୟମନ୍ତ୍ରୀ ପଦପାଇଁ ଶୁଭେନ୍ଦୁ ଅଧିକାରୀଙ୍କ ନାମ ସବୁଠାରୁ ଆଗରେ ଥିଲା।

## ସମାଧାନ ଆଡକୁ ଯାଉଛି ମହାନଦୀ ଜଳ ବିବାଦ: ଏଜି

ଭୁବନେଶ୍ୱର, ୯ ।୫(ନିପ୍ର): ଛତିଶଗଡ଼ ସହିତ ମହାନଦୀ ଜଳ ବିବାଦ ସମାଧାନ ଆଡକୁ ଯାଉଛି ବୋଲି କହିଛନ୍ତି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଏଜି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ମହାନଦୀ ବିବାଦ



ଆଉ ଜଟିଳ ନାହିଁ, ସମାଧାନ ଆଡ଼କୁ ଯାଉଛି। ଓଡ଼ିଶାର ସ୍ୱାର୍ଥ ସୁରକ୍ଷା ଦେଇ ବିବାଦର ସମାଧାନ ପାଇଁ ଉଦ୍ୟମ ହୋଇଛି। ମହାନଦୀରେ ଜଳ ରାଶି କେତେ ତାକୁ ନେଇ ରିପୋର୍ଟ ଦାଖଲ ହୋଇଛି। ୨ ରାଜ୍ୟର ଯନ୍ତ୍ରୀ ୧୫ ଥର ବୈଠକ କରି ତଥ୍ୟଭିତ୍ତିକ ରିପୋର୍ଟ ରଖିଛନ୍ତି। ଟ୍ରିବ୍ୟୁନାଲ ଦ୍ୱାରା କୌଣସି ଜଳ ବିବାଦର ସମାଧାନ ହୋଇନାହିଁ। କିଛି ଲୋକ ନିଜ ରାଜନୈତିକ ଫାଇଦା ପାଇଁ ଅଦାଲତ ଯାଇଥିଲେ। ୭ ବର୍ଷ ଭିତରେ ଅଦାଲତି କାର୍ଯ୍ୟ କିଛି ଆଗେଇ ନଥିଲା। ଆପୋସ ବୁଝାମଣା ପାଇଁ ସମ୍ମତି ଦେଇଥିବାରୁ ଟ୍ରିବ୍ୟୁନାଲଙ୍କୁ ଧନ୍ୟବାଦ।

## ନିଶାବେପାର ବନ୍ଦ ଦାବି: ଅଠାନ୍ତର ଛକରେ ରାସ୍ତାରୋକ



ବାଲିପାଟଣା,୯ ।୫: (ନିପ୍ର): ନିଶାବେପାରକୁ ନେଇ ଲୁହାରଡ଼ରେ ପିଟି ରାକେଶ ଦାସକୁ ଶୁକ୍ରବାର ମାରିବା ଘଟଣାରେ ସ୍ଥାନୀୟ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଘଟଣା ପ୍ରତିବାଦରେ ଶନିବାର ପୂର୍ବାହ୍ନରେ ଉତ୍ତରା ନିମାପଡା ରାସ୍ତାର ଅଠାନ୍ତର ଛକଠାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ, ସ୍ଥାନୀୟ ଅଞ୍ଚଳରେ ନିଶା କାରବାର ବନ୍ଦ ଏବଂ ଅଭିଯୁକ୍ତର ଘର ଭାଙ୍ଗିବାକୁ ଦାବି ନେଇ ରାସ୍ତା ଅବରୋଧ କରିଥିଲେ । ଶତାଧିକ ସ୍ଥାନୀୟ ଲୋକ ପହଞ୍ଚି ନିଶା କାରବାର ହେଉଥିବା ଅଭିଯୁକ୍ତ ସମ୍ପର୍କୀୟଙ୍କ କିଛି ଦୋକାନ ଭଙ୍ଗାରୁଜା କରିଥିଲେ । ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ପୂର୍ବକ ଭଙ୍ଗାରୁଜା ପୋଡ଼ାଜଳା କରିବା ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ମଟର ଅଟକିଥିଲା। ଏଥି ସହିତ ଯାତାୟାତ ପାଇଁ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଘଟଣା ସ୍ଥଳରେ ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇବାକୁ ନାକେଦମ୍ ହୋଇଥିଲା । ସ୍ଥାନୀୟ ବିଧାୟକ ପହଞ୍ଚି ମୃତ ରାକେଶର ପରିବାରକୁ ଆର୍ଥିକ ସାହାଯ୍ୟ ଘୋଷଣା କରିବା ସହିତ ବାଲିପାଟଣା ଥାନା ଅଧିକାରୀ ମଧ ଘଟଣାରେ ଅଭିଯୁକ୍ତ ଦୁଇ ଜଣଙ୍କୁ ଗିରଫ କରାଯାଇଥିବା କହିଥିଲେ। ଏହା ପରେ ରାସ୍ତାରୋକ ହଟିଥିଲା।

ଫାୟାର ଷ୍ଟେସନ ଛକ ଓଭରବ୍ରିଜରେ ଦୁର୍ଘଟଣା

## ବାଇକ୍ ଓ ସ୍କୁଟିକୁ ପିଟିଲା ଟ୍ରକ: ୩ ମୃତ

ଭୁବନେଶ୍ୱର,୯ ।୫: ଶନିବାର ସନ୍ଧ୍ୟାରେ ଭୁବନେଶ୍ୱରର ଜାତୀୟ ରାଜପଥ-୧୬ରେ ଏକ ଦ୍ରୁତଗାମୀ ଟ୍ରକ୍ ଏକ ବାଇକ୍ ଏବଂ ସ୍କୁଟିକୁ ଧକ୍କା ଦେବାରୁ ଜଣେ ଯୁବତୀଙ୍କ ସମେତ ଅନ୍ୟ ତିନି ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ରସୁଲଗଡ଼ ପାର୍ଶ୍ୱରୁ ବାଇକ ଓ ସ୍କୁଟି ଆରୋହୀ ମାନେ ଯାଉଥିବା ସମୟରେ ଫାୟାର ଷ୍ଟେସନ ଛକ ନିକଟରେ ଥିବା ଓଭରବ୍ରିଜ୍ ଉପରେ ଏହି ଦୁର୍ଘଟଣା ଘଟିଥିଲା। ପ୍ରାଥମିକ ସୂଚନା ଅନୁଯାୟୀ, ପଛରୁ ଆସୁଥିବା ଏକ ଟ୍ରକ୍ ଏହି ଦୁଇ ଚକିଆ ଗାଡ଼ିକୁ ଧକ୍କା ଦେବା ପରେ ଘଟଣାସ୍ଥଳରୁ ଦ୍ରୁତ ଗତିରେ ପଳାଇ ଯାଇଥିଲା।ଧକ୍କା ପରେ, ଆରୋହୀମାନେ ରାସ୍ତା ଉପରେ ଛିଟିକି



ପଡ଼ିଥିଲେ। ଫଳରେ ଯାତ୍ରୀ ଏବଂ ପଥଚାରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଅଗ୍ନିଶମ ସେବା ଏବଂ ପୋଲିସ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଅନ୍ୟ ଗାଡ଼ି ଚାଳକମାନେ ଆହତମାନଙ୍କୁ ସାହାଯ୍ୟ କରିବାକୁ ଧାଇଁ ଆସିଥିଲେ ଏବଂ ସେମାନଙ୍କୁ ରାସ୍ତା କଡ଼କୁ ସ୍ଥାନାନ୍ତର କରିଥିଲେ। ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତର ସେମାନଙ୍କ ମଧ୍ୟରୁ ତିନି ଜଣଙ୍କୁ ମୃତ ଘୋଷଣା କରିଥିଲେ।

## ପରବର୍ତ୍ତୀ ସିଡିଏସ ହେବେ ଏନ୍.ଏସ୍. ରାଜା ସୁବ୍ରମଣି



ନୂଆଦିଲ୍ଲୀ,୯ ।୫: କେନ୍ଦ୍ର ସରକାର ଲେଫ୍ଟନାଣ୍ଟ ଜେନେରାଲ ଏନ୍.ଏସ. ରାଜା ସୁବ୍ରମଣିଙ୍କୁ ଦେଶର ପରବର୍ତ୍ତୀ ଚିଫ୍ ଡିଫେନ୍ସ ଅଫ୍ ଷ୍ଟାଫ୍ ଭାବେ ନିଯୁକ୍ତ କରିଛନ୍ତି । ତାଙ୍କର ନିଯୁକ୍ତିକୁ ରକ୍ଷା ମନ୍ତ୍ରଣାଳୟ ଅନୁମୋଦନ ଦେଇଛି। ବର୍ତ୍ତମାନର ସିଡିଏସ ଜେନେରାଲ ଅନିଲ୍ ଚୌହାନଙ୍କ କାର୍ଯ୍ୟକାଳ ୩୦ ମଇରେ ସମାପ୍ତ ହେବ। ତାଙ୍କ ପରେ ଲେଫ୍ଟନାଣ୍ଟ ଜେନେରାଲ ଏନ୍.ଏସ. ରାଜା ସୁବ୍ରମଣି ଦାୟିତ୍ୱ ଗ୍ରହଣ କରିବେ। ସେ ଏହା ସହିତ ରକ୍ଷା ମନ୍ତ୍ରଣାଳୟର ସେନା କାର୍ଯ୍ୟ ବିଭାଗର ସଚିବ ଭାବେ ମଧ କାର୍ଯ୍ୟ କରିବେ। ଲେଫନାଣ୍ଟ ଜେନେରାଲ ଏନ୍.ଏସ. ରାଜା ସୁବ୍ରମଣି ୧ସେପ୍ଟେମ୍ବର ୨୦୨୫ ଠାରୁ ଜାତୀୟ ସୁରକ୍ଷା ପରିଷଦ ସଚିବାଳୟରେ ସେନା ପରାମର୍ଶଦାତା ଭାବେ କାର୍ଯ୍ୟରତ ଅଛନ୍ତି। ଏହା ପୂର୍ବରୁ ସେ ୧ ଜୁଲାଇ ୨୦୨୪ ଠାରୁ ୩୧ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ସେନାର ଉପ-ପ୍ରଧାନ ଭାବେ କାର୍ଯ୍ୟ କରିଥିଲେ।

### ଦେଶର ପରବର୍ତ୍ତୀ ନୌସେନା ମୁଖ୍ୟ ହେବେ

## ଭାଇସ ଆଡମିରାଲ କୃଷ୍ଣା ସ୍ୱାମୀନାଥନ

### ମେ ୩୧ରେ ଅବସର ନେବେ ଦିନେଶ



ନୂଆଦିଲ୍ଲୀ,୯ ।୫: କେନ୍ଦ୍ର ସରକାର ଭାଇସ୍ ଆଡମିରାଲ୍ କୃଷ୍ଣ ସ୍ୱାମୀନାଥନଙ୍କୁ ଦେଶର ପରବର୍ତ୍ତୀ ନୌସେନା ପ୍ରମୁଖ ଭାବେ ନିଯୁକ୍ତ କରିଛନ୍ତି। ସେ ବର୍ତ୍ତମାନ ପଶ୍ଚିମ ନୌସେନା କମାଣ୍ଡର ଫ୍ଲାଗ୍ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ପଦରେ କାର୍ଯ୍ୟରତ ଅଛନ୍ତି। ନୌସେନାରେ ଅପରେସନାଲ୍, କୌଶଳଗତ ଏବଂ ପର୍ସୋନେଲ୍ ମ୍ୟାନେଜମେଣ୍ଟ ପଦବୀରେ ପ୍ରାୟ ଚାରି ଦଶକର କାର୍ଯ୍ୟାନୁଭବ ତାଙ୍କ ପାଖରେ ରହିଛି। ସେ ଆଡମିରାଲ୍ ଦିନେଶ କୁମାର ତ୍ରିପାଠୀଙ୍କ ସ୍ଥାନ ନେବେ, ଯିଏକି ୩୧ ମଇରେ ଅବସର ନେବେ। ଭାଇସ୍ ଆଡମିରାଲ୍ କୃଷ୍ଣ ସ୍ୱାମୀନାଥନ ପୂର୍ବରୁ ନୌସେନାର ୪୬ତମ ଉପପ୍ରମୁଖ, ଚିଫ୍ଅଫ୍ ପର୍ସୋନାଲ୍, କଣ୍ଟ୍ରୋଲର୍ ଅଫ୍ ପର୍ସୋନାଲ୍ ସର୍ଭିସେସ୍,ପଶ୍ଚିମ ନୌସେନା କମାଣ୍ଡର ଚିଫ୍ ଅଫ୍ ଷ୍ଟାଫ୍, ଫ୍ଲାଗ୍ ଅଫିସର ଡିଫେନ୍ସ ଆଡଭାଇଜରି ଗ୍ରୁପ୍, ଫ୍ଲାଗ୍ ଅଫିସର କମାଣ୍ଡିଂ ୱେଷ୍ଟର୍ନ ଫ୍ଲିଟ୍ ଏବଂ ଫ୍ଲାଗ୍ ଅଫିସରର୍ସ ଟ୍ରେନିଂ ପଦବୀରେ କାର୍ଯ୍ୟ କରିସାରିଛନ୍ତି।

# ବାଲିଅନ୍ତା ଭିଡ଼ହତ୍ୟା: ତଦନ୍ତ କରିବ କ୍ରାଇମ ବ୍ରାଞ୍ଚ

ମୁଖ୍ୟମନ୍ତ୍ରୀ ଦେଲେ ନିର୍ଦ୍ଦେଶ

ଘଟଣାର ପୁନରାବୃତ୍ତି ଯେପରି ନ ହୁଏ, ଡି.ଜି.ପିଙ୍କୁ କଡ଼ା ତାଗିଦ

ଆଇନର ଶାସନ ପ୍ରତିଷ୍ଠା ଉପରେ ଗୁରୁତ୍ୱ



ଭୁବନେଶ୍ୱର, ୯ ।୫(ନିପ୍ର) ଶନିବାର ସନ୍ଧ୍ୟାରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ବାଲିଅନ୍ତା ଅଞ୍ଚଳରେ ହୋଇଥିବା ଭିଡ଼ ହତ୍ୟା (ମବ୍ ଲିଂଚିଙ୍ଗ୍) ଘଟଣା ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଘଟଣା ସମ୍ପର୍କରେ ସବିସ୍ତୃତ ଆଲୋଚନା କରିବା ପରେ କ୍ରାଇମ ବ୍ରାଞ୍ଚ୍ ଦ୍ୱାରା ଏହି ଘଟଣାର ସଠିକ୍ ଓ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରି ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏଭଳି ଘଟଣାର ଯେଭଳି ପୁନରାବୃତ୍ତି ନ ହୁଏ, ସେଥିପାଇଁ ପୋଲିସ ମହାନିର୍ଦ୍ଦେଶକ ସତର୍କ ଓ ସଜାଗ ରହିବା ପାଇଁ ମୁଖ୍ୟମନ୍ତ୍ରୀ ତାଗିଦ୍ କରିଛନ୍ତି । ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା କରିବା ପାଇଁ ପୋଲିସ କଠୋରରୁ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୁଇନ୍ଦା ନିର୍ଦ୍ଦେଶକ ଆର.ପି. କୋଚ୍ଚେ, ଅତିରିକ୍ତ ମହାନିର୍ଦ୍ଦେଶକ ଆଇନ ଶୃଙ୍ଖଳା ସଞ୍ଜୟ କୁମାର, ଏ.ଡି.ଜି କ୍ରାଇମବ୍ରାଞ୍ଚ ବିନୟତୋଷ ମିଶ୍ର, ପୋଲିସ କମିଶନର ଏସ. ଦେବଦତ ସିଂହ ଏବଂ ଡ଼ି.ସି.ପି ଜଗମୋହନ ମୀନା ପ୍ରମୁଖ ଉପସ୍ଥିତ ଥିଲେ।

## ସୌମ୍ୟ ହତ୍ୟା ଘଟଣାରେ ଆଉ ୬ ଗିରଫ

■ ଗିରଫଦାରି ୧୧କୁ ବୃଦ୍ଧି
■ ଅସଦାଚରଣ ଘଟଣାକୁ ଖଣ୍ଡନ କଲେ ସୌମ୍ୟଙ୍କ ବନ୍ଧୁ ଓମ୍ ପ୍ରକାଶ
■ ଦୋଷୀଙ୍କୁ କଠୋର ଦଣ୍ଡ ଦିଆଯିବ: ଆଇନ ମନ୍ତ୍ରୀ

ଭୁବନେଶ୍ୱର,୯ ।୫(ନିପ୍ର): ବାଲିଅନ୍ତାରେ ସୌମ୍ୟ ସ୍ୱାଇଁଙ୍କୁ ପିଟି ପିଟି ହତ୍ୟା ଘଟଣାରେ ବାଲିଅନ୍ତା ପୋଲିସ ଆଉ ୬ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୋଲିସ ପୂର୍ବରୁ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିସାରିଛି। ଏହି ମାମଲାରେ ଏବେସୁଦ୍ଧା ୧୧ ଅଭିଯୁକ୍ତ ଗିରଫ ହୋଇସାରିଥିବା ବେଳେ ଗିରଫଦାରି ଆହୁରି ବଢ଼ିପାରେ। ସୌମ୍ୟଙ୍କ ମୃତ୍ୟୁର ଖୁଲାସା କରିଛନ୍ତି ସାଙ୍ଗ ଓମ୍ ପ୍ରକାଶ । ଦୁଇ ଯୁବତୀଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଓମ୍ ପ୍ରକାଶ । ସୌମ୍ୟ ଯୁବତୀଙ୍କୁ ମାଡ଼ ମାରିଥିବା ଘଟଣାକୁ ସ୍ୱୀକାର କରିଛନ୍ତି । ସୌମ୍ୟଙ୍କ ବନ୍ଧୁ ଅସଦାଚରଣ ଘଟଣାକୁ ଖଣ୍ଡନ କରିଛନ୍ତି । ଦୁଇ ଯୁବତୀ ମିଛ କହୁଥିବା ସେ କହିଛନ୍ତି । ୭୦/୮୦ ଲୋକ ଘେରିଗଲେ, ୧୦ରୁ ୧୨ ଜଣ ପିଟିଥିଲେ । ମୁହଁକୁ ଗୋଇଠା ମାଡ଼ ଓ ବାଉଁଶ ଫାଳିଆରେ ପିଟିଥିଲେ । ବିନା ୟୁନିଫର୍ମରେ ଭିଡ଼ ମଧ୍ୟରେ ପିସିଆର୍ ମଧ ସୌମ୍ୟଙ୍କୁ ପିଟୁଥିଲା । ୟୁନିଫର୍ମରେ ଥିବା ପିସିଆର୍ ଚୁପ୍ ହୋଇ ଦେଖୁଥିଲେ । ଆଇନକୁ ହାତକୁ ନେଇଥିବା ଲୋକଙ୍କୁ ଦଣ୍ଡ ମିଳିବା ଉଚିତ ବୋଲି ସେ କହିଛନ୍ତି । ବାଲିଅନ୍ତା ସୌମ୍ୟ ହତ୍ୟା ଘଟଣାରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖିଛନ୍ତି । ଦୋଷୀଙ୍କୁ କଠୋର ଦଣ୍ଡ ଦିଆଯିବ ବୋଲି ଆଇନ୍ ମନ୍ତ୍ରୀ କହିଛନ୍ତି। ଆଇନ ମନ୍ତ୍ରୀ କହିଛନ୍ତି ଯେ, ଅପରାଧୀଙ୍କ ପ୍ରତି ଆଭିମୁଖ୍ୟ ଆହୁରି କଡ଼ା ରହିବ । ରାଜ୍ୟରେ ଦଣ୍ଡବିଧାନ ହାର ବଢ଼ିଛି, ଦୈନିକ ରିପୋର୍ଟ ନିଆଯାଉଛି । ଆଗକୁ ଯେମିତିଏଭଳି ଘଟଣା ନ ଘଟିବ ସରକାର ତତ୍ପର ଅଛନ୍ତି । ଅପରାଧୀଙ୍କ ପ୍ରତି ଆଭିମୁଖ୍ୟ ଆହୁରି କଡ଼ା ରହିବ।

## ସଫଳତାର ମୂଳ ପାହାଚ

# ଆତ୍ମବିଶ୍ୱାସ



ବିଶ୍ୱାସ ହେଉଛି ମାନବ ଜୀବନରେ ଶକ୍ତିର ଏକ ପ୍ରଚଣ୍ଡ ଏବଂ ବିଶାଳ ଉତ୍ସ। ଏହା ଆମ ମନର ଶକ୍ତି ଯାହା ଆମକୁ ଅସମ୍ଭବକୁ ସମ୍ଭବ କରିବାର ଆତ୍ମବିଶ୍ୱାସ ଦିଏ। ବିଶ୍ୱାସ ବିନା ଜୀବନ ଦୁର୍ବଳ ଏବଂ ଅନିଶ୍ଚିତ ହୋଇଯାଏ, ଯେତେବେଳେ ବିଶ୍ୱାସ ଜଣେ ବ୍ୟକ୍ତିକୁ ସାହସର ସହିତ ଅସୁବିଧାର ସମ୍ମୁଖୀନ କରିବାକୁ ଅନୁମତି ଦିଏ। ସେହିପରି, ବିଶ୍ୱାସ ହେଉଛି ମାନବ ଜୀବନର ମୌଳିକ ମୂଳଦୁଆ। ବିଶ୍ୱାସ ଆମର ଆତ୍ମବିଶ୍ୱାସକୁ ବୃଦ୍ଧି କରେ।



### ଶକ୍ତିର ବିଶାଳ ଉତ୍ସ ବିଶ୍ୱାସ

ବିଶ୍ୱାସ ହେଉଛି ମାନବ ଜୀବନରେ ଶକ୍ତିର ଏକ ପ୍ରଚଣ୍ଡ ଏବଂ ବିଶାଳ ଉତ୍ସ। ଏହା ଆମ ମନର ଶକ୍ତି ଯାହା ଆମକୁ ଅସମ୍ଭବକୁ ସମ୍ଭବ କରିବାର ଆତ୍ମବିଶ୍ୱାସ ଦିଏ। ବିଶ୍ୱାସ ବିନା ଜୀବନ ଦୁର୍ବଳ ଏବଂ ଅନିଶ୍ଚିତ ହୋଇଯାଏ, ଯେତେବେଳେ ବିଶ୍ୱାସ ଜଣେ ବ୍ୟକ୍ତିକୁ ସାହସର ସହିତ ଅସୁବିଧାର ସମ୍ମୁଖୀନ କରିବାକୁ ଅନୁମତି ଦିଏ। ସେହିପରି, ବିଶ୍ୱାସ ହେଉଛି ମାନବ ଜୀବନର ମୌଳିକ ମୂଳଦୁଆ। ବିଶ୍ୱାସ ଆମର ଆତ୍ମବିଶ୍ୱାସକୁ ବୃଦ୍ଧି କରେ। ଯେତେବେଳେ ଆମେ ନିଜ ଉପରେ ବିଶ୍ୱାସ କରୁ, କିଛି ଅସମ୍ଭବ ମନେହୁଏ ନାହିଁ। ଯଦି ଜଣେ ଛାତ୍ର ନିଜ କ୍ଷମତା ଉପରେ ବିଶ୍ୱାସ କରେ, ତେବେ ସେ ନିଶ୍ଚିତ ଭାବରେ ସଫଳତା ପାଇପାରିବ। ତେଣୁ, ଆତ୍ମବିଶ୍ୱାସ ହେଉଛି ସଫଳତାର ପ୍ରଥମ ପାହାଚ। ଏହା ଜଣେ ବ୍ୟକ୍ତିକୁ ନିଜ ଲକ୍ଷ୍ୟ ଉପରେ ଧ୍ୟାନ ଦେବା ପାଇଁ ଶକ୍ତି ଦିଏ। ବିଶ୍ୱାସ ଲୋକଙ୍କ ମଧ୍ୟରେ ସମ୍ପର୍କକୁ ମଜଭୁତ କରେ। ପରିବାର, ବନ୍ଧୁତା ଏବଂ ସମାଜ ସମସ୍ତେ ବିଶ୍ୱାସ ଉପରେ ନିର୍ଭର କରନ୍ତି। ଯଦି ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ବିଶ୍ୱାସ ନାହିଁ, ତେବେ ସେହି ସମ୍ପର୍କ ଦୀର୍ଘସ୍ଥାୟୀ ହୋଇପାରିବ ନାହିଁ। ବୈବାହିକ ଜୀବନରେ, ଯଦି ବିଶ୍ୱାସ ଥାଏ, ତେବେ ଜୀବନ ସୁଖୀ ହୁଏ, ନଚେତ୍ ଅସୁବିଧା ସୃଷ୍ଟି ହୁଏ। ସେହିପରି, ବିଶ୍ୱାସ ହେଉଛି ସମ୍ପର୍କର ମୂଳଦୁଆ।

### ଆଧ୍ୟାତ୍ମିକ ଶକ୍ତି ଦିଏ ବିଶ୍ୱାସ

ବିଶ୍ୱାସ ଆମକୁ ଆଧ୍ୟାତ୍ମିକ ଶକ୍ତି ଦିଏ। ଈଶ୍ୱରଙ୍କଠାରେ ବିଶ୍ୱାସ କରିବା ବ୍ୟକ୍ତିକୁ ଶକ୍ତି ଏବଂ ଶାନ୍ତି ଦିଏ। କଷ୍ଟକର ସମୟରେ, ଲୋକମାନେ ଈଶ୍ୱରଙ୍କୁ ସ୍ମରଣ କରି ଶାନ୍ତି ପାଆନ୍ତି। ଏହି ବିଶ୍ୱାସ ସେମାନଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଦିଏ। ଅନେକ ଲୋକ ବିଶ୍ୱାସ କରନ୍ତି ଯେ ଈଶ୍ୱରଙ୍କ କୃପା ସେମାନଙ୍କୁ ସୁରକ୍ଷା ଦେଉଛି; ଏହି ଚିନ୍ତାଧାରା ସେମାନଙ୍କୁ ଶକ୍ତିଶାଳୀ କରେ। ବିଶ୍ୱାସ ଜୀବନରେ ସକାରାତ୍ମକତା ଆଣିଥାଏ। ବିଶ୍ୱାସୀ ଲୋକମାନେ ସର୍ବଦା ସକାରାତ୍ମକ ଚିନ୍ତା କରନ୍ତି। ସେମାନେ ବିଫଳତାକୁ ଶେଷ ଭାବରେ ଦେଖନ୍ତି ନାହିଁ, ବରଂ ଏହାକୁ ଏକ ଶିକ୍ଷା ଭାବରେ ଗ୍ରହଣ କରନ୍ତି। ଏପରି ମନୋଭାବ ସେମାନଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟ କରେ। ବିଶ୍ୱାସ ସହିତ, ଜଣେ ବ୍ୟକ୍ତି ଅନ୍ଧାରରେ ମଧ୍ୟ ଆଲୋକ ଦେଖିପାରିବ। ବିଶ୍ୱାସ ଆମକୁ ଭୟ ଏବଂ ଆତଙ୍କରୁ ମୁକ୍ତ କରେ। ଯେତେବେଳେ ଆମେ ପଦକ୍ଷେପ ନେବାକୁ ଯାଉ, ଭୟ ଆମକୁ ରୋକିଥାଏ। କିନ୍ତୁ ବିଶ୍ୱାସ ସହିତ, ଆମେ ସେହି ଭୟକୁ ଦୂର କରିପାରିବା। ଜଣେ ସୈନିକ ବିଶ୍ୱାସ ଏବଂ ଆତ୍ମବିଶ୍ୱାସ ସହିତ ଯୁଦ୍ଧଭୂମିରେ ନିଜ ଦେଶ ପାଇଁ ଲଢ଼େ। ଏହି ବିଶ୍ୱାସ ତାକୁ ସାହସୀ କରିଥାଏ।

### ବିଶ୍ୱାସର ବିକୃତ ରୂପ ଅନ୍ଧବିଶ୍ୱାସ

ଅନ୍ଧବିଶ୍ୱାସ ବିଶ୍ୱାସର ଏକ ବିକୃତ ରୂପ। ଅନ୍ଧବିଶ୍ୱାସ ଲୋକଙ୍କୁ ବିପଥଗାମୀ କରିଥାଏ। ଏହା ବୈଜ୍ଞାନିକ ଚିନ୍ତାଧାରାକୁ ବାଧା ଦିଏ ଏବଂ ସମାଜରେ ଅନେକ ଭୁଲ ଧାରଣା ସୃଷ୍ଟି କରେ। ତେଣୁ, ବିଶ୍ୱାସ ବିବେକ ଏବଂ ଜ୍ଞାନ ସହିତ ରହିବା ଉଚିତ। ପ୍ରକୃତ ବିଶ୍ୱାସ ହେଉଛି ତର୍କ ଏବଂ ସତ୍ୟ ଉପରେ ଆଧାରିତ। ଇତିହାସରେ ଅନେକ ଉଦାହରଣ ଅଛି ଯେଉଁଠାରେ ବିଶ୍ୱାସ ମହାନ ଜିନିଷ ହାସଲ କରିଛି। ଅନେକ ବୈଜ୍ଞାନିକ, ସମାଜସେବୀ ଏବଂ ନେତା ସେମାନଙ୍କ ଲକ୍ଷ୍ୟରେ ସେମାନଙ୍କର ଅଟଳ ବିଶ୍ୱାସ ମାଧ୍ୟମରେ ସଫଳତା ହାସଲ କରିଛନ୍ତି। ଅନେକ ଅସୁବିଧା ସତ୍ତ୍ୱେ, ସେମାନେ ସେମାନଙ୍କର ଲକ୍ଷ୍ୟ ପରିତ୍ୟାଗ କରିନଥିଲେ କାରଣ ସେମାନଙ୍କର ବିଶ୍ୱାସ ଦୃଢ଼ ଥିଲା। ଶିକ୍ଷାରେ ବିଶ୍ୱାସ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଜଣେ ଶିକ୍ଷକ ତାଙ୍କ ଛାତ୍ରଙ୍କୁ ବିଶ୍ୱାସ କରନ୍ତି, ତେବେ ଛାତ୍ରମାନେ ଉନ୍ନତି କରନ୍ତି। ସେହିପରି, ଯଦି ଛାତ୍ରମାନେ ସେମାନଙ୍କ ଶିକ୍ଷକଙ୍କୁ ବିଶ୍ୱାସ କରନ୍ତି, ତେବେ ଶିକ୍ଷଣ ଉନ୍ନତ ହୁଏ। ଏହି ପାରସ୍ପରିକ ବିଶ୍ୱାସ ଶିକ୍ଷାର ଗୁଣବତ୍ତା ବୃଦ୍ଧି କରେ। ଆଜିର ସମାଜରେ ବିଶ୍ୱାସର ଅଭାବ ରହିଛି। ଲୋକମାନେ ପରସ୍ପରକୁ ବିଶ୍ୱାସ କରି ପାରୁନାହାନ୍ତି ଯାହା ସମାଜରେ ଅସନ୍ତୋଷ ଏବଂ ଅଶାନ୍ତିର କାରଣ ହୋଇଥାଏ । ତେଣୁ, ଆମକୁ ଜୀବନରେ ବିଶ୍ୱାସ ଫେରାଇ ଆଣିବାକୁ ପଡିବ। ଏଥିପାଇଁ ସତ୍ୟ, ନୈତିକତା ଏବଂ ସ୍ୱଚ୍ଛତା ଆବଶ୍ୟକ। ବିଶ୍ୱାସ ଏକ ଅଦୃଶ୍ୟ କିନ୍ତୁ ଶକ୍ତିଶାଳୀ ଶକ୍ତି। ଏହା ଲୋକଙ୍କୁ ଏକାଠି ବାନ୍ଧିଥାଏ, ସମ୍ପର୍କକୁ ମଜଭୁତ କରିଥାଏ ଏବଂ ଜୀବନରେ ସଫଳତା ଆଡକୁ ନେଇଯାଏ। ଯଦି ଆମେ ପ୍ରକୃତ ବିଶ୍ୱାସ ଦ୍ୱାରା ବଞ୍ଚିଥାଉ, ତେବେ ଆମର ଜୀବନ ସୁନ୍ଦର ଏବଂ ସଫଳ ହେବ। ସେହିପରି, ବିଶ୍ୱାସର ଆଶ୍ଚର୍ଯ୍ୟଜନକ ଶକ୍ତିକୁ ବୁଝିବା ଏବଂ ଏହାକୁ ଆମ ଜୀବନରେ ଗ୍ରହଣ କରିବା ଆମ ସମସ୍ତଙ୍କ ପାଇଁ କର୍ତ୍ତବ୍ୟ।



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ମୋ - ୮୨୪୯୫୦୨୭୭୬



# ମା ସବୁଠୁ ନିଆରା

ଏହି ଦୁନିଆରେ ଯାହା ଭଲ ପାଇବାର ଅନ୍ତ ନାହିଁ ତାକୁ ମା ବୋଲି ଆମେ କହୁ । ଛୋଟ ଛୋଟ କଥାରେ ଆମେ ମାଆକୁ କହୁ ତୁ ଆମ ପାଇଁ କରିଛୁ କ'ଣ ? ଭୁଲି ଯାଉ ତାର ତ୍ୟାଗ ପାଇଁ ଆମେ ଆଜି ଦୁନିଆରେ ଅଛୁ । ମାଆ କେବେ ଅଭିଯୋଗ ଶୁଣିବା ପରେ ପ୍ରତିବାଦ କରେନି ବରଂ ତାକୁ ଦେଖିଲେ ଲାଗେ ଯେମିତି ସେ ନିଜ ଭିତରେ ଚିନ୍ତା କରେ ତାର କୋଉଠି କଣ ତ୍ରୁଟି ରହିଛି ବୋଲି । ଦୁନିଆରେ ସବୁ ଜାଗାରେ ବିପଦ ଆଶଙ୍କା ଥାଇପାରେ କିନ୍ତୁ ମା ସେଇ ବିପଦରୁ ପିଲାକୁ ନିଜ ପଣତକାନିରେ ଘୋଡ଼େଇ ଦିଏ ।ଯେତେବେଳେ ସାରା ଦୁନିଆ ପିଲାକୁ ନିନ୍ଦା କରିଥାଏ ସେଇ ସମୟରେ ମା ସମସ୍ତଙ୍କୁ ଭୁଲ୍ କହି ନିଜ ପିଲା ସପକ୍ଷରେ ଯୁକ୍ତି କରେ । ସେଇଥି ପାଇଁ ତ ମାଆକୁ ଭଗବାନଙ୍କ ସ୍ଥାନ ଦିଆ ଯାଇଛି । ଭଗବାନ ସବୁ ଜାଗାରେ ରହିପାରିବେନି ସେଇଥି ପାଇଁ ମା'କୁ ବନେଇଛନ୍ତି ।

ଗୋଟେ ସହରରେ ଗୋଟେ ପରିବାର ରହୁଥାନ୍ତି । ପରିବାର କୌଣସି ଅସୁବିଧା ନ ଥାଏ । ପୁଅଟି ବଡ଼ ଅଧିକାରୀ ସେଇ ସହରରେ ବେଶ୍ ପ୍ରତିଷ୍ଠିତ । ବାପାଙ୍କୁ ଯେହେତୁ ଛୋଟ ବେଳୁ ହରେଇଥାନ୍ତି ପୁଅ ତେଣୁ ମାଆକୁ ଆଣିକି ନିଜ ପାଖରେ ରଖିଥାନ୍ତି । ପୁଅର କେବଳ ଗୋଟେ ଚିନ୍ତା ଥାଏ ସେଇଟା ହେଉଛି ମା ର ଗୋଟେ ଆଖି ନଥିବାରୁ ମା ଭଲରେ ଦେଖିପାରେ ନାହିଁ । ଏଇଥି ପାଇଁ ନାତି ଓ ବୋହୂ ସବୁବେଳେ ଦୂରେଇ ରୁହନ୍ତି ଓ ଥଟ୍ଟା କରନ୍ତି ।ପୁଅ ସବୁ ଜାଣିପାରେ କିନ୍ତୁ କିଛି କହିପାରେ ନାହିଁ କାରଣ ସେ ଭାବେ ସେ ଯଦି କିଛି କହିବ ଘରେ ଅଶାନ୍ତି ଘଟିବ ।

ଏମିତି ଗୋଟେ ଦିନ ବନ୍ଧୁଲୋକ ଘରକୁ ଆସିଥାନ୍ତି ଯେହେତୁ ମା କୁ ଦେଖାଗଲା ନାହିଁ ସେ ଅତିଥି ବସିଥିବା ଘରକୁ ଚାଲି ଆସିଲେ । ଏଥିପାଇଁ ସ୍ତ୍ରୀ ନାତି ନିଜକୁ ଲଜ୍ଜିତ ଅନୁଭବ କଲେ । ଏହାକୁ ନେଇକି ସେଇ ଦିନ ଏମିତି ଝଗଡା ହେଲା ଯାହା ଫଳରେ ମା ଚାହିଁଲା କି ସେ ଗାଁ ରେ ଯାଇକି ରହିବ । ଯଦିଓ ପୁଅ ଇଚ୍ଛା ନ ଥାଏ କିନ୍ତୁ ଘର ପରିସ୍ଥିତି ଦେଖିକି ସେ ମଧ୍ୟ ଶେଷରେ ରାଜି ହେଲା । ମାଆକୁ ଗାଆଁରେ ଛାଡିକି ଆସିବାର କିଛି ଦିନ ବିତିଯାଇଥାଏ । ପୁଅର ମାମୁ ଗୋଟେ ଦିନ ନିଜ ଭଉଣୀକୁ ଦେଖିବାକୁ ବାହାରୁ ଆସିଲେ ।ଯେତେବେଳେ ପଚାରିଲେ ନିଜ ଭଉଣୀ ବିଷୟରେ । ପୁଅଟି କହିଲେ ଯେ ମା ବର୍ତ୍ତମାନ ଗାଁ କୁ ଯାଇଛି । ଏହା ଶୁଣିବା ପରେ ସେ ଚାହିଁଲେ କି ତାଙ୍କୁ ଦେଖା କରିବାକୁ ଯିବା ପାଇଁ ପୂରା ପରିବାର ମିଶିକି ଗାଁକୁ ଗଲେ ମା କୁ ଦେଖା କରିବାକୁ।



ଯେତେବେଳେ ମା କୁ ଦେଖିଲେ ସେ ଜ୍ୱରରେ ଗୋଟେ ଖଟରେ ଶୋଇଥାନ୍ତି । ଏହା ଦେଖିକି ମାମୁ ବହୁତ୍ ରାଗିଗଲେ । କହିଲେ ତୁ ଜାଣିନୁ ତତେ ମଣିଷ କରିବାକୁ ଯାଇକି ତୋର ମା କେତେ କଷ୍ଟ କରିଛି ।ଆଜି ବଡ଼ ଅଧିକାରୀ ହେବା ପରେ ତୁ ସବୁ ଭୁଲି ଗଲୁ ତୁ । ତୋର ହୁଏତ ମନେ ନଥିବ ଯେତେବେଳେ ଛୋଟ ଥିଲୁ ଖେଳିଲା ବେଳେ ସିଡ଼ିରୁ ତଳକୁ ପଡ଼ିକି ତୋର ଗୋଟେ ଆଖି ନଷ୍ଟ ହେଇଯାଇଥିଲା । ସେଇ ତୋର ମା ତତେ ଗୋଟେ ଆଖି ଦେଇଥିଲା ସେଇଥି ପାଇଁ ତୁ ଆଜି ଦୁନିଆ ଦେଖୁଛୁ ଆଉ ଆଜି ଏତେ ବଡ ଅଧିକାରୀ ହେଇପାରିଛୁ କିନ୍ତୁ ଆଜି ସେଇ ମା କୁ ଏକ ଗାଆଁରେ ଛାଡି ଦେଇଛୁ ।ମୋ ଭଉଣୀକୁ ମୁଁ ମୋ ସାଙ୍ଗରେ ନେଇଯିବି । ପୁଅ ବୋହୂ ନିଜ ଭୁଲ୍ ବୁଝିପାରି ମାମୁକୁ କ୍ଷମା ମାଗିଲେ କହିଲେ - ଆମେ ଜୀବନରେ ବହୁତ୍ ପାପ କରିଛୁ ଆମକୁ ମା ର ସେବା କରିକି ପୁଣ୍ୟ କରିବାକୁ ଦିଅ। ଏହା ପରେ ନିଜ ମା'ଙ୍କୁ ପୁଣି ସହରକୁ ନିଜ ଘରକୁ ନେଇ ଆସିଲେ ।

-ରବିନାରାୟଣ ପଟ୍ଟନାୟକ
ଭୁବନେଶ୍ୱର, ମୋ:୯୯୩୮୧୧୩୨୨୬

### ଅଦ୍‌ଭୁତ ମନ୍ଦିର

# ରାତିରେ ଶୋଇଲେ ସକାଳେ ମୃତ୍ୟୁ !



ଜାଣିଲେ ଚମକି ପଡିବେ ଏବଂ ଏହି ସତ୍ୟ ମଧ୍ୟ ଛାତିକୁ ଥରାଇଲା ପରି । ସତନାର ମୋହର ତହସିଲ ପାଖରେ ଚିତ୍ରକୂଟ ଠାରେ ମାହିର୍ ଦେବୀଙ୍କ ବିଷୟରେ ତ ସମସ୍ତେ ଜାଣିଥିବେ । ମେହରର ମାନେ ହେଉଛି ମା'ଙ୍କର ହାର। ମେହର ନଗର ଠାରୁ ୫କିମି ଦୂରତାରେ ଚିତ୍ରକୂଟ ପର୍ବତ ରହିଛି ଯେଉଁ ଠାରେ ମାତା ଶାରଦା ଦେବୀଙ୍କର ବାସ । ଏହି ପର୍ବତ ଉପରେ ହିଁ ଏହି ମନ୍ଦିର। ଏହି ମନ୍ଦିରକୁ ନେଇ ଅନେକ ପ୍ରକାରର କଥା ପ୍ରଚଳିତ ରହିଛି । ମାନ୍ୟତା ଅଛିକି' କୌଣସି ବ୍ୟକ୍ତି ଯଦି ଏହି ମନ୍ଦିରରେ ରାତି କଟାଇଥାନ୍ତି ତେବେ ତାଙ୍କର ମୃତ୍ୟୁ ହୋଇଥାଏ । ଏହାର କାରଣ ଏହିକି ଯେ, ରାତିରେ ଏହି ମନ୍ଦିରରେ ଆଲ୍ଲା ଏବଂ ମଦଲ ନାମରେ ଚିନ୍ନଜିବି ମା'ଙ୍କର ଦର୍ଶନ ପାଇଁ ଆସିଥାନ୍ତି । ଏଠାରେ ରହୁଥିବା ଲୋକମାନଙ୍କର କହିବା ଅନୁସାରେ ଆଲ୍ଲା ଏବଂ ମଦଲ ପୃଥ୍ୱୀରାଜ ଚୋହାନଙ୍କ ସହିତ ଯୁଦ୍ଧ କରିଥିଲେ । ଦୁହେଁ ହି ମା' ଶାରଦାଙ୍କର ବହୁତ ବଡ ଭକ୍ତ ଥିଲେ । ଏହି ଦୁହେଁ ହିଁ ମିଶିକି ମା' ଶାରଦା ଦେବୀଙ୍କର ମନ୍ଦିରକୁ ଖୋଜିକି ପାଇଥିଲେ । ଏହାପରେ ୧୨ବର୍ଷ ପର୍ଯ୍ୟନ୍ତ ତପସ୍ୟା କରି ଦେବୀ ମା'ଙ୍କୁ ପ୍ରସନ୍ନ କରିଥିଲେ ସେବେ ମା' ତାଙ୍କୁ ଅମରତ୍ୱର ଆଶୀର୍ବାଦ ଦେଇଥିଲେ । ଆଲ୍ଲା ମାତାଙ୍କୁ ଶାରଦା ମାଇ ନାଁରେ ଡାକୁଥିଲେ । ମାନ୍ୟତା ଏହାବି ଅଛିକି' ମାତା ଶାରଦାଙ୍କୁ ଦିନର ଆରମ୍ଭରେ ସର୍ବପ୍ରଥମେ ଆଲ୍ଲା ଏବଂ ମାଦଳ ହିଁ ଦର୍ଶନ କରିଥାନ୍ତି । ଏହି କାରଣ ପାଇଁ ଏଠାରେ କୌଣସି ବି ବ୍ୟକ୍ତି ମନ୍ଦିରରେ ରୁହନ୍ତି ନାହିଁ ଏହି ମନ୍ଦିର ରାତିରେ ବନ୍ଦ କରିଦିଆଯାଏ । ଆଉ ଯଦି କିଏ ବି ଜୋରଜବରଦସ୍ତି ଏଠାରେ ରୁହନ୍ତି ତେବେ ତାଙ୍କର ମୃତ୍ୟୁ ହୋଇଯାଇଥାଏ ବୋଲି ବିଶ୍ୱାସ ରହିଛି ।

# ଅତ୍ୟଧିକ ଗରମ ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ

ପ୍ରାୟତଃ ଲୋକମାନେ ଗରମ ଖାଦ୍ୟ ଖାଇବା ଏବଂ ପିଇବା ପାଇଁ ପସନ୍ଦ କରିଥାନ୍ତି । କିନ୍ତୁ ଯେଉଁମାନେ ଗରମ ଖାଦ୍ୟ ଖାଇବାକୁ ଏବଂ ଗରମ ଚା ପିଇବାକୁ ଭଲ ପାଆନ୍ତି, ଏଥିପ୍ରତି ସାବଧାନ ହୋଇଯିବା ଉଚିତ । ତେବେ ଅତ୍ୟଧିକ ଗରମ ଖାଦ୍ୟ ଖାଇବା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇପାରେ । ବର୍ତ୍ତମାନ ଆପଣ ଚିନ୍ତା କରୁଥିବେ ଯେ ଗରମ ଖାଦ୍ୟ ସ୍ୱାଦିଷ୍ଟ ହୋଇଥାଏ, ତେବେ ଏହାକୁ ଖାଇବାରେଅସୁବିଧା କ'ଣ। ଗରମ ଖାଦ୍ୟ ଖାଇବାର ଆନନ୍ଦ ଅନ୍ୟ କିଛି ହୋଇଥାଏ, କିନ୍ତୁ ଯଦି ଆପଣ ଅଧିକ ଗରମ ଖାଦ୍ୟ ଖାଆନ୍ତି, ତେବେ ଏହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ । ପ୍ରତ୍ୟେକ ଖାଦ୍ୟର ଏକ ନିର୍ଦ୍ଦିଷ୍ଟ ତାପମାତ୍ରା ଥାଏ, ଯେପରି କିଛି ଜିନିଷ ଗରମ ଥିବା ସମୟେର ଭଲ ସ୍ୱାଦ ଦେଇଥାଏ ଏବଂ କିଛି ଜିନିଷ ଥଣ୍ଡା ଥିବା ବେଳେ ଭଲ ସ୍ୱାଦ ଦେଇଥାଏ । କିନ୍ତୁ ଅତ୍ୟଧିକ ଗରମ ଖାଦ୍ୟ ଖାଇବା ଦ୍ୱାରା ଆପଣଙ୍କୁ ଅନେକ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ ।

**ଅତ୍ୟଧିକ ଗରମ ଖାଦ୍ୟ ଖାଇବାର କ୍ଷତି କ'ଣ ?**

ଦାନ୍ତ ସମସ୍ୟା ହୋଇପରେ : ଯଦି ଆପଣ ଅତ୍ୟଧିକ ଗରମ ଖାଦ୍ୟ ଖାଆନ୍ତି କିମ୍ବା ପିଅନ୍ତି, ତେବେ ଏହା ଦାନ୍ତର କ୍ଷତି କରାଇପରେ । ଅତ୍ୟଧିକ ଗରମ ଏବଂ ଥଣ୍ଡା ଖାଦ୍ୟ ଖାଇବା କାରଣରୁ ଦାନ୍ତ ସମସ୍ୟା ବଢିପାରେ । ତେଣୁ, ସର୍ବଦା ସାଧାରଣ ତାପମାତ୍ରାରେ ଜିନିଷ ଖାଇବା ଉଚିତ। ଯାହା ଫଳେର ଦାନ୍ତ ସମସ୍ୟା ହେବ ନାହିଁ। ଗଳା ଏବଂ ଜିଭ ପାଇଁ କ୍ଷତି ହୋଇପାରେ : ଅତ୍ୟଧିକ ଗରମ ଖାଦ୍ୟ ଖାଇବା ଆମ ଶରୀରର ଅଙ୍ଗକୁ ମଧ୍ୟ ପ୍ରଭାବିତ କରିଥାଏ । ଯାହା ମାଧ୍ୟମରେ ଖାଦ୍ୟ ଆମ ପେଟ ଭିତରକୁ ଯାଇଥାଏ । ଏହାର ଅର୍ଥ ଅତ୍ୟଧିକ ଗରମ ଖାଦ୍ୟ ଖାଇବା ଦ୍ୱାରା ଜିଭ ଏବଂ ଗଳା ଜଳି ଯାଇପରେ। ଗରମ ଖାଦ୍ୟ ଖାଇବା ଜିଭକୁ ଜାଳିଦିଏ, ଯାହାର ପ୍ରଭାବ ଅନେକ ଦିନ ପର୍ଯ୍ୟନ୍ତ ରହିଥାଏ । ଅନେକ ଥର ଅତ୍ୟଧିକ ଗରମ ଖାଦ୍ୟ ଖାଇବା ଦ୍ୱାରା ଗଳା ଫୁଲିଯାଏ ଏବଂ ଅନ୍ତନଳୀରେ ମଧ୍ୟ କ୍ଷତି ହୋଇଥାଏ । ସେଥିପାଇଁ ଅତ୍ୟଧିକ ଗରମ ଖାଦ୍ୟ ଖାଇବା ଠାରୁ ଦୂରେଇ ରୁହନ୍ତୁ । ଗ୍ୟାସ୍ ସମସ୍ୟା : ଯେଉଁମାନେ ଅତ୍ୟଧିକ ଗରମ ଖାଦ୍ୟ ଖାଆନ୍ତି ସେମାନଙ୍କ ମଧ୍ୟରେ ଅଧିକ ଗ୍ୟାସ୍ ସମସ୍ୟା ମଧ୍ୟ ଦେଖାଯାଏ । ଅତ୍ୟଧିକ ଗରମ ଖାଦ୍ୟ ଖାଇବା ଶରୀରରେ ଗ୍ୟାସ ସମସ୍ୟା ସୃଷ୍ଟି କରିଥାଏ । ଯେଉଁଥିପାଇଁ ଆପଣଙ୍କର ଅନ୍ୟାନ୍ୟ ସମସ୍ୟା ହୋଇପାରେ ।





ପେଟ ପାଇଁ କ୍ଷତିକାରକ ହୋଇଥାଏ : ଅତ୍ୟଧିକ ଗରମ ଖାଦ୍ୟ ଖାଇବା ଦ୍ୱାରା ପେଟରେ ଉତ୍ତାପ ବଢିପାରେ । ଅତ୍ୟଧିକ ଗରମ ଜିନିଷ ମଧ୍ୟ ପେଟକୁ ଖରାପ କରିପାରେ । ଏହାଦ୍ୱାରା ପେଟରେ ପୋଡିବା ଏବଂ ପେଟ ଘାଆ ମଧ୍ୟ ହୋଇପାରେ । ଅତ୍ୟଧିକ ଗରମ ଖାଦ୍ୟ ଖାଇବା ଦ୍ୱାରା ଏସିଡିଟି ଏବଂ ବାନ୍ତି ହେବାର ଆଶଙ୍କା ବଢିଯାଏ । ସେଥିପାଇଁ ଯେଉଁମାନେ ଗରମ ଖାଦ୍ୟ ଖାଇବାକୁ ଅଧିକ ପସନ୍ଦ କରନ୍ତି, ସେମାନେ ଏହି ସବୁ କଥା ପ୍ରତି ଧ୍ୟାନ ଦିଅନ୍ତୁ ।

## ବାଙ୍ଗୁରିଗାଁ ଅଂଚଳରେ ଏଆରଟେଲ ନେଟୱାର୍କ ଅଚଳ, ଲୋକେ ଅସନ୍ତୁଷ୍ଟ

କାକଟପୁର,(ନିପ୍ର): କାକଟପୁର ବ୍ଲକ ଅନ୍ତର୍ଗତ ବାଙ୍ଗୁରିଗାଁ ପଞ୍ଚାୟତର ପ୍ରାୟ ୧୦ଟି ଗ୍ରାମ ଯଥା ଗଡ଼ନୟରଛେଡା, ଅଶିଜଙ୍ଗା, ହଳଦିବସନ୍ତ, ଶ୍ରୀଚନ୍ଦନପୁର,ଟିକରପଡା, ଗଣିପୁର, କୋଳଥକଣ୍ଡା ଇତ୍ୟାଦି ଅଞ୍ଚଳରେ ଏୟାରଟେଲ୍ ମୋବାଇଲ୍ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅଞ୍ଚଳରେ ଏୟାରଟେଲ୍ ଟାୱାର ପାଖରେ ଥାଇ ମଧ୍ୟ ଗ୍ରାହକମାନେ ନେଟୱାର୍କ ପାଉନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଘର ବାହାରେ କିଛି ମାତ୍ରାରେ ସିଗନାଲ୍



ରହୁଥିବା ବେଳେ ଘର ଭିତରକୁ ଗଲେ ନେଟୱାର୍କ ସମ୍ପୂର୍ଣ୍ଣ କଟିଯାଉଛି। ଫଳରେ ଜରୁରୀକାଳୀନ ସମୟରେ କଲ୍ କରିବା କିମ୍ବା ଇଣ୍ଟରନେଟ୍ ବ୍ୟବହାର କରିବା ଅସମ୍ଭବ ହୋଇପଡୁଛି। ଛେନାଛକ ପରି ଏକ ବ୍ୟବସାୟିକ କେନ୍ଦ୍ର ନିକଟରେ ଟାୱାର ଥାଇ ମଧ୍ୟ ସେବା ନ ମିଳିବା ଏୟାରଟେଲ କମ୍ପାନୀର ବୈଷୟିକ ତ୍ରୁଟିକୁ ସୂଚାଉଛି। ଡିଜିଟାଲ୍ ଯୁଗରେ ଅନଲାଇନ୍ ପାଠପଢ଼ା, ବ୍ୟାଙ୍କିଂ କାର୍ଯ୍ୟ ଏବଂ ସରକାରୀ ସେବା ପାଇଁ ନେଟୱାର୍କ ଅପରିହାର୍ଯ୍ୟ ହୋଇଥିବାବେଳେ, ବାଙ୍ଗୁରିଗାଁ ପଞ୍ଚାୟତର ଶତାଧିକ ଗ୍ରାହକ ଏଥିରୁ ବଞ୍ଚିତ ହେଉଛନ୍ତି। ଅନେକ ସମୟରେ ଟାୱାର ଅଛି କିନ୍ତୁ 'ନୋ ସର୍ଭିସ' ଦେଖାଉଥିବା ନେଇ ଉପଭୋକ୍ତାମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ସମସ୍ୟା ବାବଦରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଯଥାଶୀଘ୍ର କୁରୁଜଙ୍ଗ ଛେନାଛକ ଟାୱାରର ମରାମତି କରାଯାଇ ନେଟୱାର୍କ ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ଗ୍ରାହକମାନେ ସିମ୍ ପୋର୍ଟ କରିବା ସହ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ରାଜ୍ୟରେ ଖାଲିଥିବା ଅଧ୍ୟାପକ, କର୍ମଚାରୀ ପଦବୀ ତୁରନ୍ତ ପୂରଣ ପାଇଁ ଦାବି

କଟକ,(ନିପ୍ର): ରାଜ୍ୟର ୧୭ଟି ବିଶ୍ୱବିଦ୍ୟାଳୟ ଏବଂ ବିଭିନ୍ନ ବର୍ଗର କଲେଜରେ ଦୀର୍ଘ ଦିନ ହେବ ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ଅଧ୍ୟାପକ, କର୍ମଚାରୀ ପଦବୀ ଖାଲି ପଡିଛି । ଫଳରେ ଛାତ୍ରଛାତ୍ରୀମାନଙ୍କ ପାଠପଢା ସଂପୂର୍ଣ୍ଣ ଅନିଶ୍ଚିତତା ମଧ୍ୟରେ ଗତି କରୁଛି । ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଖାଲି ପଡିଥିବା ପଦବୀ ଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ପୂରଣ କରିବାକୁ ଏଆଇଏସଇସି ପକ୍ଷରୁ କଟକ ଗାନ୍ଧିଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦୃଢ ଦାବି କରାଯାଇଛି । ଏଆଇଏସ୍‌ଇସିର ରାଜ୍ୟ ସଭାପତି ପ୍ରଫେସର ବୀରେନ୍ଦ୍ର ନାୟକଙ୍କ ଉପସ୍ଥିତିରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ



ଏଆଇଏସ୍‌ଇସି ରାଜ୍ୟ ଉପସଭାପତି ବିଶ୍ୱାବସୁ ଦାସ, ରାଜେନ୍ଦ୍ର ବର୍ମ୍ମା, ରାଜ୍ୟ ସଂପାଦକ ସୁବାସ ନାୟକ, ଅଫିସ୍ ସଂପାଦିକା ବବି ବଳବନ୍ତରାୟ, ଅକ୍ଷୟ ରାଉଳ, ବିନୋଦ ସେଠୀ ପ୍ରମୁଖ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଅଭିଭାବକ, ଛାତ୍ର ଯୋଗ ଦେଇଥିଲେ । ରାଜ୍ୟ ସରକାର ଇତି ମଧ୍ୟରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ପରିବର୍ତ୍ତନ କରିଛନ୍ତି । ମାତ୍ର ଏହି ବହି ଗୁଡିକ କେଉଁମାନେ ଲେଖିଛନ୍ତି, କେଉଁମାନେ ଉପଦେଷ୍ଟା ମଣ୍ଡଳୀ ଅଛନ୍ତି ତାହା ଏପର୍ଯ୍ୟନ୍ତ ସାର୍ବଜନୀନ କରାଯାଇନାହିଁ । ସରକାର ଏ ଦିଗରେ ପାରଦର୍ଶିତା ଅବଲମ୍ବନ କରିବା ଆବଶ୍ୟକ । ବ୍ୟାପକ ଏବଂ ବିସ୍ତୃତ ଚର୍ଚ୍ଚା ଆଲୋଚନାର ଭିତର ଦେଇ ଏହା ପ୍ରସ୍ତୁତ କରାଯାଏ ଏବଂ ପରୀକ୍ଷା ନିରୀକ୍ଷା ପରେ ଲାଗୁ କରାଯାଏ । ମାତ୍ର ସରକାର ସମସ୍ତ କିଛିକୁ ଉପେକ୍ଷାକରି କିଛି ନ୍ୟସ୍ତ ସ୍ୱାର୍ଥ ଲୋକଙ୍କୁ ନେଇ ଅତ୍ୟନ୍ତ ତରବରିଆ ଭାବେ ଗୋଟେ ପରେ ଗୋଟେ ପଦକ୍ଷେପ ନେଇ ଚାଲିଛନ୍ତି । ଏହା କରିବା ଦ୍ୱାରା ଛାତ୍ରଛାତ୍ରୀ, ଶିକ୍ଷାର ଭବିଷ୍ୟତ ଏବ ସର୍ବୋପରି ମାନବ ସଭ୍ୟତାର ଗତି କୁଆଡକୁ ଯିବ । ତେଣୁ ପାଠ୍ୟ ପୁସ୍ତକ ଗୁଡିକର ଲେଖକ ମଣ୍ଡଳୀ, ଉପଦେଷ୍ଟା ମଣ୍ଡଳୀ ତୁରନ୍ତ ସାର୍ବଜନୀନ କରାଯିବା ସହିତ ପ୍ରସ୍ତୁତ ବହିଗୁଡିକୁ ଲାଗୁ କରିବା ପୂର୍ବରୁ ବିଭିନ୍ନ ବର୍ଗର ମତାମତ ପାଇଁ ବିତରଣ କରିବାକୁ ଏଆଇଏସଇସି ପକ୍ଷରୁ ଦାବି କରାଯାଇଛି ।

## ଓଡ଼ିଶୀ ନୃତ୍ୟ ଉତ୍ସବ ଅବସରରେ ଆଲୋଚନାଚକ୍ର

ନିମାପଡ଼ା,(ନି.ପ୍ର.): ନିମାପଡ଼ାର ଅନ୍ୟତମ ସାମାଜିକ ଅନୁଷ୍ଠାନ ଗୋପବନ୍ଧୁ ସେବା ସଂଘ ପକ୍ଷରୁ ଦୁଇ ଦିନିଆ ଓଡ଼ିଶୀ ନୃତ୍ୟ କଳା ଉତ୍ସବ ଶୁକ୍ରବାର ସଂଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମାଂଚଳର ଅନେକ ଲୁକାୟିତ ପ୍ରତିଭା ଏହି ଉତ୍ସବରେ ଅଂଶଗ୍ରହଣ କରି ନିଜର ଦକ୍ଷତା ପ୍ରତିପାଦିତ କରିଥିଲେ । ଦ୍ୱିତୀୟ ଦିବସରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଓଡ଼ିଶୀ ନୃତ୍ୟ କଳାର ପ୍ରଚାରପ୍ରସାର ସହ ପ୍ରଶିକ୍ଷଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଉତ୍ସବରେ ଅଂଶଗ୍ରହଣ କରିଥିବା ସମସ୍ତ କଳାକାରଙ୍କ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରମାଣ ପତ୍ର ବଂଟନ କରାଯାଇଥିଲା। ଆଲୋଚନା ଚକ୍ରରେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଭାତ ମିଶ୍ର, ସାମ୍ବାଦିକ ପ୍ରଶାନ୍ତ ସାହୁ, ସମାଜସେବୀ ଆର୍ତ୍ତବନ୍ଧୁ ସେନାପତି ପ୍ରମୁଖ ଯୋଗ ଦେଇଥିଲେ।

## ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଅନିୟମିତତା ଅଭିଯୋଗ ଆଣିଲେ ପରିଚାଳନା କମିଟି

ରାୟଗଡ଼ା,(ନିପ୍ର): ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ଅନିୟମିତତା ସହ ଖାଦ୍ୟ ପ୍ରଦାନରେ ତ୍ରୁଟିକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ସାହୁଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏ ବିଷୟରେ ପ୍ରଦାନ କରାଯାଇଥିବା ଦାବିପତ୍ରରେ ଦର୍ଶାଯାଇଛି ଯେ, ଉକ୍ତ ବିଦ୍ୟାଳୟରେ ପ୍ରଥମ ଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଖାପାଖି ୧୬୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ଏହି ବିଦ୍ୟାର୍ଥୀମାନଙ୍କୁ ମଧ୍ୟାହ୍ନ ଭୋଜନ ଦାୟିତ୍ୱ ସ୍ଥାନୀୟ ଏକ ସ୍ୱୟଂ ସହାୟିକା ଗୋଷ୍ଠୀକୁ ହସ୍ତାନ୍ତର କରାଯାଇଥିବା ବେଳେ ଉକ୍ତ ଏସ୍‌ଏଚଜି ଦ୍ୱାରା ପିଲାଙ୍କୁ ମଧ୍ୟାହ୍ନଭୋଜନ ବଣ୍ଟନ ସମୟରେ ତ୍ରୁଟିପୂର୍ଣ୍ଣ ଖାଦ୍ୟ ପ୍ରଦାନ ଏବଂ ମନମୁଖି କରୁଥିବା ନେଇ ପିଲାମାନେ ପରିଚାଳନା କମିଟି ନିକଟରେ ଅନେକ ଥର ଫେରାଦ ହେଉଥିବା ସହ ମୌଖିକ ଭାବେ କହିଛନ୍ତି। ଏଥିସହ ଲିଖିତ ଆକାରରେ ମଧ୍ୟ ଅଭିଯୋଗ କରିଥିବା କମିଟି ଉଲ୍ଲେଖ କରିଥିବା ଜଣାପଡିଛି। ଦାବିପତ୍ର ପ୍ରଦାନ କରି ଏହାର ସଠିକ୍ ଭାବେ ଅନୁସନ୍ଧାନ କରାଯିବ ସହ ଆହୁରି ମଧ୍ୟ ଲେଖି ଜଣାଇଛନ୍ତି ଯେ, ଉକ୍ତ ଏସଏଚ୍‌ଜିର ସଭାପତିଙ୍କୁ ଖାଦ୍ୟ ସଂକ୍ରାନ୍ତରେ ପଚାରିବାରୁ ତାଙ୍କ ସ୍ୱାମୀ କମିଟିକୁ ଧମକ ଦେଇଥିବା ମଧ୍ୟ ଉଲ୍ଲେଖ ରହିଛି। ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ଖାଦ୍ୟ ପ୍ରଦାନ କରିବାର ସମୟସୀମା ଅତିକ୍ରାନ୍ତ ହୋଇଗଲାଣି । ଗତ ମାସ ମାର୍ଚ୍ଚ ୨୦୨୫ ଠାରୁ ଉକ୍ତ ଏସ୍‌ଏଚ୍‌ଜି ସଂସ୍ଥା ଆଜି ପର୍ଯ୍ୟନ୍ତ ଖାଦ୍ୟ ବଣ୍ଟନ କରିଚାଲିଛି। ଏହା ବେନିୟମ ହୋଇଥିଲେ ମଧ୍ୟ ଏଥିପ୍ରତି କାହାର ଦୃଷ୍ଟିକୁ ଆସୁନଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏନେଇ କମିଟି ପକ୍ଷରୁ ଗତ ୨୦୨୫ ସେପ୍ଟେମ୍ବର ମାସ ୮ ତାରିଖରେ ଏକ ଲିଖିତ ଅଭିଯୋଗ ପତ୍ର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରଯାଇଥିବା ବେଳେ କୌଣସି ଉତ୍ତର ନ ମିଳିବାରୁ ପୁଣିଥରେ ନଭେମ୍ବର ମାସରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ପହଁଚି ଅବଗତ କରାଇବା ସହ କମିଟି, କିଛି ପଦକ୍ଷେପ ନିଆଯାଇନଥିବା କୁହାଯାଉଥିବା ବେଳେ ପରିଶେଷରେ ପ୍ରଧାନ ଶିକ୍ଷକଙ୍କ ମାଧ୍ୟମରେ ଅଭିଯୋଗ ପତ୍ର ପ୍ରଦାନ କରଯାଇଛି। ଏହାପରେ ରାୟଗଡ଼ା ସିଡିପିଓ ଚଳିତ ବର୍ଷ ଗତ ଜାନୁଆରୀ ମାସରେ ବିଦ୍ୟାଳୟକୁ ଏମଡିଏମ୍ ବିଷୟରେ ଅନୁସଂଧାନ କରିଥିବା ନେଇ କମିଟିକୁ କୌଣସି ରିପୋର୍ଟ ପ୍ରଦାନ କରାଯାଇନଥିବା ଅଭିଯୋଗ କରିଥିବା ପ୍ରକାଶ କରିଥିଲେ। ଆହୁରି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଅନ୍ୟ ଏକ ଏସ ଏଚ୍ ଜି ପକ୍ଷରୁ ବଣ୍ଟନ କରାଯାଉଥିବା ମଣ୍ଡିଆ ଲଡୁର ବକେୟା ରାଶି ପୂର୍ବ ଏସଏସଜି ଆକାଉଣ୍ଟରେ ଥିଲେ ମଧ୍ୟ ତାହା ପ୍ରଦାନ କରଯାଉନଥିବା ବେଳେ ଚତୁରତାର ସହିତ ବିଦ୍ୟାଳୟର ଏମଡିଏମ୍ ସେଭିଂସ ଆକାଉଣ୍ଟ ନମ୍ବର ବଦଳାଇ ଦେଇ ନିଜ ନାମରେ ଏମଡିଏମ୍ ରାଶି ପ୍ରାପ୍ତ ସକାଶେ ଉକ୍ତ ଏସ ଏଚ୍ ଜି ଆକାଉଣ୍ଟ ନମ୍ବର ରଖାଯାଇଥିବା କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। ଅତଏବ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ଅନିୟମିତତା ଅଭିଯୋଗର ତଦନ୍ତ କରିବା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି ବୋଲି କମିଟି ସଭାପତି ମହେଶ୍ୱର ରନ୍ଦାଲୁ ପ୍ରକାଶ କରିଥିବା ସମୟରେ ୧୨ ଜଣିଆ ସଦସ୍ୟ ବିଶିଷ୍ଟ କମିଟି ସୁବାରାଓ ତୋଇକା, ସିରାଦୁ ଜିଲାକାରା, ମୂଳା ଆଡାବନ୍ନୁ, ସୁରେନା କନ୍ତାବଂଶ ଓ ଗଜିନ ଆଦାବଂଶ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବିଭିନ୍ନ ଥାନା ପକ୍ଷରୁ ଜୁଭେନଟିକା

ରାଉରକେଲା,(ନିପ୍ର): କିଶୋର କିଶୋରୀଙ୍କ ସୁରକ୍ଷା ସହ ନିରାପତ୍ତାକୁ ଦୃଷ୍ଟିରେ ରଖି ଓଡିଶା ପୋଲିସ୍ ଏବଂ ୟୁନିସେଫର ମିଳିତ ସହଯୋଗରେ ବିଭିନ୍ନ ଥାନାରେ ଆରମ୍ଭ କରାଯାଇଛି ଜୁଭେନଟିକା ସଚେତନତା କାର୍ଯ୍ୟକ୍ରମ। ଡିଜିଟାଲ ନିରାପତ୍ତା ସହ ଶିକ୍ଷାରେ ଇଣ୍ଟରନେଟର ବ୍ୟବହାରିତାକୁ ନେଇ ଓଡିଶା ପୋଲିସ୍ ପକ୍ଷରୁ ଆରମ୍ଭ କରାଯାଇଥିବା କିଶୋର କିଶୋରୀ କଲ୍ୟାଣ କାର୍ଯ୍ୟକ୍ରମରେ, ସେମାନଙ୍କ ସୁରକ୍ଷା ସହିତ ବିକାଶକୁ ଦୃଷ୍ଟିରେ ରଖି ଏହି 'ଜୁଭେନଟିକା' କଲ୍ୟାଣକାରୀ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ରାଉରକେଲା ସମେତ ସମଗ୍ର ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଜୁଭେନଟିକା (କିଶୋର କିଶୋରୀ କଲ୍ୟାଣ କାର୍ଯ୍ୟକ୍ରମ) ଆରମ୍ଭ କରାଯାଇଛି।



ଓଡିଶା ପୋଲିସ୍ ଓ ୟୁନିସେଫ୍‌ର ମିଳିତ ସହଯୋଗରେ ଆରମ୍ଭ କରାଯାଇଥିବା ଜୁଭେନଟିକା କାର୍ଯ୍ୟକ୍ରମରେ ଯୋଡି ହୋଇଛନ୍ତି ବିଭିନ୍ନ ଥାନା। ରାଉରକେଲା ପୋଲିସ ପକ୍ଷରୁ ଆରମ୍ଭ କରାଯାଇଥିବା ଜୁଭେନଟିକା କାର୍ଯ୍ୟକ୍ରମରେ ପଶ୍ଚିମାଞ୍ଚଳ ଆରକ୍ଷୀ ଉପ-ମହାନିରୀକ୍ଷକ ବ୍ରିଜେଶ କୁମାର ରାୟ ଏବଂ ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀ ଶୁକ୍ରବାର ରଘୁନାଥପାଲ୍ଲୀ ଥାନା ସମେତ ପ୍ଲାଣ୍ଟସାଇଟ୍, ସେକ୍ଟର-୭ ଥାନାରେ ଏହି ଜୁଭେନଟିକା (କିଶୋର କିଶୋରୀ କଲ୍ୟାଣ କାର୍ଯ୍ୟକ୍ରମ)କୁ ଉଦ୍ଘାଟନ କରିବା ସହ ସେଠାରେ ଉପସ୍ଥିତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଜୁଭେନଟିକା ସେମାନଙ୍କ ନିରାପତ୍ତା ବିଷୟରେ ସଚେତନ କରାଇବା ସହ ବିକାଶ ବିଷୟରେ କହିଥିଲେ।

ସେହିପରି ସୁନ୍ଦରଗଡ ଜିଲ୍ଲା ହାତୀବାରି ଥାନା ପକ୍ଷରୁ ଆଇଆଇସି ଗୀତାଞ୍ଜଳି ପିର୍ଥୀଙ୍କ ଅଧ୍ୟକ୍ଷତାରେ ଜୁଭେନଟିକା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା ବେଳେ ସଚେତନତା ମୂଳକ କାର୍ଯ୍ୟକ୍ରମରେ ନୂଆଗାଁ ଗ୍ରାମ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ବିକାଶ ଦାଶଙ୍କ ସମେତ ପୁରୁଣାପାଣି, କନ୍ଦରକେଲା, ଜାହାଡିଟୋଲି ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।

ଗୋଲାମୁଣ୍ଡା (ନି ପ୍ର ): ଗୋଲାମୁଣ୍ଡା ଓ କେଗାଁ ଥାନାରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହିଳା ଓ କିଶୋରୀ ବାଳିକାମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ । କେଗାଁ ଥାନା ଅଧିକାରୀ ସଂଗୀତା ବେକ ଓ ଗୋଲାମୁଣ୍ଡା ଥାନା ଅଧିକାରୀ ଯଶୋବନ୍ତ ସେଲମା ନିଜ ନିଜ ଥାନାରେ ଉପସ୍ଥିତ ଥିବା କିଶୋରୀ ବାଳିକାମାନଙ୍କୁ ସ୍ୱାଗତ କରି ଥାନା ଭିତରେ ଥିବା ଅଧିକାରୀ ମାନଙ୍କୁ ଅବଗତ କରାଇଥିଲେ । ଅଭ୍ୟର୍ଥନା ଦାୟିତ୍ୱରେ ଥିବା କର୍ମଚାରୀ ଓ ଅଧିକାରୀମାନେ କେଉଁ କେଉଁ ଦାୟିତ୍ୱରେ ଅଛନ୍ତି ସେ ସମ୍ପର୍କରେ କିଶୋରୀ ବାଳିକାମାନଙ୍କୁ ଦେଖାଇଥିଲେ। ପରେ ଅଭିଯୁକ୍ତକାରୀଙ୍କୁ ହାଜତ କୋଠରୀ ମଧ୍ୟ ଦେଖାଇଥିଲେ। ବିଭିନ୍ନ ପ୍ରକାର ସାଇବର ଠକେଇ, ଅନଲାଇନ ଖେଳ,ଗୁପ୍ତ କଥା କହି ଭୟ ଦେଖାଇ ଅର୍ଥ ଆଦାୟ କରିବା ସମ୍ବନ୍ଧରେ ଚଳଚିତ୍ର ଛବି ମାଧ୍ୟମରେ ସଚେତନ କରାଯାଇଥିଲା।

ଉକ୍ତ କାର୍ଯ୍ୟକ୍ରମରେ କେଗାଁଥାନାର ଏସ ଆଇ ହେମନ୍ତ କୁମାର ପାତ୍ର, ଏ ଏସ ଆଇ ଗୋପବନ୍ଧୁ ତାଣ୍ଡି,ସମସ୍ତ ପୁଲିସ କର୍ମଚାରୀ ଓ ବହୁ ସଂଖ୍ୟାରେ କିଶୋରୀ ବାଳିକା, ଅଙ୍ଗନୱାଡିକର୍ମୀ ଉପସ୍ଥିତ ଥିବାବେଳେ ଗୋଲାମୁଣ୍ଡା ଥାନାରେ ସିଡିପିଓ ପଦ୍ମା ପ୍ରଧାନ, ଏସ ଆଇ ବିଳାସିନୀ ଭୋଇ, ସମସ୍ତ ପୁଲିସ କର୍ମଚାରୀ, ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ ସମେତ ଶତାଧିକ କିଶୋରୀ ବାଳିକା ଓ ଅଙ୍ଗନୱାଡି କର୍ମୀ ଉପସ୍ଥିତଥିଲେ।

## କୁଶଭଦ୍ରା ନଦୀ ସୁରକ୍ଷା ପାଇଁ ଯୋଜନାବଦ୍ଧ ପଦକ୍ଷେପ ପାଇଁ ଆଲୋଚନା

ନିମାପଡ଼ା,(ନି.ପ୍ର.): କୁଶଭଦ୍ରା ନଦୀର ସୁରକ୍ଷା ତଥା ଚିରସ୍ରୋତା କରିବା ଲକ୍ଷ୍ୟରେ ଅଂଟା ଭିଡ଼ିଥିବା ସଂଗଠନ କୁଶଭଦ୍ରା ବଂଚାଅ ଅଭିଯାନର କର୍ମକର୍ତ୍ତାମାନଙ୍କ ରାଜ୍ୟସ୍ତରୀୟ ସଂଗଠନ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ତଥା ବରିଷ୍ଠ ଜନ ନେତା ସୁଦର୍ଶନ ଦାସଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରି ଆନ୍ଦୋଳନକୁ ସୁସଂଗଠିତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ । ମହାନଦୀକୁ ନେଇ ବିଭିନ୍ନ ସମସ୍ୟା, ଟ୍ରିବ୍ୟୁନାଲ କାର୍ଯ୍ୟର ଅଗ୍ରଗତି ଏବଂ ଦୀର୍ଘଦିନ ଧରି ଛତିଶଗଡ଼ର ମହାନଦୀ ଉପରେ ଏକଚାଟିଆ ମନୋବୃତି ଯୋଗୁଁ ଚାଷୀକୂଳ, ମତ୍ସ୍ୟଜୀବୀ ତଥା ନଦୀକୂଳ ଜନସାଧାରଣ ପାନୀୟ ଜଳ କଷ୍ଟ ସହ ଚାଷ ପାଇଁ ଚାଷୀ ଜଳ କଷ୍ଟ ଭୋଗୁ ଥିବାରୁ କ୍ଷୋଭ ପ୍ରକାଶ କରାଯାଇଥିଲା। ମହାନଦୀ ପ୍ରସଙ୍ଗକୁ ନେଇ ପ୍ରତି ଗ୍ରା.ପ.ରେ ଜନ ଜାଗରଣ ନିମନ୍ତେ ବୈଠକମାନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଥିଲା। କୁଶଭଦ୍ରା ବଂଚାଅ ଅଭିଯାନ ଅବାହକ ଆଦର୍ଶ ଦାଶ, ସଂଯୋଜକ ସମୀର ରାଉତରାୟ, ବିଜୟାନନ୍ଦ ଦାସ, ଉପଦେଷ୍ଟା ଅଜୟ ମିଶ୍ର, ରଂଜିତ ରଥ ପ୍ରମୁଖ ଆଲୋଚନାରେ ଉପସ୍ଥିତ ଥିଲେ।

## ନାରୀ ଅଧିନିୟମକୁ ବିରୋଧ, ପ୍ରତିବାଦ

ରାୟଗଡା,(ନି:ପ୍ର): ମହିଳାଙ୍କ ସୁରକ୍ଷା, ସମ୍ମାନ, ଓ ଅଧିକାରକୁ ଅଧିକ ସଶକ୍ତ ଓ ଟାଣ, ତଥା ସୁଦୃଢ କରିବା ପାଇଁ ଅଣାଯାଇଥିବା ନାରୀ ଅଧିନିୟମକୁ କେତେକ ରାଜନୈତିକ ଦଳ ପକ୍ଷରୁ ବିରୋଧ କରାଯାଇଥିବା ବେଳେ ଉକ୍ତ ଅଣାଯାଇଥିବା ଅଧିନିୟମକୁ ଆଉ କେତେକ ସଂଗଠନ ମଧ୍ୟ ବିରୋଧ କରିଥିବା ପ୍ରତିବାଦରେ ରାୟଗଡା ଜିଲ୍ଲା ଆମ୍ବଦଳା ଅଞ୍ଚଳର ମହିଳା ମୋର୍ଚ୍ଚା ପକ୍ଷରୁ ଏକ ବିଶାଳ ଆକ୍ରୋଶ ଶୋଭାଯାତ୍ରା ଓ ରାଲି କରାଯାଇଛି। ଏହି ରାଲିରେ ବହୁ ସଂଖ୍ୟକ ମହିଳା କର୍ମୀ, ଯୁବକର୍ମୀ, ଏବଂ ଦଳୀୟ ନେତାମାନେ ଯୋଗଦେଇ ମହିଳାଙ୍କ ଅଧିକାର ଓ ସୁରକ୍ଷାକୁ ନେଇ ସ୍ଲୋଗାନ ଦେଇଥିଲେ। ଶୋଭାଯାତ୍ରା ଅମ୍ବାଦଳା ମୁଖ୍ୟ ବଜାର ଅଞ୍ଚଳ ପରିକ୍ରମା କରି ବିଭିନ୍ନ ସ୍ଥାନରେ ସଚେତନତା ମଧ୍ୟ କରିଥିଲେ। ହାତରେ ପ୍ଲାକାର୍ଡ ଓ ବ୍ୟାନର ଧରି ମହିଳା କର୍ମୀମାନେ ନାରୀ ସୁରକ୍ଷା ଓ ସମ୍ମାନ ପକ୍ଷରେ ସ୍ୱର ଉଠାଇଥିଲେ। ପରେ ମହିଳା ସମାବେଶର ଆୟୋଜନ କରାଯାଇଥିଲା। ମହିଳାଙ୍କୁ ନ୍ୟାୟ ଓ ସୁରକ୍ଷା ପାଇଁ ଅଣାଯାଇଥିବା ଆଇନକୁ ବିରୋଧ କରିବା ଦୁର୍ଭାଗ୍ୟଜନକ ବୋଲି ଅଭିହିତ କରାଯାଇଥିଲା।

## ଭଦ୍ରକରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଭଦ୍ରକ,(ନିପ୍ର): କଟକଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲା ନ୍ୟାୟାଳୟ, ନଳାଙ୍ଗ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନା ଅଧ୍ୟକ୍ଷତା କରିଥିବାବେଳେ ଜିଲ୍ଲା ଆଇନ ସେବା ପ୍ରାଧିକାରଣର ସଚିବ ପୁଣ୍ୟଶ୍ଳୋକ ରଥ ଏହି ଲୋକ ଅଦାଲତକୁ ପରିଚାଳନା କରିଥିଲେ ।ମୋଟ (ଦୁଇ କୋଟି ଛୟାଅଶି ଲକ୍ଷ ଚଉରାଳିଶ ହଜାର ସତଷଠି)ଟଙ୍କାରେ ୮୩୮ (ଆଠଶହ ଅଡତିରିଶି)ଟି ମକଦ୍ଦମାର ଆପୋଷ ସମାଧାନ ହୋଇ ଥିଲା। ସେଗୁଡିକ ମଧ୍ୟରେ ପ୍ରାକ୍ ମକଦ୍ଦମା ସ୍ତରରେ ୭୩୯୯୦୦୨ (ତେସ୍ତରି ଲକ୍ଷ ଅନେଶତ ହଜାର ଦୁଇ) ଟଙ୍କାରେ ୩୮୨ (ତିନିଶହ ବୟାଅଶି)ଟି ଏବଂ ମୋଟ ୨୧୨୪୫୩୬୪(ଦୁଇକୋଟି ବାରଲକ୍ଷ ପଇଁଚାଳିଶହଜାର ତିନିଶହ ଚଉଷଠି) ଟଙ୍କାରେ ୪୫୬(ଚାରିସହ ଛପନ)ଟି ବିଚାରଧୀନ ମକଦ୍ଦମାର ଆପୋଷ ସମାଧାନ ହୋଇଥିଲା। ସେଗୁଡିକ ମଧ୍ୟରେ ବିଭିନ୍ନ ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲର ବିଚାରାଧୀନ ଥିବା ୧୪ଟି ମାମଲାର ୧୧୦୭୩୦୦୦ ଟଙ୍କାରେ, ୩୯ ଟି ଚେକ ବାଉନ୍ସ ପୁନଃରୁଦ୍ଧାର ମାମଲା ୭୧୯୭୩୨୪ ଟଙ୍କାରେ, ୨୩ ଟି ବୈବାହିକ ବିବାଦ, ୮୨ ଟି ରାଜସ୍ୱ ମୋକଦ୍ଦମା, ୨୭ ଟି ଅନ୍ୟାନ୍ୟ ଦେୱାନୀ ମାମଲା, ପ୍ରାକ



ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କର ୧୩୬ ଟି ବ୍ୟାଙ୍କ ଋଣ ମାମଲା ୪୩୮୦୮୩୩ ଟଙ୍କାରେ ଭାରତ ସଂଚାର ନିଗମ ଲିମିଟେଡ଼ର ଟେଲି ଫୋନ୍ ବିଲ ସମ୍ବନ୍ଧୀୟ ୬ ଟି ମାମଲା ୧୦୨୦୦ ଟଙ୍କାରେ, ବିଦ୍ୟୁତ୍ ବିଭାଗ ର ୧୫୫ଟି ମାମଲା ୨୭୦୦୦୦୦ ଟଙ୍କାରେ , ୨୬ ଟି ବକେୟା ଟ୍ରାଫିକ ଚାଲାଣ ୧୬୮୬୪୦ଟଙ୍କକ୍ଷ ରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଛି।

## ଧନସରା ଗ୍ରାମ ରାସ୍ତା ଭୁଶୁଡ଼ି ଥିବା ସମୀକ୍ଷା କଲେ ବିଧାୟକ

କାଶୀନଗର,(ନିପ୍ର): କାଶୀନଗର ବ୍ଲକ ଅନ୍ତର୍ଗତ ଖାରଡା ପଞ୍ଚାୟତ ମଧ୍ୟରେ ଥିବା ଧନସରା ଗ୍ରାମର ମୁଖ୍ୟ ରାସ୍ତା ତଥା ତାକୁ ସଂଲଗ୍ନ ଥିବା ପାଚେରୀ ସମ୍ପୂର୍ଣ ଭାବେ ଭୁଶୁଡ଼ି ପଡ଼ିଥିବା ଗ୍ରାମବାସୀ ବହୁ ଦିନ ହେଲା ବିଧାୟକଙ୍କ ନିକଟରେ ଅଭିଯୋଗ କରିଥିଲେ। ପାରଳାଖେମୁଣ୍ଡି ବିଧାୟକ ଇଂ ରୁପେଶ କୁମାର ପାଣିଗ୍ରାହୀ ଖାରଡ଼ା ସରପଞ୍ଚଙ୍କ ସହ ମିଶି ସେହି ଗ୍ରାମକୁ ଗସ୍ତ କରି ପ୍ରତ୍ୟକ୍ଷ ଭାବେ ରାସ୍ତାର ପାରିପାର୍ଶ୍ୱିକ ଅବସ୍ଥା ତଥା ରାସ୍ତାର ବିପର୍ଯ୍ୟୟ ଅବସ୍ଥା ଦେଖି ରାସ୍ତା ନ ଥିବାରୁ ଲୋକ ମାନେ କେତେ ହଇରାଣ ହେଉଛନ୍ତି ତାହା ସେ ନିଜ ଅବଗତ ହୋଇ ବିପର୍ଯ୍ୟସ୍ତ ରାସ୍ତାର ମରାମତି କାର୍ଯ୍ୟ ତୁରନ୍ତ କରାଯିବ ବୋଲି ବିଧାୟକ ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଇ ବିଭାଗୀୟ ଅଧିକାରୀଙ୍କୁ ରାସ୍ତାର ଦୂରବସ୍ଥା ବିଷୟରେ ଅବଗତ କରି ସମସ୍ୟାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ନିର୍ମାଣ କାର୍ଯ୍ୟରେ ନାବାଳକ ନିୟୋଜିତ

ପୁରୀ,(ନିପ୍ର): ଶିଶୁ ଶ୍ରମିକ ନିଯୁକ୍ତ ସମ୍ପର୍କରେ ସୂଚନା ପାଇବା ପରେ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଶିଶୁ ହେଲ୍ପଲାଇନ୍ ପୁରୀ ମିଳିତ ଭାବେ ଶିଶୁ ହେଲ୍ପଲାଇନ୍ ସଂଯୋଜକଙ୍କ ନିର୍ଦ୍ଦେଶରେ ଏକ କ୍ଷେତ୍ର ପରିଦର୍ଶନ କରିଥିଲେ। ତଦନୁସାରେ, ଶିଶୁ ହେଲ୍ପଲାଇନ୍ ସୁପରଭାଇଜର ସୁଶ୍ରୀ ଅଭିଲିପ୍ସା ପଟ୍ଟନାୟକ ଏବଂ କେସ୍ ୱାର୍କର ରାଜେଶ ଜେନା ଯାଞ୍ଚ ଏବଂ ହସ୍ତକ୍ଷେପ ପାଇଁ ପୁରୀର ଜଗନ୍ନାଥ ଷ୍ଟାଡିୟମ ନିକଟ ପେଣ୍ଟକଟାରେ ପହଞ୍ଚିଥିଲେ।

କ୍ଷେତ୍ର ପରିଦର୍ଶନ ସମୟରେ, ଦଳର ସଦସ୍ୟ ଦେଖିଲେ ଯେ ପ୍ରାୟ ୧୩ ବର୍ଷ ବୟସର ଏକ ବାଳକ ସେହି ସ୍ଥାନରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲା। ଶିଶୁ ହେଲ୍ପଲାଇନ୍ କର୍ମକର୍ତ୍ତା ତୁରନ୍ତ ସେଠାରେ ଉପସ୍ଥିତ ଶ୍ରମିକମାନଙ୍କ ସହିତ ଆଲୋଚନା କରିଥିଲେ ଏବଂ ସେମାନଙ୍କୁ ଶିଶୁ ଶ୍ରମିକ (ନିଷେଧ ଏବଂ ନିୟନ୍ତ୍ରଣ) ଆଇନର ବ୍ୟବସ୍ଥା ଏବଂ ଶିଶୁ ଶ୍ରମିକର କ୍ଷତିକାରକ ପ୍ରଭାବ ବିଷୟରେ ସଚେତନ କରିଥିଲେ। ଦଳ ଠିକାଦାରଙ୍କ ସହିତ ଯୋଗାଯୋଗ କରିବାକୁ ମଧ୍ୟ ଚେଷ୍ଟା କରିଥିଲା; କିନ୍ତୁ, ଘଟଣାସ୍ଥଳରେ ଠିକାଦାରଙ୍କ ଯୋଗାଯୋଗ ନମ୍ବର ମିଳିପାରିଲା ନାହିଁ।

ଏହାପରେ, ଶିଶୁର ସୁରକ୍ଷା ଏବଂ ସୁସ୍ଥତାକୁ ବିଚାର କରି, ଶିଶୁ ହେଲ୍ପଲାଇନ୍ କର୍ମକର୍ତ୍ତା ଶିଶୁକୁ କର୍ମକ୍ଷେତ୍ରରୁ ଉଦ୍ଧାର କରିଥିଲେ ଏବଂ ଅଧିକ ଯତ୍ନ, ସୁରକ୍ଷା ଏବଂ ଆବଶ୍ୟକୀୟ ଆଇନଗତ ହସ୍ତକ୍ଷେପ ପାଇଁ ଶିଶୁ କଲ୍ୟାଣ କମିଟି, ପୁରୀ ସମ୍ମୁଖରେ ଉପସ୍ଥାପନ ପାଇଁ ଆଣିଥିଲେ। ଶିଶୁ ଏବଂ ଅନ୍ୟ ଶ୍ରମିକମାନଙ୍କ ସହିତ ଆଲୋଚନା ସମୟରେ ଜଣାପଡିଲା ଯେ ସେମାନେ ପ୍ରାୟ ତିନି ଦିନ ପୂର୍ବରୁ ଆନ୍ଧ୍ରପ୍ରଦେଶରୁ କାମ ପାଇଁ ଆସିଥିଲେ।

ଶିଶୁ ମଙ୍ଗଳ କମିଟି ସମ୍ମୁଖରେ ଉପସ୍ଥାପନା ସମୟରେ, ଗେଲ ଗ୍ୟାସର ପ୍ରକଳ୍ପ ପ୍ରଭାରୀ ଏବଂ ସମ୍ପୃକ୍ତ ସୁପରଭାଇଜରଙ୍କୁ ମଧ୍ୟ କମିଟି ସମ୍ମୁଖରେ ଅଣାଯାଇଥିଲା। ସେମାନଙ୍କ ଠାରୁ ଏକ ପ୍ରତିଶ୍ରୁତି ମିଳିଥିଲା ଯେ ଭବିଷ୍ୟତରେ ସେମାନଙ୍କ ପ୍ରକଳ୍ପ ଅଧୀନରେ କୌଣସି ଶିଶୁଙ୍କୁ ଶ୍ରମିକ କାର୍ଯ୍ୟରେ ନିୟୋଜିତ କରାଯିବ ନାହିଁ। ଏହି ମାମଲାକୁ ଗମ୍ଭୀରତାର ସହ ନେଇ, ସି ଡବ୍ଲୁ ସି ଏହି ମାମଲାରେ ଆବଶ୍ୟକ ହସ୍ତକ୍ଷେପ କରିବାକୁ ନିଷ୍ପତ୍ତି ନେଇଥିଲା।

ସି ଡବ୍ଲୁ ସିରେ ଉପସ୍ଥାପନା ସମୟରେ ଶିଶୁର ମା' ମଧ୍ୟ ଶିଶୁ ସହିତ ଉପସ୍ଥିତ ଥିଲେ। ଶିଶୁ ଅଧିକାର, ଶିକ୍ଷା ଏବଂ ଶିଶୁ ଶ୍ରମର କ୍ଷତିକାରକ ପ୍ରଭାବ ବିଷୟରେ ତାଙ୍କୁ ପରାମର୍ଶ ଦିଆଯାଇଥିଲା। ସି ଡବ୍ଲୁ ସି ପୁରୀ ନିର୍ଦ୍ଦେଶ ନଂ ୩୬୭ ଅନୁଯାୟୀ, ଉପଯୁକ୍ତ ପଦକ୍ଷେପ ସହିତ ଭବିଷ୍ୟତରେ ଶିଶୁକୁ ଶ୍ରମିକ କାର୍ଯ୍ୟରେ ନିୟୋଜିତ କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ସହିତ ଶିଶୁକୁ ତାଙ୍କ ମା'ଙ୍କ ହେପାଜତକୁ ଫେରାଇ ଦିଆଯାଇଥିଲା। ପରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଶିଶୁ ହେଲ୍ପଲାଇନ୍ କର୍ମକର୍ତ୍ତାଙ୍କ ଦ୍ୱାରା ଆବଶ୍ୟକ ହସ୍ତକ୍ଷେପ କରାଯାଇ ଶିଶୁର ଯତ୍ନ, ସୁରକ୍ଷା ଏବଂ ପୁନର୍ବାସ ପାଇଁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା।

## ଅସହାୟ ଓ ଦୁର୍ବଳ ବର୍ଗଙ୍କୁ ସହଯୋଗ କରିବା ରେଡକ୍ରସର ମୂଳ ଲକ୍ଷ୍ୟ

**ଯାଜପୁର,**(ନିପ୍ର): ଯାଜପୁର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ରେଡକ୍ରସ ଶାଖା ଆନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ତଥା ଅଧ୍ୟକ୍ଷ ଜିଲ୍ଲା ରେଡକ୍ରସ ଶାଖା ଅମ୍ବର କୁମାର କର ମାନବ ସେବା, ସହାନୁଭୂତି ଓ ସ୍ୱେଚ୍ଛାସେବାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଲେ ରେଡକ୍ରସ କେବଳ ଏକ ସଂଗଠନ ନୁହେଁ, ଏହା ମାନବତାର ପ୍ରତୀକ । ଦୁର୍ଯୋଗ, ରକ୍ତଦାନ, ସ୍ୱାସ୍ଥ୍ୟ ସଚେତନତା ଓ ସେବା କ୍ଷେତ୍ରରେ ରେଡକ୍ରସର ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ । ବିରଳ ବ୍ଲଡ଼ ଗ୍ରୁପର ବ୍ଲଡକୁ ସଂରକ୍ଷଣ କରି ରଖିବାକୁ ପରାମର୍ଶ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ କହିଲେ ସମାଜର ଅସହାୟ ଓ ଦୁର୍ବଳ ବର୍ଗଙ୍କୁ ସହଯୋଗ କରିବା ହିଁ ରେଡକ୍ରସର ମୂଳ ଲକ୍ଷ୍ୟ । ଯୁବପିଢ଼ିଙ୍କୁ ଏହି ସେବା ମନୋଭାବରେ ସାମିଲ କରିବା ଆବଶ୍ୟକ । ରକ୍ତଦାନ ଓ ସାମାଜିକ ସେବା ମାଧ୍ୟମରେ ରେଡକ୍ରସ ଲୋକଙ୍କ ମନରେ ଏକ ବିଶ୍ୱାସର ପରିଚୟ ସୃଷ୍ଟି କରିଛି ବୋଲି ସେ ଆଶା ପ୍ରକାଶ କରିଥିଲେ । ଉକ୍ତ ଦିବସରେ ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗ ନଗର ସପନ କୁମାର ନନ୍ଦ, ଅଧ୍ୟକ୍ଷା ପୌର ପରିଷଦ, ଯାଜପୁର ରଞ୍ଜୁଲତା ହୋତା, ଏ.ଡି.ଏମ.ଓ. ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ।

**କୁଚିଣ୍ଡା,:** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଅରୁଣୋଦୟ ମାନସିକ ଭିନ୍ନକ୍ଷମ ବିଦ୍ୟାଳୟରେ ଶୁକ୍ରବାର ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ରକ୍ତଦାନ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା। ରୋପ ସଭାପତି ବିଭୂତି କଲ୍ୟାଣ ପଟେଲଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ସରୱନନ୍ ସ ମୁଖ୍ୟଅତିଥି,ଡା. ଶରତ ଚନ୍ଦ୍ର ଗୌନ୍ତିଆ, ବିଦ୍ୟାଳୟ ସମ୍ପାଦକ ମନୋଜ କୁମାର ସାହୁ,କୃଷି ଅଧିଦର୍ଶିକା ରୋଜାଲିନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଦେଇଥିଲେ। ବିଶ୍ୱ ରେଡକ୍ରସ ପ୍ରତିଷ୍ଠାତା ଜନ ହେନେରୀ ଦ୍ୟୁନାଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରି ରକ୍ତଦାନ ଦ୍ୱାରା ଜଣେ ବ୍ୟକ୍ତି ନୂତନ ଜୀବନ ପାଇ ଏକ ନୂଆ ଦୁନିଆଁ ଦେଖିଥାଏ ବୋଲି ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ।

ତେଣୁ ଏଭଳି ମହତ କାମ ପାଇଁ ଯୁବ ସମାଜ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କୁଚିଣ୍ଡା ଉପଖଣ୍ଡ ରକ୍ତଭଣ୍ଡାର ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ପରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ରୋପ ଅନୁଷ୍ଠାନ ସଂଯୋଜକ ବିମଳ ମେହେର,ଭୂମିଶ୍ୱେତା ଧିରୁଆ,ଜୁଲି ମହନ୍ତ,ଚୁମକି ବାଘ ପ୍ରମୁଖ ସହଯୋଗ କରିଥିଲେ।

**ଭଦ୍ରକ,:** ବିଶ୍ୱ ରେଡକ୍ରସ ଦିବସ ଅବସରରେ ଭଦ୍ରକ ଜିଲ୍ଲା ରେଡକ୍ରସ ଶାଖା ପକ୍ଷରୁ ଆଜି ଭଦ୍ରକ କଲେକ୍ଟରେଟ୍ ସମ୍ମିଳନୀ କକ୍ଷରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ରେଡକ୍ରସ ଶାଖାର ଅଧ୍ୟକ୍ଷ ଦିଲୀପ ରାଉତରାଏଙ୍କ ଦ୍ୱାରା ପତାକା ଉତ୍ତୋଳନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହାସହ କଲେକ୍ଟରେଟ୍ ପରିସରରେ ରକ୍ତଦାନ ଶିବିରର ଉଦ୍ଘାଟନ ହୋଇଥିଲା ।ମାନବତାର କାମନାରେ ଉପସ୍ଥିତ ସମସ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଜିଲ୍ଲା ରେଡକ୍ରସ ଶାଖାର ସଚିବ ଡେପୁଟି କଲେକ୍ଟର (ଜରୁରୀକାଳୀନ) ଲୋକନାଥ ପ୍ରସାଦ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ୨୦୨୫-୨୬ ବର୍ଷର କାର୍ଯ୍ୟକଳାପ ରିପୋର୍ଟ ଉପସ୍ଥାପନ କରାଯାଇଥିଲା ।ଏହି ଅବସରରେ ବିଶିଷ୍ଟ ସଦସ୍ୟମାନେ ରେଡକ୍ରସର ମାନବସେବା, ରକ୍ତଦାନ ଓ ସାମାଜିକ କାର୍ଯ୍ୟକଳାପ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଜିଲ୍ଲାପାଳ ତାଙ୍କ ଉଦ୍‌ବୋଧନରେ ରେଡକ୍ରସ ସେବାକୁ ମାନବତାର ସର୍ବୋଚ୍ଚ ପରିଚୟ ବୋଲି କହିବା ସହ ସମସ୍ତଙ୍କୁ ସ୍ୱେଚ୍ଛା ରକ୍ତଦାନ ଓ ସାମାଜିକ ସେବାରେ ସାମିଲ ହେବାକୁ ଆହ୍ୱାନ କରିଥିଲେ।

**ବୁଗୁଡ଼ା,:** ସ୍ଥାନୀୟ ପିପୁଲ୍ସ କଲେଜରେ ଯୁବ ରେଡକ୍ରସ ୟୁନିଟ୍ ପକ୍ଷରୁ ବିଶ୍ୱ ରେଡକ୍ରସ ଏବଂ ରେଡ୍ କ୍ରିସେଣ୍ଟ ଦିବସ ପାଳିତ ହୋଇଯାଇଛି ।ଏହି ସଭାରେ କଲେଜର ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ ଅଧ୍ୟକ୍ଷତା କରିବା ସହ ପ୍ରାରମ୍ଭିକ ଭାଷଣରେ




ସ୍ୱେଚ୍ଛାସେବୀଙ୍କୁ ବିଶ୍ୱ ରେଡକ୍ରସ ଦିବସର ମହତ୍ତ୍ୱ ବୁଝାଇବା ସହ ନିଃସ୍ୱାର୍ଥପର ସେବା ପ୍ରଦାନ କରିବାକୁ ଉତ୍ସାହିତ କରିଥିଲେ।

ଏହି ସଭାରେ ରାଜନୀତି ବିଜ୍ଞାନ ଅଧ୍ୟାପକ ଲୋକନାଥ ବେହେରା ଅତିଥି ଭାବରେ ଯୋଗଦେଇ ବିଶ୍ୱ ରେଡକ୍ରସ ଦିବସ ପାଳନର ମୌଳିକ ଆଦର୍ଶ ଏବଂ ଆବଶ୍ୟକତା ବିଷୟରେ ସେଚ୍ଛାସେବୀଙ୍କୁ ଅବଗତ କରାଇଥିଲେ ।ଯୁବ ରେଡକ୍ରସର ଉପଦେଷ୍ଟା ଅଧ୍ୟାପକ ପବିତ୍ର ଖଣ୍ଡୁଆଳ ରେଡକ୍ରସର ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କ ଜୀବନୀ,ଆଦର୍ଶ ଏବଂ ଯୁଦ୍ଧରେ ପୀଡ଼ିତଙ୍କ ପ୍ରତି ତାଙ୍କର ଅବଦାନ ବଖାଣିବା ସହ ରେଡକ୍ରସର ସୃଷ୍ଟି ଏବଂ ମୌଳିକ ଆଦର୍ଶ ବିଷୟରେ ଅବଗତ କରାଇଥିଲେ । ଉକ୍ତ ସଭାରେ ଅତିଥି ବୃନ୍ଦ ସେଚ୍ଛାସେବୀଙ୍କୁ ବିଶ୍ୱର ବିଭିନ୍ନ ସଙ୍କଟ,ଯୁଦ୍ଧ,ପ୍ରାକୃତିକ ବିପର୍ଯ୍ୟୟ ଓ ଜରୁରୀକାଳୀନ ପରିସ୍ଥିତିରେ ଜନସାଧାରଣଙ୍କୁ ନିଃସ୍ୱାର୍ଥପର ସେବା ଯୋଗାଇଦେବେ ନିମନ୍ତେ ଆହ୍ୱାନ ଦେଇଥିଲେ।

**ପୁରୀ :** ରେଡକ୍ରସ ବିଶ୍ୱର ସର୍ବ ବୃହତ ମାନବ ସେବାକାରୀ ଅନୁଷ୍ଠାନ ।ପ୍ରାକୃତିକ ବିପର୍ଯ୍ୟୟ, ଯୁଦ୍ଧ ବା ଅନ୍ୟ ଯେ କୌଣସି ବିପର୍ଯ୍ୟୟର ସମ୍ମୁଖୀନ ମଣିଷ ମାନଙ୍କୁ ସହାୟତା ପାଇଁ ରେଡକ୍ରସ ସର୍ବ ପ୍ରଥମେ ପହଞ୍ଚି ଥାଏ ।ତେଣୁ ଆଜିର ଯୁବ ପିଢି ସେବା ମୂଳକ କାର୍ଯ୍ୟରେ ବ୍ରତୀ ହେବାକୁ ଆହ୍ୱାନ ଦେଇଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ବିଶ୍ୱ ରେଡ଼କ୍ରସ ଦିବସ ଅବସରରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ବେହେରା ପୁରୀ ଜିଲ୍ଲା ରେଡକ୍ରସ



ଶାଖା ମାନବ ସେବାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି । ଏହି ସେବାକୁ ଆହୁରି ପରିବ୍ୟାପ୍ତ କରିବାକୁ ଆହ୍ୱାନ ଦେଇଥିଲେ। ସେବା ଏକ ଐଶ୍ୱରୀୟ ଗୁଣ। ଏହାକୁ ପ୍ରଦାନ କରୁଥିବା ପ୍ରତ୍ୟେକ ବ୍ୟକ୍ତି ମହାନ ଅଟନ୍ତି। ସମାଜରେ ବିଭିନ୍ନ ସେବାରେ ବ୍ରତୀ ସ୍ୱେଚ୍ଛାସେବୀ ମାନେ ସେମାନଙ୍କ ସେବାକୁ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ରେଡକ୍ରସ ପୁରୀ ଜିଲ୍ଲା ଶାଖାର ସମ୍ପାଦକ ତଥା ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡା ବିପିନ ବିହାରୀ ଖୁଣ୍ଟିଆ,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ରେଡକ୍ରସ କାର୍ଯ୍ୟ କାରିଣୀ ସଦସ୍ୟ ପ୍ରମୁଖ ଯୋଗ ଦେଇ ରେଡକ୍ରସ ସଂସ୍ଥା, ପ୍ରତିଷ୍ଠାତା ହେନେରୁ ଡୁନାଣ୍ଟ ଓ ସେବା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।

ତିଥି :(ଅଷ୍ଟମୀ): (ଧନିଷ୍ଠା ମକର)
ଅମୃତ ବେଳା: ଦିବା ଘ ୬।୬ ଗତେ ଘ ୯।୧୮ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେ ସମସ୍ତ ନାଶବାନ୍ ପ୍ରାଣୀଙ୍କ ମଧ୍ୟରେ ପରମାତ୍ମାଙ୍କୁ ନାଶରହିତ ଓ ସମରୂପେ ସ୍ଥିତ ଦେଖେ, ସେ ବାସ୍ତବରେ ଠିକ୍ ଦେଖେ ।।
- ଶ୍ରୀମଦ୍ ଭଗବଦ୍ ଗୀତା

# କାପୁରୁଷତାର ଦୃଷ୍ଟାନ୍ତ

ଏକ ଐତିହାସିକ ରାଜନୈତିକ ବିପର୍ଯ୍ୟୟ ନିକଟରେ ଘଟିଥିଲା ଯେବେ ବିଜେପିର ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ତାଙ୍କ ଭବାନୀପୁର ଆସନରେ ୧୫ହଜାରରୁ ଅଧିକ ଭୋଟରେ ପରାସ୍ତ କଲେ। ପୁଣି ରାଜ୍ୟରେ ବିଜେପିର ପ୍ରଥମ ଥର ପାଇଁ ଏହି ରାଜ୍ୟ ବିଧାନସଭା ନିର୍ବାଚନରେ ବହୁମତ ପାଇଲା। ଏହି ପରାଜୟ ବାନାର୍ଜୀଙ୍କ ନିର୍ବାଚନମଣ୍ଡଳୀ ଉପରେ ୧୫ ବର୍ଷର ପ୍ରଭାବକୁ ସମାପ୍ତ କରିଛି, ଯାହା ତାଙ୍କ ରାଜନୈତିକ ପରିଚୟର ପ୍ରତୀକ ଥିଲା। ଫଳାଫଳ ଏକ ବ୍ୟାପକ ଶାସନ ବିରୋଧୀ ଲହରକୁ ପ୍ରତିଫଳିତ କରେ ଏବଂ ବଙ୍ଗଳାର ରାଜନୈତିକ ଦୃଶ୍ୟପଟ୍ଟରେ ଏକ ନାଟକୀୟ ପରିବର୍ତ୍ତନକୁ ସଙ୍କେତ ଦିଏ।

ମମତା ବାନାର୍ଜୀଙ୍କୁ ପରାଜିତ କରିଥିବା ଶୁଭେନ୍ଦୁ ଅଧିକାରୀଙ୍କ ଡାହାଣ ହାତ ବୋଲି ବିବେଚିତ ଚନ୍ଦ୍ରନାଥ ରଥ ।ତାଙ୍କ ହତ୍ୟା ପଶ୍ଚିମବଙ୍ଗର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଗମ୍ଭୀର ପ୍ରଶ୍ନ ଉଠାଇବା ସ୍ୱାଭାବିକ। ଚନ୍ଦ୍ରନାଥଙ୍କ ମା' ଙ୍କ ଏକ ବ୍ୟାଖ୍ୟା ମୁତାବକ ବିରୋଧୀ ନେତାମାନେ ଏକଦା ମଞ୍ଚରୁ କହିଥିଲେ ଯେ "୪ ତାରିଖ ପରେ, ଦିଲ୍ଲୀର କୌଣସି ବାପା ମଧ ତୁମକୁ ରକ୍ଷା କରିପାରିବେ ନାହିଁ।"ଏହି ବିବୃତି ହିଁ ଆଗକୁ ଘଟିବାକୁ ଥିବା କାଣ୍ଡର ପୂର୍ବାଭାସ ବୋଲି କୁହାଯିବା ଅସଙ୍ଗତ ହେବ ନାହିଁ । ଏହା ଜଣାଶୁଣା ଯେ ନନ୍ଦୀଗ୍ରାମ ଏବଂ ଭବାନୀପୁର ଭଳି ହାଇପ୍ରୋଫାଇଲ ଅଞ୍ଚଳରେ ନିର୍ବାଚନ ପରିଚାଳନା ତଦାରଖ କରିଥିଲେ ଚନ୍ଦ୍ରନାଥ ରଥ,ଯିଏ କି ଶୁଭେନ୍ଦୁଙ୍କ ଥିଲେ ପିଏ।

ଯାହା ମନେ ହୁଏ ଏହି ରାଜନୈତିକ ସକ୍ରିୟତା ହେତୁ ତାଙ୍କୁ ତାଙ୍କ ଜୀବନ ଅଭାବିତ ସ୍ଥିତିରେ ଦେବାକୁ ପଡ଼ିଲା ।ଯାହା ବର୍ତ୍ତମାନ ସୁଦ୍ଧା ହୋଇଥିବା ତଦନ୍ତ ପ୍ରକଟିତ କରେ ଯେ ଆକ୍ରମଣକାରୀମାନେ କାର୍ ଏବଂ ଅପରାଧ ଲାଗି ବ୍ୟବହୃତ ଦୁଇଟି ବାଇକରେ ନକଲି ଲାଇସେନ୍ସ ପ୍ଲେଟ ଲଗାଇଥିଲେ। ସିଲିଗୁଡ଼ି ଆରଟିଓ ରେକର୍ଡ ଅନୁଯାୟୀ, ଲାଇସେନ୍ସ ପ୍ଲେଟଗୁଡ଼ିକ ଅନ୍ୟ ଏକ ଗାଡ଼ିର ଥିଲା। ଏହା ବ୍ୟତୀତ, ପୋଲିସ ପ୍ରକୃତ ମାଲିକଙ୍କୁ ଚିହ୍ନଟ କରିବାରେ ବାଧା ଦେବା ପାଇଁ ଅପରାଧୀମାନେ କାର୍‌ଗୁଡ଼ିକର ଚେସିସ ଏବଂ ଇଞ୍ଜିନ ନମ୍ବର ମଧ ଲିଭାଇ ଦେଇଥିଲେ। ଅର୍ଥାତ୍ ଏହି ହତ୍ୟାକାଣ୍ଡ ପୂର୍ବ ଷଡ଼ଯନ୍ତ୍ର ଆଧାରିତ ନିଶ୍ଚିତ।

' ଆମେ ସୁନିଶ୍ଚିତ କରିବୁ ଯେ କୌଣସି ମାଆ ତାଙ୍କ ପିଲାକୁ ହରାଇବେ ନାହିଁ। ଆମେ କୌଣସି ନିଷ୍କର୍ଷରେ ପହଞ୍ଚି ପାରୁନାହୁଁ, କିନ୍ତୁ ରାଜନୈତିକ ଲିଙ୍କ୍ ଥାଇପାରେ,' ଶୁଭେନ୍ଦୁ ଅଧିକାରୀଙ୍କ ଏପରି ବିବୃତିରୁ ସ୍ପଷ୍ଟ ମନେ ହୁଏ ଯେ ଗଭୀର ଈର୍ଷା,କ୍ରୋଧ,ଘୃଣା ଏବେ ରାଜନୈତିକ ପରିସରକୁ ରକ୍ତରଂଜିତ କରିଛି ବୋଲି ରକ୍ତ ଚରିତ୍ରଙ୍କ ଆବିର୍ଭାବ ଘଟୁଛି। ପଶ୍ଚିମବଙ୍ଗ ନିର୍ବାଚନକୁ ଶୃଙ୍ଖଳିତ କରିବା ପାଇଁ ବ୍ୟାପକ ସୁରକ୍ଷାକର୍ମୀ ନିୟୋଜିତ ହୋଇଥିଲେ ବୋଲି ନିର୍ବାଚନ ସୁରୁଖୁରୁରେ ହେଲା , କାହାରି ପ୍ରାଣହାନି ଘଟିଲା ନାହିଁ। କିନ୍ତୁ ପରବର୍ତ୍ତୀ ସମୟରେ ଘଟିଥିବା ଏହି ହତ୍ୟାକାଣ୍ଡ ଏକ ହୀନ ତଥା କାପୁରୁଷୋଚିତ କାର୍ଯ୍ୟ,ଯାହା ରାଜନୈତିକ କ୍ଷେତ୍ରକୁ ଶଙ୍କାଗ୍ରସ୍ତ କରିବାର ଅପଚେଷ୍ଟା । ଆଗକୁ ସଂପୃକ୍ତ ଅପରାଧୀମାନେ ଧରାପଡ଼ିବାରେ ସକ୍ରିୟତା ନିଶ୍ଚିତ ପ୍ରକାଶ ପାଇବ । ମାତ୍ର ଏହା ପଛରେ ଥିବା କିଙ୍ଗପିନଙ୍କୁ ମଧ୍ୟ ସାମ୍ନାକୁ ଅଣାଯିବାରେ ଅବହେଳା କରା ନଯାଉ ,ଯାହା ଦ୍ୱାରା ଜନତା ଅଦାଲତ ଉଚିତ ଦଣ୍ଡବିଧାନ କରିପାରିବ ।ଶୁଭେନ୍ଦୁଙ୍କ ହାତରେ ଏବେ ପଶ୍ଚିମବଙ୍ଗର ମଙ୍ଗ । ରାଜ୍ୟର ଆର୍ଥିକ ସ୍ଥିତି, ବେରୋଜଗାରି,ବଂାଲାଦେଶୀ ଅନୁପ୍ରବେଶକାରୀ ସମସ୍ୟା ଦୂରୀକରଣ ସର୍ବୋପରି ଆଇନ ଶୃଙ୍ଖଳା ସ୍ଥିତିରେ ଉନ୍ନତି ଆଣିବା ତାଙ୍କ ପାଇଁ ଆହ୍ୱାନ।

# ପୁରୀ ବେଳାଭୂମି ପ୍ରାକୃତିକ ସୌନ୍ଦର୍ଯ୍ୟ ଅନେକ ରୋଜଗାର ସୃଷ୍ଟି କରିବ

**ସୁଧାଂଶୁ ରଞ୍ଜନ ଦାସ**

**"ପୁରୀ ବେଳାଭୂମିର ଉଚ୍ଚ ଜୁଆର କ୍ଷେତ୍ରରୁ ୨୦୦ ମିଟର ଭିତରେ ବନିଥିବା ସମସ୍ତ କଂକ୍ରିଟ ଢାଞ୍ଚାଗୁଡିକୁ ତୁରନ୍ତ ପରିଷ୍କାର କରିଦେବା ଉଚିତ । ତାଳବଣିଆ ଠାରୁ ବଳିଆ ପଣ୍ଡା ପର୍ଯ୍ୟନ୍ତ ବେଳାଭୂମିରେ ଅନେକ କଂକ୍ରିଟ ଢାଞ୍ଚା ଗଢିଉଠିଥିବାର ଦେଖାଯାଉଛି। ବେଳାଭୂମିର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଫେରାଇ ଆଣିବା ପାଇଁ ବେଳାଭୂମିକୁ ସମ୍ପୂର୍ଣ୍ଣ କଂକ୍ରିଟ ମୁକ୍ତ କରିବା ଦରକାର । ବେଳାଭୂମିର ପ୍ରାକୃତିକ ସୌନ୍ଦର୍ଯ୍ୟ ଫେରି ଆସିଲେ ଏହା ଭାରତୀୟ ଓ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ସଂଗେ ସଂଗେ ଅନେକ ଆର୍ଥିକ ଗତିବିଧି ସୃଷ୍ଟି କରିବ । ୧୯୭୦ ମସିହା ଯାଏଁ ପୁରୀ ବେଳାଭୂମିରେ ଘଞ୍ଚ ଝାଉଁବଣ ଥିଲା ଓ ଏହା ବେଳାଭୂମିକୁ ଶୀତଳ ରଖିବା ସଂଗେ ସଂଗେ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି କରୁଥିଲା । ଏହି ଘଞ୍ଚ ଝାଉଁ ବଣ ପୁରୀକୁ ସାମୁଦ୍ରିକ ଝଡ଼ରୁ ରକ୍ଷା କରୁଥିଲା ।**

ପୁରୀ ବେଳାଭୂମିର ପ୍ରାକୃତିକ ସୌନ୍ଦର୍ଯ୍ୟ ଏକଦା ଭାରତୀୟ ଓ ବିଦେଶୀ ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ବିନ୍ଦୁ ଥିଲା । ଦିଗନ୍ତ ବିସ୍ତାରି ଏହି ବେଳାଭୂମି, ସମୁଦ୍ରର ଉଚ୍ଚ ଓ ସ୍ୱଚ୍ଛ ଲହଡି, ସୁବର୍ଣ୍ଣ ବାଲୁକା ଶଯ୍ୟା ଓ ଘଞ୍ଚ ଝାଉଁ ବଣ ଏହି ବେଳାଭୂମିକୁ ଏକଦା ଭୂସ୍ୱର୍ଗରେ ପରିଣତ କରିଥିଲା । ବିଭିନ୍ନ ଦେଶରୁ ହଜାର ହଜାର ସଂଖ୍ୟାରେ ବିଦେଶୀ ପର୍ଯ୍ୟଟକ ପୁରୀ ବେଳାଭୂମିର ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବା ପାଇଁ ଆସୁଥିଲେ। ୧୯୭୦ ମସିହା ଯାଏଁ ପୁରୀ ବେଳାଭୂମିର ପ୍ରାକୃତିକ ସୌନ୍ଦର୍ଯ୍ୟ ଅକ୍ଷୁଣ୍ଣ ଥିଲା। ୧୯୭୦ ରୁ ୧୯୯୦ ମସିହା ଯାଏଁ ବେଳାଭୂମିର ପ୍ରାକୃତିକ ସୌନ୍ଦର୍ଯ୍ୟରେ କିଛିଟା ହ୍ରାସ ଦେଖାଦେଲା । ୧୯୯୦ ରୁ ୧୯୨୫ ଯାଏଁ ଏହି ବେଳାଭୂମି ମନୁଷ୍ୟ ଲୋଭର ଶିକାର ହେଲା ଓ ନିଜର ପ୍ରାକୃତିକ ଓ ଆଧ୍ୟାତ୍ମିକ ପରିବେଶକୁ ହରାଇ ବସିଲା । ସୁବର୍ଣ୍ଣ ବାଲୁକା ଶଯ୍ୟା, ଝାଉଁ ବଣ, ନିସ୍ତବ୍ଧ ଓ ଶାନ୍ତ ପରିବେଶ, ନୋଳିଆମାନଙ୍କର ମାଛ ଧରିବାରେ ଆନନ୍ଦ, ସୂର୍ଯ୍ୟ ଉଦୟ ଓ ସୂର୍ଯ୍ୟାସ୍ତର ଦୃଶ୍ୟ ଆଜି ଆଉ ମନ ମୁଗ୍ଧକର ହେଉ ନାହିଁ । ପର୍ଯ୍ୟଟକ, କବି, ଲେଖକ , ସାହିତ୍ୟକ, ଚିତ୍ରକାର, ଭାବୁକ ଓ ପୁରୀର ସ୍ଥାୟୀ ବାସିନ୍ଦାମାନେ ଏହି ବେଳାଭୂମିରେ ଆଗଭଳି ଆଉ ଆନନ୍ଦ ପାଉନାହାନ୍ତି । ଆଜି ପୁରୀ ବେଳାଭୂମିରେ ବିଦେଶୀ ପର୍ଯ୍ୟଟକ ବହୁତ କମ୍ ଦେଖାଯାଉଛନ୍ତି । ବିଶ୍ୱପ୍ରସିଦ୍ଧ ପୁରୀ ବେଳାଭୂମିର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଫେରାଇ ଆଣିବା ପାଇଁ ଓଡ଼ିଶାବାସୀ କେତେକ ସହଜ ଉପାୟ ଅବଲମ୍ବନ କରିବା ଉଚିତ।

ବଳିଆ ପଣ୍ଡା ଅଞ୍ଚଳର ସମୁଦ୍ର ବାଲିରେ ହଜାର ହଜାର ଉଠା ଦୋକାନ, ବେଞ୍ଚ ଓ ଟେବୁଲ ପଡିଥିବାର ଦେଖିବାକୁ ମିଳୁଛି । ଏହି ଉଠା ଦୋକାନ, ଘର ଆସବାବ ପତ୍ର କିଲୋମିଟର ଧରି ବ୍ୟାପିଛି। ଏହି ସରଞ୍ଜାମଗୁଡିକୁ ବେଳାଭୂମିରୁ ପରିଷ୍କାର କରିଦେବା ଉଚିତ । ପୁରୀ ସମୁଦ୍ର ବାଲୁକା ଶଯ୍ୟାରେ ବସତି ସ୍ଥାପନ କରିଥିବା ଲୋକମାନଙ୍କୁ ଅତି ଶୀଘ୍ର ସେମାନଙ୍କ ନିଜ ରାଜ୍ୟ କିମ୍ବା ନିଜ ଗାଁକୁ ପଠାଇ ଦେବା ଉଚିତ । ସରକାର ଗାଁଗୁଡିକରେ ଲୋକଙ୍କୁ ମାଗଣା ଖାଇବା ଓ ବ୍ୟାଙ୍କ ଖାତାକୁ ଟଙ୍କା ଟ୍ରାନ୍ସଫର କରିବା ସତ୍ତ୍ୱେ ଅନେକ ଲୋକ ଗାଁ ରେ ଆର୍ଥିକ ଗତିବିଧି କରିବା ଜାଗାରେ ବେଳାଭୂମି ଦଖଲ କରି ବସିଛନ୍ତି । ଯେଉଁମାନେ ବାହାର ଦେଶରୁ ଆସି ରହିଛନ୍ତି ସେମାନଙ୍କୁ କର୍ତ୍ତୃପକ୍ଷ ଶୀଘ୍ର ସେମାନଙ୍କ ଦେଶକୁ ପଠାଇଦେବା ଉଚିତ । ବିଦେଶୀ ନାଗରିକ ଯଦି ପୁରୀରେ ବସତି ସ୍ଥାପନ କରନ୍ତି । ତେବେ ପୁରୀର ସାଂସ୍କୃତିକ, ସାମାଜିକ, ଆର୍ଥିକ ଓ ଆଧ୍ୟାତ୍ମିକ ପରିବେଶ ନଷ୍ଟ ହୋଇଯିବାର ସମ୍ଭାବନା ଅଛି। ଏହି ଘର ବାହୁଡା ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଭାବରେ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ସମ୍ପନ୍ନ ହେବା ଦରକାର। ନେତାମାନେ ଗଠନ ମୂଳକ କାମ କରି ଭୋଟ ଆଶା କରିବା ଉଚିତ । ଭୋଟ ଲାଳସାରେ ବାହାର ଲୋକଙ୍କୁ ପୁରୀରେ ଥଇଥାନ କରିବା ପୁରୀର ସ୍ଥାନୀୟ ଲୋକଙ୍କ ଅସ୍ତିତ୍ୱକୁ ଘୋର ସଂକଟରେ ପକାଇବା ଭଳି ହେବ । ତେଣୁ ଭୋଟ ବ୍ୟାଙ୍କ ରାଜନୀତି, ଜାତି, ଧର୍ମ ଓ ବ୍ୟକ୍ତିଗତ ସ୍ୱାର୍ଥର ଉପରେ ରହି ସମସ୍ତ ରାଜନୈତିକ ଦଳର ନେତା ଓ ପୁରୀର ସ୍ଥାୟୀ ବାସିନ୍ଦାମାନେ ବେଳାଭୂମିକୁ ରକ୍ଷା କରିବା ପାଇଁ ଏକ ଦୃଢ ସଂକଳ୍ପ ନେବା ଉଚିତ ଓ ପୁରୀ ବେଳାଭୂମିର ପ୍ରାକୃତିକ ସୌନ୍ଦର୍ଯ୍ୟ ଫେରି ଆସିଲେ ଏହା ଦେଶୀ ଓ ବିଦେଶୀ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ସଂଗେ ସଂଗେ ପୁରୀ ଲୋକଙ୍କର ଆର୍ଥିକ ବିକାଶରେ ସହାୟକ ହେବ ।

ପୁରୀ ବେଳାଭୂମିର ଉଚ୍ଚ ଜୁଆର



କ୍ଷେତ୍ରରୁ ୨୦୦ ମିଟର ଭିତରେ ବନିଥିବା ସମସ୍ତ କଂକ୍ରିଟ ଢାଞ୍ଚାଗୁଡିକୁ ତୁରନ୍ତ ପରିଷ୍କାର କରିଦେବା ଉଚିତ । ତାଳବଣିଆ ଠାରୁ ବଳିଆ ପଣ୍ଡା ପର୍ଯ୍ୟନ୍ତ ବେଳାଭୂମିରେ ଅନେକ କଂକ୍ରିଟ ଢାଞ୍ଚା ଗଢିଉଠିଥିବାର ଦେଖାଯାଉଛି। ବେଳାଭୂମିର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଫେରାଇ ଆଣିବା ପାଇଁ ବେଳାଭୂମିକୁ ସମ୍ପୂର୍ଣ୍ଣ କଂକ୍ରିଟ ମୁକ୍ତ କରିବା ଦରକାର । ବେଳାଭୂମିର ପ୍ରାକୃତିକ ସୌନ୍ଦର୍ଯ୍ୟ ଫେରି ଆସିଲେ ଏହା ଭାରତୀୟ । ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ସଂଗେ ସଂଗେ ଅନେକ ଆର୍ଥିକ ଗତିବିଧି ସୃଷ୍ଟି କରିବ ।

୧୯୭୦ ମସିହା ଯାଏଁ ପୁରୀ ବେଳାଭୂମିରେ ଘଞ୍ଚ ଝାଉଁବଣ ଥିଲା ଓ ଏହା ବେଳାଭୂମିକୁ ଶୀତଳ ରଖିବା ସଂଗେ ସଂଗେ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି କରୁଥିଲା । ଏହି ଘଞ୍ଚ ଝାଉଁ ବଣ ପୁରୀକୁ ସାମୁଦ୍ରିକ ଝଡ଼ରୁ ରକ୍ଷା କରୁଥିଲା । ଆଜି ସେ ଝାଉଁ ଜଙ୍ଗଲ ଆଉ ନାହିଁ । ପୁରୀ ଯେକୌଣସି ମୁହୂର୍ତ୍ତରେ ସାମୁଦ୍ରିକ ତୋଫାନର ଶିକାର ହୋଇପାରେ। ଫନି ଓ ସୁନାମି ଭଳି ପ୍ରଚଣ୍ଡ ବାତ୍ୟା ଆସିବା ପୂର୍ବରୁ ଲୋକଙ୍କ ଧନଜୀବନ ରକ୍ଷା କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯିବା ଦରକାର। ଆଗାମୀ ଦିନରେ ଯେପରି ଫନି ଭଳି ସାମୁଦ୍ରିକ ଝଡ଼ ପୁରୀ ଜିଲାରେ ଧନ ଜୀବନ ନଷ୍ଟ ନ କରେ ସେଥିପାଇଁ ପୁରୀ ବେଳାଭୂମିରେ ଝାଉଁ ଜଙ୍ଗଲ ସୃଷ୍ଟି କରିବା ସଂଗେ ସଂଗେ ଓଡ଼ିଶାର ପୂର୍ବ ଉପକୂଳରେ ଘଞ୍ଚ ଜଙ୍ଗଲ ସୃଷ୍ଟି କରାଯିବା ଦରକାର।

ବେଳାଭୂମି ପାଖରେ ଉଚ୍ଚ ଜୁଆର କ୍ଷେତ୍ରର ୫୦୦ ମିଟର ବାହାରେ ଏକ ହସ୍ତଶିଳ୍ପ ବଜାର କେବଳ ପୁରୀର ସ୍ଥାନୀୟ ଶିଳ୍ପୀମାନଙ୍କ ପାଇଁ ନିର୍ମାଣ ହେବା ଉଚିତ । ଏହି ହସ୍ତଶିଳ୍ପ ବଜାର କୌଣସି ପୁରାତନ ସରକାରୀ ଅଫିସ କିମ୍ବା ପୁରାତନ କୋଠାରେ ଆରମ୍ଭ କରାଯାଇପାରିବ। କଂକ୍ରିଟ ପ୍ରକଳ୍ପ କରିବା ପାଇଁ ଅନେକ କଣ୍ଟ୍ରାକଟର ଆଗେଇ ଆସିବେ । କେତେକ ଅସାଧୁ ଅଧିକାରୀ କମିସନ ଖାଇବା ପାଇଁ ନୂତନ ପ୍ରକଳ୍ପ କରିବାକୁ ବସିବେ । ସରକାରଙ୍କ ପାଖରେ ଥିବା ସାଧୁ ପ୍ରକୃତିର ଅଧିକାରୀ ଓ ପୁରୀ ସାହିବସ୍ତିର ମୁଖିଆମାନେ ଏହି ହସ୍ତଶିଳ୍ପ ବଜାରକୁ ଉପଯୁକ୍ତ ସ୍ଥାନରେ କରିବା ଉଚିତ । ପୁରୀର ହସ୍ତଶିଳ୍ପୀଙ୍କ ଦ୍ୱାରା ତିଆରି ଚାନ୍ଦୁଆକାମ, ପଥରକାମ, ସୋଲକାମ, ପଟ୍ଟଚିତ୍ର, ତାଳପତ୍ର ଚିତ୍ର ଓ ନିମ୍ବ କାଠରେ ତିଆରି ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତି ପର୍ଯ୍ୟଟକମାନେ କିଣିବେ । ବିକିବା ପୂର୍ବରୁ ଏହି ହସ୍ତଶିଳ୍ପ ପଦାର୍ଥଗୁଡିକର ଗୁଣାତ୍ମକ ମାନ ଯାଞ୍ଚ ହେବା ଦରକାର । ବିନା କାରୁକାର୍ଯ୍ୟରେ କୌଣସି ହସ୍ତଶିଳ୍ପ ପଦାର୍ଥକୁ ବଜାରରେ ବିକିବା କଷ୍ଟକର । ପୁରୀର ହସ୍ତଶିଳ୍ପ ପଦାର୍ଥ ଗୁଡିକର ଯେପରି ଗୁଣାତ୍ମକ ମାନ ବଜାୟ ରହିବ ସେଥିପାଇଁ ସରକାର ସମସ୍ତ ପଦକ୍ଷେପ ନେବା ଉଚିତ । ଆଜି ପୁରୀର ଅନେକ ହସ୍ତଶିଳ୍ପୀ ବେପାରୀମାନଙ୍କ ପାଖରେ କାମ କରି ଦିନକୁ ୪୦୦ ରୁ ୫୦୦ ଟଙ୍କା ମଜୁରି ପାଉଛନ୍ତି । ହସ୍ତଶିଳ୍ପ ପଦାର୍ଥଗୁଡିକରେ ନିଜର କଳା କୌଶଳ ଦ୍ୱାରା ମୂଲ୍ୟ ଯୋଗ କରିବା ସତ୍ତ୍ୱେ କାରିଗରମାନେ ଉପଯୁକ୍ତ ପାରିଶ୍ରମିକ ପାଉନାହାନ୍ତି । ଫଳରେ ସେମାନେ ନିଜର କୌଳିକ ବୃତ୍ତି ଛାଡି ଅନ୍ୟାନ୍ୟ କାମ କଲେଣି ।

ହସ୍ତଶିଳ୍ପ ପରି ପୁରୀ କାରିଗରଙ୍କ ଦ୍ୱାରା ତିଆରି ଅନେକ ପାଟିସୁଆଦିଆ ଖାଦ୍ୟ ପଦାର୍ଥର ହୋଟେଲ କେବଳ ପୁରୀବାସିନ୍ଦାଙ୍କ ଦ୍ୱାରା ଆରମ୍ଭ କରାଯିବା ଦରକାର । ବେଳାଭୂମି ପାଖରେ ଥିବା ସମସ୍ତ ହୋଟେଲରେ ଯେପରି ପୁରୀର ଖାଦ୍ୟ ପଦାର୍ଥ ବିକ୍ରି ହେବ ସେଥିପାଇଁ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଉଚିତ।

ବେଳାଭୂମିର ପ୍ରତ୍ୟେକ ହୋଟେଲ ଓ ଦୋକାନରେ ଓଡ଼ିଆ ଭାଷାର ସାଇନ ବୋର୍ଡ ଲଗାଯିବା ନିହାତି ଜରୁରୀ । ହୋଟେଲଗୁଡିକର କର୍ମଚାରୀମାନେ ଇଂରାଜୀ, ହିନ୍ଦୀ କହିବା ସଂଗେ ସଂଗେ ଓଡ଼ିଆ ଭାଷାରେ ବାର୍ତ୍ତାଳାପ କରିବା ଦରକାର । ମୁଖ୍ୟ ବେଳାଭୂମି ସାମ୍ନାରେ ଥିବା କେତେକ ହୋଟେଲରେ ଓଡ଼ିଆରେ ପଚାରିଲେ ବହୁ ସମୟରେ ବଙ୍ଗାଳୀରେ ଉତ୍ତର ମିଳୁଛି । ଓଡିଶା ସଂସ୍କୃତିର ପ୍ରାଣକେନ୍ଦ୍ର ପୁରୀକୁ ଦେଖିଲେ ଲାଗୁଚି ସତେ ଯେପରି ପୁରୀ ନିଜର ଅସ୍ତିତ୍ୱକୁ ରକ୍ଷା କରିବାକୁ ଅବିରତ ସଂଗ୍ରାମ କରୁଛି । ଓଡ଼ିଆ ଭାଷା, ପୁରୀର ଖାଦ୍ୟ ପଦାର୍ଥ ଓ ହସ୍ତଶିଳ୍ପ ପୁରୀ ବେଳାଭୂମିରେ ନିଜର ଉପସ୍ଥିତି ବଜାୟ ରଖିବା ଉଚିତ । ଓଡ଼ିଶାର ପ୍ରମୁଖ ତୀର୍ଥ ପର୍ଯ୍ୟଟନ କେନ୍ଦ୍ରରେ ଯଦି ଓଡ଼ିଆ ଭାଷା ସଂସ୍କୃତିର ଚିହ୍ନ ଲୋପପାଇ ଯାଏ । ତେବେ ଏହା ସମସ୍ତ ଓଡ଼ିଆ ଜାତି ପାଇଁ ଅପମାନଜନକ ହେବ । ପୁରୀ ବେଳାଭୂମିର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ରକ୍ଷା କରିବା ସଂଗେ ସଂଗେ ଏହାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରିବେଶକୁ ସୁରକ୍ଷିତ ରଖାଯିବା ଦରକାର ।

# ମାଆଙ୍କ ଅବଦାନ ଅତୁଳନୀୟ

**ଅଧ୍ୟାପକ ରାଜେଶ ରାୟ**

ଆଜି ମାତୃ ଦିବସ । ମାଆଙ୍କ ନିଃସ୍ୱାର୍ଥପର ସ୍ନେହ, ସେବା ଓ ତ୍ୟାଗକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମଇ ମାସର ଦ୍ୱିତୀୟ ରବିବାରକୁ ଭାରତ ସମେତ ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆ, ଜାପାନ, ବ୍ରାଜିଲ୍ ଆଦି ଦେଶରେ ଏହି ଦିବସଟି ପାଳନ କରାଯାଉଛି । ବିଂଶ ଶତାବ୍ଦୀରୁ ଆମେରିକାର ଆନ୍ନା ଜାର୍ଭିସଙ୍କ ଉଦ୍ୟମରେ ଏହିଭଳି ଦିବସର ଅୟମାରମ୍ଭ ହୋଇଛି । ପ୍ରକୃତରେ ମାଆଙ୍କ ତ୍ୟାଗ ଓ ଅବଦାନ ଅମୂଲ୍ୟ । ତାଙ୍କ ପାଇଁ ଗୋଟିଏ ଦିନ ନୁହେଁ ବରଂ ଜୀବନର ପ୍ରତିଟି ମୁହୂର୍ତ୍ତ ସମର୍ପିତ । ଏହି ଦୁନିଆରେ କିଏ ଯଦି ଆମକୁ ଆୟୁଷର ନଅ ମାସ ଆଗରୁ ଚିହ୍ନିଛନ୍ତି ତେବେ ସେ ହେଉଛନ୍ତି ଆମ ମାଆ । ଆପଣ ଜାଣନ୍ତି, ମାଆ ଆମକୁ ଏମିତି କିଛି ବିଶେଷ ଉପହାର ଦେଇଛନ୍ତି ଯାହା ଅନ୍ୟ କେହି ଦେଇ ପାରିବେନାହିଁ । ଆମେ ମାଆଙ୍କ ଗର୍ଭରେ ଥିବା ସମୟରେ ତାଙ୍କର ପ୍ଲାସେଣ୍ଟା ନଳୀ ( ନାଭି ନଳୀ) ଦେଇ



କିଛି ଷ୍ଟେମ କୋଷ ବା ମୂଳ କୋଷ ଆମ ଶରୀରକୁ ଆସିଛନ୍ତି ଯେଉଁମାନେ ଜୀବନ ଯାକ ଶରୀରରେ ରହି ଅନ୍ୟ କୋଷମାନଙ୍କୁ ତିଆରି କରିବା ସହ କ୍ଷତ ଭରଣ ଏବଂ ରୋଗ ପ୍ରତିରୋଧକ ଶକ୍ତିକୁ ରକ୍ଷା କରନ୍ତି । ଅନ୍ୟ ଏକ ଉପହାର ହେଉଛି କୋଷର ଶକ୍ତିକେନ୍ଦ୍ର କୁହାଯାଉଥିବା ' ମାଇଟୋକଣ୍ଡ୍ରିଆ' ଯାହା ମାଆଙ୍କ କୋଷରୁ ଆମ ପାଖକୁ ଆସିଛି । ଆମକୁ ବଞ୍ଚିବା ପାଇଁ ଶକ୍ତି ଯୋଗାଉଛି ।

ଇଏତ ଗଲା ବିଜ୍ଞାନ ଭିତ୍ତିକ କଥା , ବାସ୍ତବରେ ଦେଖିଲେ ମାଆଙ୍କ ସହ ସନ୍ତାନର ସମ୍ପର୍କ ଅତି ନିବିଡ଼ । ସେ ହେଉଛନ୍ତି ପ୍ରଥମ ଗୁରୁ ଯାହାଙ୍କ ସ୍ପର୍ଶରେ ଆମେ ଏହି ପୃଥିବୀ ପୃଷ୍ଠରେ ପରିଚୟ ପାଇଛୁ କିନ୍ତୁ ଦୁଃଖର କଥା ହେଉଛି ବର୍ତ୍ତମାନ ସମୟରେ ଅନେକ ସ୍ଥାନରୁ ମାଆଙ୍କ ପ୍ରତି ହେଉଥିବା ଅବହେଳାର ଚିତ୍ର ସାମ୍ନାକୁ ଆସୁଛି । ପରିଣତ ବୟସରେ ଯେତେବେଳେ ବୃଦ୍ଧାଶ୍ରମରେ ତାଙ୍କ ଜୀବନ କଟୁଛି ସେତେବେଳେ ସମସ୍ତ ତ୍ୟାଗର ପ୍ରତିଦାନ ମରିଯାଉଛି । ମୁଁ ଏମିତି ଦୃଶ୍ୟ ମଧ ଦେଖିଛି ଯେ କିଛି ଲୋକ ଘରେ ମାଆଙ୍କୁ ମାଡ଼ ମାରି ଖାଇବା ପିଇବାକୁ ନ ଦେଇ ବାହାରେ ଯାଇ ଦାନଧର୍ମ କରି ମନ୍ଦିରରେ ପୂଜା କରନ୍ତି । ଏହାର ମୂଲ୍ୟ କ'ଣ ଆଜ୍ଞା ? ଘରେ ଥିବା ଦେବୀଙ୍କୁ ଅଣଦେଖା କରି ମନ୍ଦିରରେ ଥିବା ଦେବୀଙ୍କୁ ପୂଜା କଲେ କିଛି ପୁଣ୍ୟ ମିଳିବ ନାହିଁ ! ଆଶ୍ଚର୍ଯ୍ୟର କଥା ହେଉଛି ମାତୃ ଦିବସ ଆସିଲେ ସେହିଭଳି ଲୋକମାନେ ସାମାଜିକ ଗଣମାଧମରେ ଲୋକ ଦେଖାଣିଆ ପ୍ରେମଗୁଡ଼ିକ ଅଜାଡ଼ି ଦିଅନ୍ତି । ଆଉ କିଛି ଲୋକ ମାଆ ବଞ୍ଚିଥିବା ସମୟରେ ତାଙ୍କୁ ଅଣଦେଖା କରି, କଷ୍ଟ ନିର୍ଯାତନା ଦେଇ ଅତ୍ୟାଚାର କରନ୍ତି। କିନ୍ତୁ ମାଆ ଚାଲିଯିବା ପରେ ତାଙ୍କୁ ମିଛ ଦରଦ ଦେଖାଇ ଉକ୍ତିଗୁଡ଼ିକ ବଖାଣନ୍ତି। ଆମେ ସମସ୍ତେ ଜାଣିବା ଦରକାର ଯେ ମାଆ ଆମ ପାଖରୁ ଦିନେ ନା ଦିନେ ନିଶ୍ଚୟ ବିଦାୟ ନେବେ। ତେଣୁ ବଞ୍ଚିଥିବା ଅବସ୍ଥାରେ ତାଙ୍କୁ ଜୀବନଠୁ ଅଧିକ ଭଲପାଇବା ଓ ସମ୍ମାନ ଦେବା ସହ ନତମସ୍ତକ ହୋଇ ସେବା କରନ୍ତୁ । ଦେଖିବେ ତାଙ୍କରି ଆଶିଷ ରହିଲେ ଆପଣଙ୍କ ଜୀବନ ସାର୍ଥକ ହୋଇଯିବ । ଆଜିଭଳି ପବିତ୍ର ଦିନରେ ସେହି ଦେବୀଙ୍କ ଚରଣରେ କୋଟି କୋଟି ପ୍ରମାଣ ।

ବିଦ୍ୱାନ୍ ମହାବିଦ୍ୟାଳୟ, ଜୟପୁର , କୋରାପୁଟ, ମୋ:- ୬୩୭୧୫୫୫୯୪୦

# ମାଟି ପାଇଁ ଲଢ଼େଇ

**ରବୀନ୍ଦ୍ରନାଥ ଯୋଷୀ**

**"ଓଡ଼ିଶାର ୨୯୧ ଗୋଟି ଓ ତତ୍କାଳୀନ ମଧ୍ୟପ୍ରଦେଶର ୩୪ ଗୋଟି ଗାଁ ଏଥିରେ ଜଳମଗ୍ନ ହୋଇଛି । ତନ୍ମଧ୍ୟରୁ ଅନେକ ଗାଁ ସଂପୂର୍ଣ୍ଣ ଭାବରେ ଆଉ କିଛି ଆଂଶିକ ଜଳମଗ୍ନ ହୋଇଛି । ଏହି ଗାଁମାନଙ୍କର ପ୍ରାୟ ୧୮୩ ହଜାର ହେକ୍ଟର ପରିମିତ ଜମି ଜଳମଗ୍ନ ହୋଇଥିବାବେଳେ ୨୬ ହଜାରରୁ ଉର୍ଦ୍ଧ୍ୱ ପରିବାରର ପ୍ରାୟ ଏକଲକ୍ଷ ଲୋକ ବିସ୍ଥାପିତ ହୋଇଥିଲେ । ଏହି ଗାଁଗଣ୍ଡାରେ ବସବାସ କରୁଥିବା ଆଦିମ ଅଧିବାସୀଙ୍କ ପାରମ୍ପରିକ ଚାଷ ଜମି , ଜଂଗଲ ସହିତ ସେମାନଙ୍କ ଐତିହ୍ୟ , ପରମ୍ପରା ଓ ସଂସ୍କୃତି ମଧ୍ୟ ଜଳସମାଧି ନେଇ ସାରିଛି ହୀରାକୁଦ ନଦୀବନ୍ଧର ଅତଳ ଜଳରାଶିରେ । ଏହି ବହୁମୁଖୀ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ ହେବାପରେ ସରକାର ନିଶ୍ଚୟ ଲାଭାନ୍ୱିତ ହୋଇଛନ୍ତି । ଜଳସେଚନର ସୁବିଧା ହୋଇଛି ।**

ଭାରତୀୟ ସଂସ୍କୃତିରେ ମାଟି ଅତ୍ୟନ୍ତ ପବିତ୍ର ଓ ମହାନ। ମାଟି ଆମର ମା । କାହିଁ ଅନାଦି କାଳରୁ ମଣିଷ ମାଟିକୁ ଦେବତା ଭାବରେ ଗ୍ରହଣ କରିଆସିଛି । ଏହାର ପୂଜା କରି ଆସୁଛି । ଶୈଶବରୁ ମୃତ୍ୟୁ ପର୍ଯ୍ୟନ୍ତ ମାଟି ଆମର ସାହା ଭରଷା ହୋଇ ରହିଛି । ଏ ମାଟିରେ ଆମର ଜନ୍ମ ଏ ମାଟିରେ ହିଁ ଆମ ମୃତ୍ୟୁ । ମାଟି ସହିତ ଜୀବନ ଓ ଜୀବିକାର ସଂପର୍କ ରହିଛି । ମାଟି ସହିତ ମଣିଷର ସଂପର୍କ ଅତି ନିବିଡ଼ ହେବା ସ୍ୱାଭାବିକ । ମଣିଷ ନିଜ ଭିଟାମାଟିକୁ ଗଭୀର ଭାବରେ ଭଲପାଏ , ମାଟିର ମୋହରେ ସେ ବଞ୍ଚେ । ମାଟିର ମମତାରେ,ମାଟିର ବନ୍ଧନରେ,ମାଟିର ଆକର୍ଷଣରେ ବଂଚୁଥିବା ମଣିଷ ହିଁ ତ ମାଟିରମଣିଷ-ପ୍ରକୃତିର ଅମୃତ ସନ୍ତାନ । ମାଟିର ମଣିଷ କେବେ ମାଟିକୁ ଅସମ୍ମାନ କରେ ନାହିଁ । ମାଟିକୁ ଧ୍ୱଂସ କରିବାକୁ ସୁଯୋଗ ଦିଏ ନାହିଁ । ଯେଉଁ ମାଟିମା'ର କୋଳରେ ଜନ୍ମ ନେଇଛି । ଯେଉଁ ମାଟିର ବକ୍ଷରେ ଖେଳିଛି ବୁଲିଛି ଓ ବଂଚିବାର ରାହା ପାଇଛି ସେ ମାଟି ସହିତ ତାର ସଂପର୍କ ଭାବର, ହୃଦୟର । ତେଣୁ ମାଟିର ମୋହରେ ସେ ଅନ୍ଧ ହୁଏ। ପ୍ରକୃତିର ସୌନ୍ଦର୍ଯ୍ୟରେ ପ୍ରେମିକ ସାଜେ। ମାଟିର ଆହ୍ୱାନରେ ବୀରଯୋଦ୍ଧା ଭାବରେ ଉଦ୍‌ଭାସିତ ହୁଏ । ମାଟିମା'ର ସୁରକ୍ଷା ପାଇଁ କେବେ ଜେଲ ଯାଏ। ଆବଶ୍ୟକ ହେଲେ ଜୀବନକୁ ବି ବାଜି ଲଗାଏ। ଶତ୍ରୁର ଗୁଳିଗୋଳା ଆଗରେ ନିଜ ବକ୍ଷକୁ ପାତିଦିଏ । ହେଲେ ନିଜ ମାଟିର ସମ୍ମାନ ଓ ସ୍ୱାଭିମାନକୁ ହତାଦର କରେ ନାହିଁ। ସତରେ ଏ ମାଟିର ମୋହ ବଡ଼ ବିଚିତ୍ର। ଏହି ମାଟିର ସେବା ପାଇଁ ଜୀବନକୁ ଜଳାଞ୍ଜଳି ଦେବାକୁ ଆଗେଇ ଆସନ୍ତି ମାଟିର ଅମୃତ ସନ୍ତାନମାନେ । ଭାରତର ମୁକ୍ତିସଂଗ୍ରାମର ଇତିହାସର ପୃଷ୍ଠା ଲେଉଟାଇଲେ ଏଭଳି ତ୍ୟାଗ ଓ ସମର୍ପଣର ଅନେକ ଦୃଷ୍ଟାନ୍ତ ରହିଛି। ବାଜି ରାଉତ ଭଳି ଛୋଟ ଶିଶୁଟିଏ ବି ମାଟିର ସୁରକ୍ଷା ପାଇଁ ଫିରିଙ୍ଗୀମାନଙ୍କ ବନ୍ଧୁକ ଆଗରେ ନିଜ ଛାତିକୁ ପାତିଦିଏ।

ଏ ମାଟିର ଆହ୍ୱାନରେ ଶହ ଶହ ଦେଶଭକ୍ତ ଜୀବନକୁ ବାଜିଲଗାଇ ଶହୀଦ ହୁଅନ୍ତି। ହଜାର ହଜାର ରାଷ୍ଟ୍ରଭକ୍ତ ଖୁସିରେ ଜେଲ ଯିବାକୁ ଆଗେଇଆସନ୍ତି । ଲାଠି ଓ ବନ୍ଧୁକ ଏହି ମାଟିର ସନ୍ତାନମାନଙ୍କ ଆଗରେ ପରାଜୟ ସ୍ୱୀକାର କରିଛି । ମୁକ୍ତିସଂଗ୍ରାମର ଏହି ବୀରଗାଥା ଆଜିବି ଭାରତୀୟଙ୍କୁ ବିପ୍ଳବ କରିବାକୁ ସାହସ ଦେଇଛି । ସେଥିପାଇଁ ତ ଆଜି ନିଜ ମାଟିମାର ସୁରକ୍ଷା ପାଇଁ ବନବାସୀ , ଆଦିବାସୀ ସମସ୍ତେ ଏକଜୁଟ ହୋଇ ଲଢେଇ କରୁଛନ୍ତି। କେତେବେଳେ ଗନ୍ଧମାର୍ଦ୍ଦନର ସୁରକ୍ଷା ପାଇଁ ତ କେତେବେଳେ ନିୟମଗିରି ପାହାଡ଼ର ଅଥବା ସିଜିମାଳିର ସୁରକ୍ଷା ପାଇଁ । ଲଢେଇ ହେବା ସ୍ୱାଭାବିକ। କିଏ କେବେ ନିଜ ଗାଁମାଟିକୁ ସବୁଦିନ ପାଇଁ ହରାଇବାକୁ ଚାହେଁନା । ସାତପୁରୁଷ ଧରି ଜାବୁଡ଼ି ଧରିଥିବା ଭିଟାମାଟି ଠାରୁ କିଏ କେବେ ଦୂରେଇ ଯିବାକୁ ଚାହେଁନା । ଯେଉଁ ଗାଁ ଜଂଗଲରୁ ଲଘୁବନ୍ୟଜାତ ଦ୍ରବ୍ୟ ସଂଗ୍ରହକରି ବନବାସୀ ପୋଟ ପୋଷେ , ଯେଉଁ ନଇନାଳ କ୍ଷେତଖଳାରେ ଜୀବନ ନିର୍ବାହ ହୁଏ ତାକୁ ବା କେମିତି ଛାଡ଼ିବ ! ଯେଉଁ ମାଟି ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ସ୍ୱାକ୍ଷର ବହନ କରିଆସିଛି ତାକୁ ଛାଡ଼ିବା ଏତେ ସହଜ କଥା ବି ନୁହେଁ । ସେଥିପାଇଁ ତ ଏ ଲଢେଇ । ନଦୀବନ୍ଧ ପାଇଁ ,ଖଣି - ଖାଦାନ ପାଇଁ ବା ସହରୀକରଣ ପାଇଁ ଏମିତି କେତେଯେ ଗାଁ ଉଜୁଡ଼ି ଯାଇଛି , କେତେ ଯେ ପରିବାର ବିସ୍ଥାପିତ ହୋଇ ବେସାହାରା ହୋଇଛି ତାର ହିସାବ କିତାବ କେହି ରଖିନାହାନ୍ତି । କିନ୍ତୁ ବିକାଶ ନାମରେ ସେହି ଗାଁପାହାଡ଼ର ବକ୍ଷଚିରି ଖଣିଜ ସଂପଦର ଉତ୍ତୋଳନ କରିବା ପାଇଁ ବଡ଼ ବଡ଼ କମ୍ପାନୀମାନଙ୍କ ହାତରେ ଭିଟାମାଟିକୁ ଟେକିଦେବାକୁ ନାପସନ୍ଦ କରୁଛି ବନବାସୀ । ଏଥିପାଇଁ ପ୍ରତିବାଦ କରୁଛି । ଉଦ୍ୟମ କରୁଛି ନିଜ ଭିଟାମାଟିକୁ ବଂଚାଇବାକୁ । ସେହି ଗାଁର ମାଟି,ପାଣି,ଜଂଗଲ ଉପରେ ନିର୍ଭର କରି ବଞ୍ଚୁଥିବା ବନବାସୀ ବା ଗ୍ରାମବାସୀ ବିସ୍ଥାପିତ ହୋଇ ସେମାନଙ୍କ ଅବସ୍ଥା ଯେ କେତେ ଦୟନୀୟ ହୋଇଛି ଆମେ କ'ଣ କେବେ ବୁଝିବା ପାଇଁ ଚେଷ୍ଟା କରୁଛେ ?

ଓଡ଼ିଶାର ୨୯୧ ଗୋଟି ଓ ତତ୍କାଳୀନ ମଧ୍ୟପ୍ରଦେଶର ୩୪ ଗୋଟି ଗାଁ ଏଥିରେ ଜଳମଗ୍ନ ହୋଇଛି। ତନ୍ମଧ୍ୟରୁ ଅନେକ ଗାଁ ସଂପୂର୍ଣ୍ଣ ଭାବରେ ଆଉ କିଛି ଆଂଶିକ ଜଳମଗ୍ନ ହୋଇଛି । ଏହି ଗାଁମାନଙ୍କର ପ୍ରାୟ ୧୮୩ ହଜାର ହେକ୍ଟର ପରିମିତ ଜମି ଜଳମଗ୍ନ ହୋଇଥିଲାବେଳେ ୨୬ ହଜାରରୁ ଉର୍ଦ୍ଧ୍ୱ ପରିବାରର ପ୍ରାୟ ଏକଲକ୍ଷ ଲୋକ ବିସ୍ଥାପିତ ହୋଇଥିଲେ । ଏହି ଗାଁଗଣ୍ଡାରେ ବସବାସ କରୁଥିବା ଆଦିମ ଅଧିବାସୀଙ୍କ ପାରମ୍ପରିକ ଚାଷ ଜମି , ଜଂଗଲ ସହିତ ସେମାନଙ୍କ ଐତିହ୍ୟ , ପରମ୍ପରା ଓ ସଂସ୍କୃତି ମଧ୍ୟ ଜଳସମାଧି ନେଇ ସାରିଛି ହୀରାକୁଦ ନଦୀବନ୍ଧର ଅତଳ ଜଳରାଶିରେ । ଏହି ବହୁମୁଖୀ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ ହେବାପରେ ସରକାର ନିଶ୍ଚୟ ଲାଭାନ୍ୱିତ ହୋଇଛନ୍ତି । ଜଳସେଚନର ସୁବିଧା ହୋଇଛି। ଶିଳ୍ପ କଳକାରଖାନାକୁ ପାଣି ଯୋଗାଣ ହୋଇଛି ସତ, କିନ୍ତୁ ଯେଉଁ ଲୋକମାନେ ସର୍ବସ୍ୱ ହରାଇଛନ୍ତି ସେମାନଙ୍କ ଅବସ୍ଥା କଣ ? ସେମାନେ ପୁନର୍ବାର ବ୍ୟବସ୍ଥିତ ହେବା ପାଇଁ କେତେ କଠୋର ସଂଗ୍ରାମ କରିବାକୁ ପଡ଼ିଥିବ ? ସେମାନଙ୍କୁ କ'ଣ ବର୍ତ୍ତମାନ ଯାଏଁ ସଠିକ ଢଙ୍ଗରେ ଥଇଥାନ କରାଯାଇପାରିଛି କି ? ଆଜିବି ଏହି ପ୍ରକଳ୍ପ ଯୋଗୁଁ ବିସ୍ଥାପିତ ପରିବାରଙ୍କ ଦୁଃଖ ସରିନି । ଗାଁମାଟିକୁ ହରାଇଲା ପରେ ସେମାନଙ୍କ ମଧ୍ୟରୁ ଅନେକଙ୍କ ପରିବାର କଠୋର ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଛି । ପଶ୍ଚିମ ଓଡ଼ିଶାର ଆଉ ଏକ ଅନଗ୍ରସର ଜିଲ୍ଲା ନୂଆପଡ଼ାର ତିଖାଲି ଡ୍ୟାମ ବା ଲୋଅର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣରେ ବି ପ୍ରାୟ ଏକୋଇଶ ଗୋଟି ଗାଁ ଜଳମଗ୍ନ ହୋଇଛି । ପ୍ରାୟ ଚାରି ହଜାର ଚାରିଶହରୁ ଉର୍ଦ୍ଧ୍ୱ ପରିବାର ବିସ୍ଥାପିତ ହୋଇଛନ୍ତି । ଡ୍ୟାମ ନିର୍ମାଣ ହେବାର ପଚିଶ ବର୍ଷ ଅତିବାହିତ ହୋଇସାରିଛି। ସେମାନଙ୍କ ସମସ୍ୟା କ'ଣ ସମାଧାନ ହୋଇଛି !

କେନ୍ଦୁଝର, ଯାଜପୁର , ଝାରସୁଗୁଡ଼ା,ରାୟଗଡ଼ା,କୋରାପୁଟ ଯେଉଁଠି ବି ବିସ୍ଥାପିତଙ୍କ ଭାଗ୍ୟ ଯନ୍ତ୍ରଣାଦାୟକ। ସେଥିପାଇଁ ତ ସେଦିନ ଗନ୍ଧମାର୍ଦ୍ଦନ ଆନ୍ଦୋଳନ ମୁଣ୍ଡଟେକିଥିଲା, ନିୟମଗିରି ବଞ୍ଚାଅ ଆନ୍ଦୋଳନ ବି ସେହି କାରଣରୁ ଆଉ ଆଜି ସିଜିମାଳିରେ ବିପ୍ଳବ ହୋଇଛି ସେଥିପାଇଁ। ଯେଉଁଠି ସ୍ଥାନୀୟ ବାସୀନ୍ଦା ଏକଜୁଟ ହୋଇଛି ,ଲଢେଇ କରିଛି, ସେଠି କମ୍ପାନୀ ଫେରିଯାଇଛି । ଆଉ ଯେଉଁଠି ସାଧାରଣ ଅଧିବାସୀ ନିରବ ହୋଇଛନ୍ତି ସେଠି ଭିଟାମାଟି ବିକ୍ରୀ ହୋଇଛି । ବନବାସୀ ,ଗ୍ରାମବାସୀ ବିସ୍ଥାପିତ ହୋଇଛନ୍ତି। ଏହାଯେ କେବଳ ବନବାସୀଙ୍କ ସ୍ୱାର୍ଥର ଲଢେଇ ତାହା ନୁହେଁ। ଏହା ସହିତ ରହିଛି ପରିବେଶ ସଂକ୍ରାନ୍ତ ସମସ୍ୟା । ଖଣି ଉତ୍ତୋଳନ ଯୋଗୁଁ ବ୍ୟାପକ ଜଂଗଲ କ୍ଷୟ ହେବା ସହିତ ପରିବେଶ ପ୍ରଦୂଷଣର ଭୟ ରହିଛି। ଜଳ ଉତ୍ସ ଶୁଖିଯିବାର ଆଶଙ୍କା ରହିଛି । ବନ୍ୟପ୍ରାଣୀଙ୍କ ଚଳପ୍ରଚଳ ପାଇଁ ଆବଶ୍ୟକ ସ୍ଥାନ ସଂକୀର୍ଣ୍ଣ ହେବାରେ ଲାଗିଛି। ଅନେକ ଔଷଧୀୟ ବୃକ୍ଷ ନଷ୍ଟ ହୋଇଛି । ଏସବୁ ସମସ୍ୟାକୁ ଆଖି ଆଗରେ ନ ରଖି ବିକାଶର ସ୍ୱପ୍ନ ଦେଖାଯାଇନପାରେ । ସରକାରଙ୍କ ଅନୁମତି ବିନା ଅନେକ ବେଆଇନ ଖଣି ଖନନ ହେଉଥିବା ମଧ୍ୟ ବିଭିନ୍ନ ସମୟରେ ଲୋକଲୋଚନକୁ ଆସିଛି। ଯାହାଦ୍ୱାରା ସରକାରଙ୍କ ରାଜସ୍ୱ ହାନି ଘଟୁଛି। ଓଡ଼ିଶା ହେଉଛି ପ୍ରାକୃତିକ ସଂପଦ ଓ ଖଣିଜ ସଂପଦର ଗନ୍ତାଘର । ବିଦେଶୀ କମ୍ପାନୀର ମସୁଧାରେ ଆମ ରାଜ୍ୟର ମୂଲ୍ୟବାନ ଖଣିଜ ସଂପଦ ଶାଗ ମାଛ ଦରରେ ଆଜି ବିକ୍ରି ହେଉଛି । ଜନସାଧାରଣ ସଜାଗ ନ ହେଲେ ଅଳ୍ପ ଦିନ ମଧ୍ୟରେ ସବୁ ଖଣି ଖାଦାନ ଶେଷ ହୋଇଯିବ ଆଉ ଓଡ଼ିଶା ଏକ ଅସନ୍ତୁଳିତ ପରିବେଶରେ କାଳାତିପାତ କରିବ ଏହା ନିଃସନ୍ଦେହ । ବିକାଶର ସ୍ୱପ୍ନ ଦେଖିବା ଠିକ କିନ୍ତୁ ପରିବେଶକୁ ଧ୍ୱଂସମୁଖରେ ଠେଲିଦେଇ ବିକାଶର ସ୍ୱପ୍ନ ଦେଖିବା କେତେଦୂର ଯଥାର୍ଥ । ବିକାଶର ନାମରେ ହଜାର ହଜାର ବନବାସୀ ,ଆଦିବାସୀଙ୍କୁ ବାସହରା କରିବାର ପ୍ରାସଙ୍ଗିକତା କେତେ ? ନଦୀବନ୍ଧ ନିର୍ମାଣରେ ହେଉ ,ଖଣି ଖାଦାନ ଉତ୍ତୋଳନରେ ହେଉ ,ଅନ୍ୟାନ୍ୟ ଶିଳ୍ପ ପ୍ରତିଷ୍ଠାରେ ବିକାଶର ଯେଉଁ ଚିତ୍ର ଦୃଶ୍ୟମାନ ହେଉଛି ତାର ଆଢୁଆଳରେ କେତେଯେ ନିରୀହ ମଣିଷଙ୍କ ଉଜୁଡ଼ା ପରିବାରର ଲୁହ ଓ ଲହୁର ସ୍ୱାକ୍ଷର ବହନ କରିଛି ଏହା ସାଧାରଣ ଚକ୍ଷୁରେ ଦୃଶ୍ୟମାନ ହୁଏନି ।

ସିନାପାଲି ( ଗୋଡ଼ାଲ ) ନୂଆପଡ଼ା
ମୋ- ୮୦୧୮୧୮୦୩୮୧

## କନିଷ୍ଠ ଆଇନଜୀବୀଙ୍କୁ ପୁଲିସ ହେପାଜତ ପଠାଇବା ନିର୍ଦ୍ଦେଶକୁ ନିନ୍ଦା

କଟକ,୯ ।୫ : ଆନ୍ଧ୍ରପ୍ରଦେଶର ଉଚ୍ଚନ୍ୟାୟାଳୟରେ ଗତ ୫ ତାରିଖରେ ଘଟିଥିବା ଦୁର୍ଭାଗ୍ୟଜନକ ତଥା ଅଭାବନୀୟ ଏବଂ ଅପ୍ରତ୍ୟାଶିତ ଘଟଣା ପାଇଁ ରାଜ୍ୟ ଆଇନୀଜୀବୀ ପରିଷଦ ପକ୍ଷରୁ ନିନ୍ଦା କରାଯାଇଛି । ନ୍ୟାୟମୂର୍ତ୍ତି ଟି ଆର ରାଜଶେଖର ରାଓଙ୍କ କୋର୍ଟ ରୁମ ପରିସରରେ ଯୁକ୍ତି ଉପସ୍ଥାପନା କରିବା ସମୟରେ ଅଭିଯୋଗକାରୀ ଜଣେ କନିଷ୍ଠ ଆଇନଜୀବୀ ତାଙ୍କର ଏକ ତ୍ରୁଟିକୁ ଗୁରୁତର ସହ ନେଇ ନ୍ୟାୟମୂର୍ତ୍ତି ଭୀଷଣ ବିରକ୍ତି ପ୍ରକାଶ ପୂର୍ବକ ଉକ୍ତ ଆଇନଜୀବୀଙ୍କୁ ୨୪ ଘଣ୍ଟା ପାଇଁ ପୁଲିସ ହେପାଜତକୁ ପଠାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । କନିଷ୍ଠ ଆଇନଜୀବୀ ବସ୍ତୁତଃ ଭୟାତୁର ଭାବରେ ଯୋଡ଼ହସ୍ତରେ କ୍ଷମା ମାଗିବା ସହିତ ତାଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରିବାକୁ କ୍ରମାଗତ ଭାବେ ପ୍ରାର୍ଥନା କରିଚାଲିଥିଲେ । ଏଭଳି ଏକ ଘଟଣା ସାରା ଦେଶର ଆଇନଜୀବୀମାନଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି କରିଛି । ଦେଶର ଆଇନଜୀବୀମାନଙ୍କର ସର୍ବୋଚ୍ଚ ନିୟାମକ ସଂସ୍ଥା ଭାରତୀୟ ବିଧିଜ୍ଞ ପରିଷଦର ଅଧ୍ୟକ୍ଷ ମନନ କୁମାର ମିଶ୍ର , ନ୍ୟାୟମୂର୍ତ୍ତିଙ୍କର ଏଭଳି ଆଦେଶକୁ ନିନ୍ଦା କରିବା ସହିତ ଏହା ସର୍ବଥା ଅନୁଚିତ ବୋଲି ଦର୍ଶାଇଛନ୍ତି ।

## ଗୋଲାମୁଣ୍ଡା ଓ କେଗାଁ ଥାନାରେ ଜୁଭେଣ୍ଟିକା

ଗୋଲାମୁଣ୍ଡା,୯ ।୫ (ନିପ୍ର): ଗୋଲାମୁଣ୍ଡା ଓ କେଗାଁ ଥାନାରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହିଳା ଓ କିଶୋରୀ ବାଳିକାମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ । କେଗାଁ ଥାନା ଅଧିକାରୀ ସଂଗୀତା ବେକ ଓ ଗୋଲାମୁଣ୍ଡା ଥାନା ଅଧିକାରୀ ଯଶୋବନ୍ତ ସେଲମା ନିଜ ନିଜ ଥାନାରେ ଉପସ୍ଥିତ ଥିବା କିଶୋରୀ ବାଳିକା ମାନଙ୍କୁ ସ୍ୱାଗତ କରି ଥାନା ଭିତରେ ଥିବା ଅଧିକାରୀମାନଙ୍କୁ ଅବଗତ କରାଇଥିଲେ । ଅଭ୍ୟର୍ଥନା ଦାୟିତ୍ୱରେ ଥିବା କର୍ମଚାରୀ ଓ ଅଧିକାରୀମାନେ କେଉଁ କେଉଁ ଦାୟିତ୍ୱରେ ଅଛନ୍ତି ସେ ସମ୍ପର୍କରେ କିଶୋରୀ ବାଳିକାମାନଙ୍କୁ ଦେଖାଇଥିଲେ । ପରେ ଅଭିଯୁକ୍ତକାରୀଙ୍କୁ ହାଜତ କୋଠରୀ ମଧ୍ୟ ଦେଖାଇଥିଲେ । ବିଭିନ୍ନ ପ୍ରକାର ସାଇବର ଠକେଇ, ଅନଲାଇନ ଖେଳ,ଗୁପ୍ତ କଥା କହି ଭୟ ଦେଖାଇ ଅର୍ଥ ଆଦାୟ କରିବା ସମ୍ବନ୍ଧରେ ଚଳଚିତ୍ର ଛବି ମାଧ୍ୟମରେ ସଚେତନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କେଗାଁଥାନାର ଏସଆଇ ହେମନ୍ତ କୁମାର ପାତ୍ର, ଏ ଏସ ଆଇ ଗୋପବନ୍ଧୁ ତାଣ୍ଡି,ସମସ୍ତ ପୁଲିସ କର୍ମଚାରୀ ଓ ବହୁ ସଂଖ୍ୟାରେ କିଶୋରୀ ବାଳିକା, ଅଙ୍ଗନୱାଡିକର୍ମୀ ଉପସ୍ଥିତ ଥିବାବେଳେ ଗୋଲାମୁଣ୍ଡା ଥାନାରେ ସିଡିପିଓ ପଦ୍ମା ପ୍ରଧାନ, ଏସ ଆଇ ବିଳାସିନୀ ଭୋଇ, ସମସ୍ତ ପୁଲିସ କର୍ମଚାରୀ, ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ ସମେତ ଶତାଧିକ କିଶୋରୀ ବାଳିକା ଓ ଅଙ୍ଗନୱାଡି କର୍ମୀ ଉପସ୍ଥିତଥିଲେ ।

## ଅବ୍ୟବସ୍ଥା ଘେରରେ କାଣ୍ଟେଲ ରେଳ ଷ୍ଟେସନ

କେସିଙ୍ଗା, ୯/୫ (ନିପ୍ର)- ସମ୍ବଲପୁର ରେଲୱେ ଡିଭିଜନ ଅନ୍ତର୍ଗତ କାଣ୍ଟେଲ ରୋଡ୍ ଷ୍ଟେସନରେ ବିଭିନ୍ନ ସମସ୍ୟା ଯୋଗୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ଲାଟଫର୍ମ ୧, ୨, ୩ ଓ ୪ରେ ପାନୀୟଜଳ ଷ୍ଟାଣ୍ଡପୋଷ୍ଟ ଭଗ୍ନ ଅବସ୍ଥାରେ ପଡିରହିଛି । ପ୍ରବଳ ଗ୍ରୀଷ୍ମପ୍ରବାହ ସମୟରେ ଯାତ୍ରୀମାନେ ପାନୀୟଜଳ ପାଇଁ ତହଳବିକଳ ହୋଇଥାନ୍ତି । ଷ୍ଟେସନରେ କୌଣସି ଦୋକାନ ନ ଥିବାରୁ ପାଣି ବୋତଲ ମିଳି ନ ଥାଏ । ପ୍ଲାଟଫର୍ମ ୧,୨ରେ



ଥିବା ଶୌଚାଳୟ ଦୀର୍ଘଦିନ ଧରି ଭଙ୍ଗା ଅବସ୍ଥାରେ ପଡି ରହିଛି । ଫଳରେ ମହିଳା ଓ ଯୁବତୀମାନେ ବହୁ ହଇରାଣ ହୋଇଥାନ୍ତି । ଆବଶ୍ୟକତା ଅନୁସାରେ ବିଦ୍ୟୁତ୍ ସଂଯୋଗ ନ ଥିବାରୁ ଯାତ୍ରୀମାନେ ରାତ୍ରି ସମୟରେ ହଇରାଣ ହୋଇଥାନ୍ତି । ସମ୍ବଲପୁର ଡିଭିଜନ ଡ଼ିଆରଏମ୍ ଏହି ସବୁ ସମସ୍ୟା ଯଥାଶୀଘ୍ର ସମାଧାନ କରିବା ପାଇଁ ଯାତ୍ରୀମାନେ ଦାବି ଜଣାଇଛନ୍ତି ।

## ଆସିକା ଥାନାରେ ଜୁଭେନଣ୍ଟିକା

ଆସିକା,୯ ।୫ (ନିପ୍ର):ରାଜ୍ୟ ପୋଲିସ ମହାନିର୍ଦ୍ଦେଶାଳୟ ଓ ୟୁନିସେଫ ମିଳିତ ଆନୁକୂଲ୍ୟରେ ସାରା ଓଡ଼ିଶାର ସମସ୍ତ ଥାନାରେ ଜୁଭେନିଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରମରେ ଆସିକା ଅତିରିକ୍ତ ଥାନା ଅଧିକାରୀ ସୌମ୍ୟ ରଞ୍ଜନ ଜେନା ଓ ଚାଇଲଡ ୱେଲଫର ପୋଲିସ ଅଫିସର ଆଲିସ୍ମିତା ଜେନାଙ୍କ ସଂଯୋଜନାରେ ସ୍ଥାନୀୟ ଆସିକା ତଥା ଆଖ ପାଖ ଅଞ୍ଚଳର କିଶୋରୀ ବାଳିକା ମାନଙ୍କୁ ନେଇ ଆସିକା ଥାନା ମହିଳା ଓ ଶିଶୁ ଡେସ୍କ ବୈଠକ ଗୃହ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ "ଜୁଭେନଣ୍ଟିକା" ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ସାଇବର ସିକ୍ୟୁରୀଟି, ମେଣ୍ଟାଲ ହେଲଥ,ଡିଜିଟାଲ ସିକ୍ୟୁରୀଟି, ଚାଇଲଡ ଫ୍ରେଣ୍ଡଲି ପୋଲିସ ଏହି ଚାରିଗୋଟି ବିଷୟ ଉପରେ ବିସ୍ତୃତ ଭାବେ ଉପସ୍ଥିତ ବାଳିକା ମାନଙ୍କୁ ଅବଗତ କରାଯିବ ସହ ସେମାନଙ୍କ ସହ କୌଣସି ସାଇବର ଫ୍ରଡ଼ ହେଲେ ୧୯୩୦କୁ କିପରି କଲ କରିବା । ସେମାନଙ୍କ ସହିତ କୌଣସି ପ୍ରକାର ଧମକ ଚମକ ଆସିଲେ ୧୧୨କୁ କିପରି କଲ କରିବା କିପରି ଭବେ ନିଜର କୌଣସି ଅସୁବିଧା ଯାହା ନିଜ ପିତା ମାତାଙ୍କୁ ନଯାଇପାରିବ ତାହା ନିର୍ଦ୍ୱନ୍ଦ୍ୱରେ ଆସି ମହିଳା ଓ ଶିଶୁ ଡେସ୍କ ଅଧିକାରୀଙ୍କୁ ଜଣାଇ ତାର ସମାଧାନ କରିବା ସେ ଉପରେ ବିସ୍ତୃତ ଭାବେ ଚାଇଲଡ ୱେଲଫର ପୋଲିସ ଅଫିସର ଆଲିସ୍ମିତା ଜେନା ବାଳିକା ମାନଙ୍କୁ ଜଣାଇଥିଲେ ।

## ଶିଶୁ ସୁରକ୍ଷା ଉପରେ ସ୍ୱତନ୍ତ୍ର ସମ୍ମିଳନୀ

କେନ୍ଦ୍ରାପଡ଼ା,୯ ।୫ (ନିପ୍ର): କେନ୍ଦ୍ରାପଡ଼ା ଟାଉନ ଥାନା ପରିସରରେ ଜୁଭେଣ୍ଟିକା ୟୁନିସେଫ୍ ସହଯୋଗରେ ଓଡ଼ିଶା ପୋଲିସ ଦ୍ୱାରା ରାଜ୍ୟ ସ୍ତରୀୟ ଡିଜିଟାଲ୍ ଅଧିକାର ଏବଂ କିଶୋର ସୁରକ୍ଷା ଉପରେ ସ୍ୱତନ୍ତ୍ର ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜୁଭେଣ୍ଟିକା ହେଉଛି ୨୦୨୬ ମସିହାରେ ଓଡ଼ିଶା ପୋଲିସ ଦ୍ୱାରା ୟୁନିସେଫ୍ ସହଯୋଗରେ ଆରମ୍ଭ କରାଯାଇଥିବା ଏକ ପ୍ରୟାସ, ଯାହା କିଶୋରମାନଙ୍କ ଡିଜିଟାଲ୍ ସୁରକ୍ଷା, ଅଧିକାର ଏବଂ ସଚେତନତାକୁ ସୁଦୃଢ଼ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ । ଏହି ନିୟମ ଅନୁଯାୟୀ ପ୍ରତ୍ୟକ ଥାନରେ ଉଡଚଙ୍ଗ ଅଧିକାରୀ ନିଯୁକ୍ତି ପ୍ରାଧିକରଣ କରାଯାଇଛି ଓ ଏହି କାର୍ଯ୍ୟକ୍ରମ ୩୨ ଗୋଟି ରାଜ୍ୟରେ ୫୫୫ ଟି ଥାନାରେ ୧୫ ହଜାରରୁ ଉର୍ଦ୍ଧ୍ୱ ପିଲାମାନଙ୍କୁ ନେଇ ଏଲ.ଇ.ଡି ଭରଚୁଆଲ ମୋଡ଼ ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ପୋଲିସ ମୁଖ୍ୟାଳୟରୁ ଯୋଗେଶ ବାହାଦୁର ଖୁରାନିଆ ଙ୍କ ଭିଡିଓ କନଫରେନ୍ସ ମାଧ୍ୟମରେ ରାଜ୍ୟର ୫୫୫ ଗୋଟି ଥାନାରେ କାର୍ଯ୍ୟକ୍ରମ ରେ ଯୋଡିହୋଇଥିବା ଶିଶୁ କନ୍ୟାମାନଙ୍କୁ ସୁରକ୍ଷା ଏବଂ ନିଜ ଅଞ୍ଚଳର ପୋଲିସ ସହିତ ପରିଚିତ ହୋଇପାରିବା ସମ୍ପର୍କ ରେ କହିଥିଲେ ଓ କାର୍ଯ୍ୟକ୍ରମ ଜରିଆରେ କିଶୋରମାନଙ୍କୁ ଟାଉନ ଥାନା ପରିଭ୍ରମଣର କରାଇବା ସହ ପୋଲିସର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଏସ୍‌ପି ସିଦ୍ଧାର୍ଥ କଟାରୀୟା ବୁଝାଇଥିଲେ ।

## ତହସିଲସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ନେଇ କାର୍ଯ୍ୟସୂଚୀ

କେନ୍ଦ୍ରାପଡା,୯ ।୫ (ନିପ୍ର): ରାଜସ୍ୱ ସମ୍ବନ୍ଧୀୟ ଅଭିଯୋଗ ମାମଲାଗୁଡିକର ଶୀଘ୍ର ସମାଧାନ ଏବଂ ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ଶୁଣାଣି ନିମନ୍ତେ ଜିଲ୍ଲା ପ୍ରଶାସନ, କେନ୍ଦ୍ରାପଡା ପକ୍ଷରୁ ମେ ମାସରେ ବିଭିନ୍ନ ତହସିଲରେ ତହସିଲ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଆୟୋଜନ କରାଯିବ । ଏହି ଶିବିରଗୁଡିକରେ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ସାଧାରଣ ଲୋକଙ୍କ ରାଜସ୍ୱ ସମ୍ବନ୍ଧୀୟ ଅଭିଯୋଗଗୁଡିକର ଶୁଣାଣି କରିବେ । ପ୍ରକାଶିତ କାର୍ଯ୍ୟସୂଚୀ ଅନୁଯାୟୀ, ଆସନ୍ତା ୧୪.୦୫.୨୦୨୬ ତାରିଖରେ ପଟ୍ଟାମୁଣ୍ଡାଇ ତହସିଲରେ ଉପଜିଲ୍ଲାପାଳ, କେନ୍ଦ୍ରାପଡା ଅରୁଣ କୁମାର ନାୟକ ଅଭିଯୋଗ ଶୁଣାଣି କରିବେ । ସେହିପରି ୧୫.୦୫.୨୦୨୬ ତାରିଖରେ ମାର୍ଶାଘାଇ ତହସିଲରେ ଜିଲ୍ଲାପାଳ, କେନ୍ଦ୍ରାପଡା ରଘୁରାମ ଆର. ଆୟର ଜନସାଧାରଣଙ୍କ ଅଭିଯୋଗ ଶୁଣିବେ । ଏହାସହ ୧୯.୦୫.୨୦୨୬ ତାରିଖରେ ମହାକାଳପଡା ତହସିଲରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ ଏବଂ ୨୦.୦୫.୨୦୨୬ ତାରିଖରେ ଡେରାବିଶ ତହସିଲରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା ଅଭିଯୋଗ ଶୁଣାଣି କରିବେ । ସେହିପରି ୨୯.୦୫.୨୦୨୬ ତାରିଖରେ କନିକା ତହସିଲରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା ଜନସାଧାରଣଙ୍କ ଅଭିଯୋଗ ଶୁଣିବେ । ସମସ୍ତ ଶିବିର ସକାଳ ୭.୩୦ ଘଟିକାରୁ ୧୦.୦୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ତେଣୁ ଜନସାଧାରଣଙ୍କୁ ନିଜ ନିଜ ଅଭିଯୋଗ ସହ ନିର୍ଦ୍ଧାରିତ ତାରିଖ ଓ ସ୍ଥାନରେ ଉପସ୍ଥିତ ରହିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

# ଠିକାଦାର ତୁଷ୍ଟିକରଣରେ ବଲାଙ୍ଗିର ପୌରପରିଷଦ

## ଏନ୍‌ଏଚ କଡରେ ନିର୍ମାଣକୁ ବିରୋଧ, ଇଓଙ୍କ ପାଖରେ ଲିଖିତ ଅଭିଯୋଗ କଲେ ସ୍ଥାନୀୟ ଲୋକେ

ବଲାଙ୍ଗିର,୯ ।୫(ନିପ୍ର); ବଲାଙ୍ଗିର ସହରରେ ଦେଇ ଯାଇଛି ଏନ୍‌ଏଚ ରାସ୍ତା । ଏହି ରାସ୍ତାର ଭାଗିରଥୀ ଛକରୁ ଜିଲ୍ଲାପାଳଙ୍କ ବାସଗୃହ ପର୍ଯ୍ୟନ୍ତ ରାସ୍ତା କଡରେ ସ୍ଥାନୀୟ ପୌରପରିଷଦ ପକ୍ଷରୁ ସୌନ୍ଦର୍ଯ୍ୟ କରଣ ନାଁରେ ବେଆଇନ ନିର୍ମାଣ କାମ ଚାଲିଛି । ଏହି କାମକୁ ବିରୋଧ କରି ସ୍ଥାନୀୟ ଲୋକେ ପୌରପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରାଙ୍କୁ ଲିଖିତ ଆକାରରେ ଅଭିଯୋଗ ଦେବା ସହ ଏହାର ଏକ କପି ଉପମୁଖ୍ୟମନ୍ତ୍ରୀ, ବଲାଙ୍ଗିର ସାଂସଦ, ସ୍ଥାନୀୟ ବିଧାୟକଙ୍କୁ ଲିଖିତ ଆକାରରେ ଯଣାଇଛନ୍ତି । ଲୋକଙ୍କ ଅଭିଯୋଗ ଅନୁସାରେ, ଏହି କାମ ହେବା ଦ୍ୱାରା ରାସ୍ତା ସଂକୋଚନ ହେଉଛି ଏବଂ ପେଲେସ ଲାଇନ, ସାଗର ପଡା ତଥା ଏହି ଆଖପାଖ ଅଂଚଳର ଅଧିବାସୀ ମାନେ ସହର ମଧ୍ୟକୁ ଆସିବାରେ ଅସୁବିଧା ହେଉଛି । ଏହାସହ ପ୍ରତିଦିନ ମହିଳା ମହାବିଦ୍ୟାଳୟର ଛାତ୍ରୀ ଓ ଶିକ୍ଷକ, ରାଜେନ୍ଦ୍ର ୟୁନିଭରସିଟିରେ ପଢୁଥିବା ସହରର ଛାତ୍ରଛାତୀ ପେଲେସ ଲାଇନରୁ ଭାଗିରଥି ଛକ ପର୍ଯ୍ୟନ୍ତ ରାସ୍ତା ଦେଇ ଯିବା ଆସିବା କରିଥାନ୍ତି । କିନ୍ତୁ ପୌର ପରିଷଦ ପକ୍ଷରୁ ଗତ ଦୁଇ ବର୍ଷ ହେଲା ଭାଗିରଥି ଛକ ରୁ ଜିଲ୍ଲାପାଳଙ୍କ ବାସଗୃହ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ନିର୍ମାଣ କାମ ଚାଲିଛି । ଯଦ୍ୱାରା ରାସ୍ତା ସଂକୋଚନ ହେବାରେ ଲାଗିଛି । ଏହାଦ୍ୱାରା ରାସ୍ତାରେ ଲୋକେ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଛୋଟମୋଟ ଦୁର୍ଘଟଣାମାନ ଘଟୁଛି । ଏହି ରାସ୍ତା ଏନଏଚ ବିଭାଗର ଅଟେ ଏବଂ ନିୟମ ଅନୁସାରେ ଏନଏଚ ରାସ୍ତା ପାର୍ଶ୍ୱରେ କୌଣସି କଂକ୍ରିଟ କାମ କରାଯାଇ ପାରିବ ନାହିଁ । ତଥାପି ପୌରପରିଷଦ ପକ୍ଷରୁ ଏଠାରେ କଂକ୍ରିଟ କାମ ଚାଲିଛି ବୋଲି ଲୋକେ ଅଭିଯୋଗ କରିଛନ୍ତି । ପୂର୍ବରୁ ମଧ୍ୟ ଜିଲ୍ଲାପାଳଙ୍କୁ ଲୋକେ ଲିଖିତ ଅଭିଯୋଗ କରିଥିଲେ କିଛିଦିନ ବିଭାଗ ପକ୍ଷରୁ କାମ ବନ୍ଦ କରିଦିଆ ଯାଇଥିଲା । କିନ୍ତୁ ପୁଣି ପିଡବ୍ଲୁଡି କାର୍ଯ୍ୟାଳୟ ରାସ୍ତା ପାର୍ଶ୍ୱରେ କଂକ୍ରିଟ କାମ ଚାଲିଥିବା ଅଭିଯୋଗ ହୋଇଛି । ତେଣୁ ତୁରନ୍ତ ଏହି କାମକୁ ବନ୍ଦ କରିବା ସହ ଏହି ରାସ୍ତାକୁ ସଫା କରିବାକୁ ଲୋକେ ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି । ପ୍ରକାଶ ଯେ, ରାସ୍ତାକଡରେ ପୌର ପରିଷଦ କାମ କଲା ପରେ ଏବେ ରାସ୍ତା ଉପରେ ଲାଇଟ ଖୁଣ୍ଟ ପୋତି ଆଲୋକି କରଣ କରିବ ବୋଲି ସ୍ପଷ୍ଟି କରଣ ଦେଉଛି । ଏହି ରାସ୍ତାକଡ କାମ ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ ଏବେ ଚାଲିବା ରାସ୍ତା ଉପରେ ଲାଇଟ ଖୁଟଂ ପୋତିବା ଯୋଗୁଁ ଆହୁରି ଅସୁବିଧାର ସମ୍ମୁଖୀନ ହେବେ । ରାସ୍ତା ଉପରେ ପୌରପରିଷଦର ଏହି ବେଆଇନ ନିର୍ମାଣ ଯୋଗୁଁ ରାସ୍ତା ସଂକୋଚନ ହେବା ସହ ମଟର ସାଇକଲ, ସାଇକଲ ଓ ଚାଲିକି ଯିବା ଲୋକଙ୍କ ପାଇଁ ରାସ୍ତା ନାହିଁ, ଯେଉଁ ରାସ୍ତା ଥିଲା ତା ଉପରେ ବାଡ ଦେଇ ନିର୍ମାଣ ଚାଲିଛି । ଯେହେତୁ ଏହିପଟେ ବସଷ୍ଟାଣ୍ଡ ଅଛି, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଆରଟିଓ ଅଫିସ, ଫରେଷ୍ଟ ଅଫିସ, ମହିଳା ମହାବିଦ୍ୟାଳୟ, ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମେତ ବହୁ ସରକାରୀ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଅଛି ଏବଂ ଏହି ପଟେରେ ବହୁ ଘରଦ୍ୱାର ଦିନକୁ ଦିନ ବଢିବାରେ ଲାଗିଛି ତେଣୁ ଲୋକ ସଂଖ୍ୟା ମଧ୍ୟ ଏପଟେ ବଢିବାରେ ଲାଗିଛି । ଏହି ରାସ୍ତା ଦେଇ ପ୍ରତିଦିନ ଶହଶହ ସଂଖ୍ୟାରେ ସରକାରୀ ଓ ବେସରକାରୀ ବସ, ଭାରିଯାନ, ଚାରି ଚକିଆ ଯାନ, ମଟର ସାଇକଲ ଯିବା ଆସିବା କରୁଛି । କିନ୍ତୁ ପୌରପରିଷଦର ରାସ୍ତା ଉପରେ ଚଲାଇଥିବା କଂକ୍ରିଟ କାମ ଯୋଗୁଁ ରାସ୍ତା ସଂକୋଚନ ହେଉଛି ଏବଂ ଲୋକେ ଯାତାୟାତ କରିବାରେ ବହୁ ଅସୁବିଧା ହେଉଛି । ତେଣୁ ତୁରନ୍ତ ଏହି କାମ ବନ୍ଦ କରିବା ସହ ରସ୍ତା ଉପରେ ତିଆରି ହୋଇଥିବା ଏହି କଂକ୍ରିଟ କାମକୁ ହଟାଇ ରାସ୍ତା ପ୍ରସ୍ତତି କରଣ କରାଯାଉ ବୋଲି ସ୍ଥାନୀୟ ଅଂଚଳର ଆନନ୍ଦ କୁମାର ମିଶ୍ର, ରିତରାଜ ସିଂହ, ରଂଜନ ମହାନ୍ତି, ରାକେଶ ପଣ୍ଡା, ମୁରାରୀ ମୋହନ ମିଶ୍ର, ଦିଲୀପ ପାଢି, ଅଜିତ କୁମାର ତ୍ରିପାଠୀ, ରମାକାନ୍ତ ହୋତା, ତପନ ଦାସ, ଅଜିତ ପଣ୍ଡାଙ୍କ ସମେତ ବହୁ ସଂଖ୍ୟାରେ ଲୋକେ ପୌରପରିଷଦ ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ।

## ଦାୟିତ୍ୱପୂର୍ଣ୍ଣ ଆଚରଣ ପାଇଁ ରେଳବାଇ ଲେଭଲ୍ କ୍ରସିଂ ସଚେତନତା ପାଇଁ ଅନୁରୋଧ

ଜଟଣୀ,୯ ।୫(ନିପ୍ର):ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ଼ ମଣ୍ଡଳ ଅଧୀନରେ ରେଳ ଫାଟକ ଉଲ୍ଲଂଘନ ଏବଂ ସଡକ ଯାନବାହନ ଦ୍ୱାରା ଫାଟକ ଭାଙ୍ଗିବା ଘଟଣା ବୃଦ୍ଧି ପାଇଥିବାରୁ ଗଭୀର ଚିନ୍ତା ପ୍ରକାଶ କରାଯାଇଛି । ଏହି ଘଟଣାଗୁଡ଼ିକ କେବଳ ମାନବଜୀବନକୁ ବିପଦରେ ପକାଉନାହିଁ, ବରଂ ଟ୍ରେନ୍ ଚଳାଚଳରେ ବାଧା ସୃଷ୍ଟି କରି ସମୟନିଷ୍ଠତାକୁ ମଧ୍ୟ ପ୍ରଭାବିତ କରୁଛି । ଅନେକ ସମୟରେ ସଡକ ଯାତାୟାତକାରୀମାନେ ଫାଟକ ବନ୍ଦ ହୋଇଯାଇଥିବା ପରେ କିମ୍ବା ବନ୍ଦ ହେଉଥିବା ସମୟରେ ମଧ୍ୟ ରେଳ ଫାଟକ ଅତିକ୍ରମ କରିବାକୁ ଚେଷ୍ଟା କରୁଛନ୍ତି । ଏହା ଫଳରେ ଫାଟକ ବାରିକେଡ୍ କ୍ଷତିଗ୍ରସ୍ତ ହେବା, ସଙ୍କେତ ବ୍ୟବସ୍ଥା ବିଘ୍ନିତ ହେବା ଏବଂ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହେବା ପରି ଘଟଣା ଘଟୁଛି । ଏପରି ଅଦାୟୀ ବ୍ୟବହାର ମାନବଜୀବନ ଓ ରେଳ ସମ୍ପତ୍ତି ପାଇଁ ଗୁରୁତର ବିପଦ ସୃଷ୍ଟି କରୁଛି । ଉଲ୍ଲେଖ ଯୋଗ୍ୟ ଯେ ୨୦୨୪ ମସିହାରେ ଖୋର୍ଦ୍ଧାରୋଡ଼ ମଣ୍ଡଳ ଅଧୀନରେ ମୋଟ ୧୧୩ଟି ରେଳ ଫାଟକ ଭାଙ୍ଗିବା ଘଟଣା ରେକର୍ଡ ହୋଇଥିଲା, ଯାହାରେ ୯୨ ଜଣଙ୍କୁ ଗିରଫ କରାଯାଇଥିଲା । ୨୦୨୫ ମସିହାରେ ମୋଟ ୯୮ଟି ରେଳ ଫାଟକ ଭାଙ୍ଗିବା ଘଟଣା ଘଟିଥିବା ବେଳେ ୫୯ ଜଣଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇଛି । ସେହିପରି ୨୦୨୬ ମସିହାରେ (୮ ମେ ପର୍ଯ୍ୟନ୍ତ) ୪୩ଟି ରେଳ ଫାଟକ ଭାଙ୍ଗିବା ଘଟଣା ଘଟିଥିବା ବେଳେ ୨୩ ଜଣଙ୍କୁ ଗିରଫ କରାଯାଇଛି । ଚଳିତ ବର୍ଷରେ ମଣ୍ଡଳର ବିଭିନ୍ନ ସ୍ଥାନରୁ ରେଳ ଫାଟକ ଭାଙ୍ଗିବା ଘଟଣା ରିପୋର୍ଟ ହୋଇଛି । ସେଗୁଡ଼ିକ ମଧ୍ୟରେ — ଭୁବନେଶ୍ୱର ଅଞ୍ଚଳରେ ୦୮ଟି ଘଟଣା ,ବ୍ରହ୍ମପୁର ଅଞ୍ଚଳରେ ୦୬ଟି ଘଟଣା,ପୁରୀ ଅଞ୍ଚଳରେ ୦୨ଟି ଘଟଣା,ଭଦ୍ରକ ଅଞ୍ଚଳରେ ୦୮ଟି ଘଟଣା, ଯାଜପୁର କେନ୍ଦୁଝର ରୋଡ଼ ଅଞ୍ଚଳରେ ୦୩ଟି ଘଟଣା,କଟକ ଅଞ୍ଚଳରେ ୦୪ଟି ଘଟଣା, ପଲାସା ଅଞ୍ଚଳରେ ୦୩ଟି ଘଟଣା ଏବଂ ଖୋର୍ଦ୍ଧା ରୋଡ଼ ଅଞ୍ଚଳରେ ୦୨ଟି ଘଟଣା ରିପୋର୍ଟ କରାଯାଇଅଛି । ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ନିରାପତ୍ତା ବିଭାଗ ଏବଂ ରେଳବାଇ ସୁରକ୍ଷା ବଳ (ଆରପିଏଫ) କର୍ମଚାରୀଙ୍କ ଦ୍ୱାରା ପରିଚାଳିତ କ୍ରମାଗତ ସଚେତନତା ଅଭିଯାନ ଏବଂ ଲେଭଲ୍ କ୍ରସିଂରେ ସଡକ ବ୍ୟବହାରକାରୀଙ୍କ ନିରନ୍ତର ପରାମର୍ଶ ପରେ ମଧ୍ୟ ନିୟମ ଉଲ୍ଲଂଘନକାରୀଙ୍କ ଦ୍ୱାରା ଏପରି ଘଟଣା ଜାରି ରହିଛି । ଏହି



ପରିପ୍ରେକ୍ଷୀରେ ଖୋର୍ଦ୍ଧାରୋଡ଼ ରେଳ ପ୍ରଶାସନ ପୁଣି ଥରେ ଜନସାଧାରଣଙ୍କୁ ଲେଭଲ୍ କ୍ରସିଂ ନିକଟକୁ ଯିବା ସମୟରେ ସତର୍କତା ଅବଲମ୍ବନ କରିବା ସହ ରେଳବାଇକୁ ସହଯୋଗ କରିବାକୁ ଅନୁରୋଧ କରୁଛି ।

## ୨୦୦୨ ମାଟ୍ରିକ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ

ରମ୍ଭା,୯ ।୫ (ନିପ୍ର): ସାନଘାଟି ମା ଡାଲଖାଇ ଭଗବତୀ ମନ୍ଦିର ପରିସରରେ ରମ୍ଭା ହାଇସ୍କୁଲ ୨୦୦୨ ମାଟ୍ରିକ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । ଉତ୍ସାହ ଉଦ୍ଦୀପନା ସହ କୋଣେ ଅନୁକୋଣେରୁ ତଥା ଦୂରଦୂରାନ୍ତରୁ ଆସିଥିବା ଛାତ୍ର ଛାତ୍ରୀ ପରସ୍ପର ପରସ୍ପର ମଧ୍ୟରେ ଭାବ ଦିଆନିଆ, ପରିଚୟ ଆଦାନ ପ୍ରଦାନ କରିଥିଲେ ।ଛାତ୍ର ଶିକ୍ଷା ବର୍ଷର ଅନୁଭୂତି, ଗୁରୁମାନଙ୍କର ପ୍ରହାର, ବାପା ମା ମାନଙ୍କର ଗୁରୁମାନଙ୍କୁ ପିଲା ମାନଙ୍କର ଶିକ୍ଷା ଉପରେ ତର୍ଜମା ଆଜି ଆମକୁ ଏତେ ବାଟରେ ପହଞ୍ଚେଇଥିବା ଉଲ୍ଲେଖ କରିଥିଲେ । ସମସ୍ତେ ନିଜ ନିଜର ଜୀବନ ଜୀବିକା ଜଞ୍ଜାଳ ମଧ୍ୟରେ ସମୟ ବାହାର କରି ଦୀର୍ଘ ଦିନ ପରେ ଖୁସିର ମାହାଲରେ ପରିବାର ସହ ସାମିଲ ହୋଇଥିବା ଲକ୍ଷ୍ୟ କରାଯାଇଥିଲା । ସାମୂହିକ ଭାବେ ଉପସ୍ଥିତ ରହି କେକ କାଟି ପରସ୍ପରକୁ ଖୁଆଇଥିଲେ । ତତ ସହିତ କିଛି ସମୟ ପାଇଁ ନାଚ ଗୀତରେ ମସଗୁଲ ରହି ପରବର୍ତ୍ତୀ ସମୟରେ ଆଗାମୀ ଦିନରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଇ ନିଆରା ଢଙ୍ଗରେ ପାଳନ କରିବା ପାଇଁ ବଜ୍ର ଶପଥ ନେଇଥିବା ବନ୍ଧୁ ମିଳନ ସ୍ଥଳରୁ ପ୍ରକାଶ ପାଇଛି ।

## ବୈଶିଙ୍ଗା ପୁଲିସ ପକ୍ଷରୁ ଜୁଭେଣ୍ଟିକା

ବେତନଟୀ,୯ ।୫(ନିପ୍ର) :ବୈଶିଙ୍ଗା ପୁଲିସ ପକ୍ଷରୁ "ଜୁଭେଣ୍ଟିକା" ନାମକ ସାଇବର ସୁରକ୍ଷା କର୍ମଶାଳା ଆୟୋଜନ କରାଯାଇଛି । ଥାନା ଅଧିକାରୀ ବାରିଣୀ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କର୍ମଶାଳାକୁ ବୈଶିଙ୍ଗା ଥାନା ସିଡବ୍ଲୁପିଓ ଇତିଶ୍ରୀ ସାହୁ ପରିଚାଳନା କରିଥିବାବେଳେ କାର୍ଯ୍ୟକ୍ରମରେ ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରର କିଶୋର କିଶୋରୀ, ଯୁବପିଢ଼ୀ, ଛାତ୍ରଛାତ୍ରୀ ଓ ବିଭିନ୍ନ ଗଣମାଧ୍ୟମ ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇଥିଲେ । କର୍ମଶାଳାରେ ସିଡିପିଓ ଛବିରାଣୀ ବେହେରା ଓ ପୁଲିସ ଅଧିକାରୀମାନେ ଅନଲାଇନ୍ ଠକେଇରୁ କିପରି ସୁରକ୍ଷିତ ରହିବା, ଶକ୍ତିଶାଳୀ ପାସୱାର୍ଡ ବ୍ୟବହାର, ଅଜଣା ଲିଙ୍କ ଉପରେ କ୍ଲିକ୍ ନ କରିବା ଓ ଓଟିପି କାହା ସହ ଶେୟାର ନ କରିବା ସମ୍ପର୍କରେ ସଚେତନ କରିଥିଲେ । କୌଣସି ସନ୍ଦେହଜନକ କଲ୍ କିମ୍ବା ମେସେଜ୍ ମିଳିଲେ ତୁରନ୍ତ ସାଇବର ହେଲ୍ପଲାଇନ୍ ୧୯୩୦ କିମ୍ବା ନିକଟସ୍ଥ ପୁଲିସ ଥାନାକୁ ଅଭିଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା ।

## ଜାତୀୟ ପର୍ବତାରୋହଣ ପ୍ରଶିକ୍ଷଣ ଶିବିରରେ ରୌପ୍ୟ ପଦକ ହାସଲ କଲେ ଭୁବନେଶ୍ୱରୀ ନାୟକ

ଡାବୁଗାଁ,୯ ।୫ (ନିପ୍ର): ଡାବୁଗାଁ ଭୈରବ ଡିଗ୍ରୀ ମହାବିଦ୍ୟାଳୟ ର ଛାତ୍ରୀ ଭୁବନେଶ୍ୱରୀ ନାୟକ ସିକ୍କିମର ଦମଥାଙ୍ଗ ଠାରେ ଅନୁଷ୍ଠିତ ହୋଇଥିବା ଜାତୀୟ ପର୍ବତାରୋହଣ ପ୍ରଶିକ୍ଷଣ ଶିବିରରେ ୫ କିମି କ୍ରସ କନ୍‌ଟ୍ରି ଦୌଡ ପ୍ରତିଯୋଗୀତା ଓ ପର୍ବତାରୋହଣ ପ୍ରତିଯୋଗିତାରେ ଭାଗ ନେଇ ତୃତୀୟ ସ୍ଥାନ ହାସଲ କରିବା ସହ ଦୁଇଟି ରୌପ୍ୟ ପଦକ ହାସଲ କରି ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି ।

ଭୁବନେଶ୍ୱରୀ ନାୟକ ଜାତୀୟ ଏନସିସି ପର୍ବତାରୋହଣ ଶିକ୍ଷା ପାଇଁ ଜିଲ୍ଲା ସ୍ତରରେ ଚୟନ ପରେ ସିକ୍କିମ ରାଜ୍ୟର ଦମଥାଙ୍ଗରେ ଥିବା ଇଣ୍ଡିଆନ ହିମାଳୟନ ସେଣ୍ଟର ଫର ଆଡଭେଞ୍ଚର ଓ ଇକୋ ଟୁରିଜିମ୍‌ରେ ଭାଗ ନେଇଥିଲେ । ସେଠାରେ ଜାତୀୟ ଏନସିସି ପର୍ବତାରୋହଣ ଶିକ୍ଷା ରେ ଭାଗ ନେଇ ୫ କିମି କ୍ରସ କଣ୍ଟ୍ରି ଦୌଡ ପ୍ରତିଯୋଗୀତା ରେ ତୃତୀୟ ସ୍ଥାନ ହାସଲ କରି ରୌପ୍ୟ ପଦକ ପାଇଥିଲେ । ସେହିପରି କଠିନ ପର୍ବତାରୋହଣ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ହାସଲ କରି ରୌପ୍ୟ ପଦକ ହାସଲ କରିଥିଲେ ।

ଦେଶର ବିଭିନ୍ନ ପ୍ରାନ୍ତରୁ ହାସଲ ପ୍ରଶିକ୍ଷଣ ନେବା ପାଇଁ ଜାତୀୟ ଏନସିସି ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିବା ବେଳେ ଓଡିଶା ରାୟଗଡା ଜିଲ୍ଲାରୁ ୨ ଜଣ ଓ ନବରଙ୍ଗପୁର ଜିଲ୍ଲାରୁ ଭୁବନେଶ୍ୱରୀ ପ୍ରତିନିଧିତ୍ୱ କରି ଏହି କୃତିତ୍ୱ ହାସଲ କରିଛନ୍ତି । ଏପ୍ରିଲ ମାସ ୮ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ୨୦ ଦିନ ଧରି ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଡାବୁଗାଁ ଭୈରବ ଡିଗ୍ରୀ ମହାବିଦ୍ୟାଳୟ ର ଛାତ୍ରୀ ଭୁବନେଶ୍ୱରୀ ନାୟକ



ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ରୀ ହୋଇଥିବା ବେଳେ ସେ ବ୍ଲକର ଜୁନାପାଣି ପଞ୍ଚାୟତର କାମତା ଗ୍ରାମର ବାସିନ୍ଦା । ଏଥିପୂର୍ବରୁ ଭୁବନେଶ୍ୱରୀ ଦାର୍ଜିଲିଂ ରେ ୨୦୨୫ ନଭେମ୍ବର ୧୭ ରୁ ଡିସେମ୍ବର ୧୭ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ ନେଇଥିଲେ । ତାଙ୍କର ଏହି ସଫଳତା ପରେ ଭୈରବ ଡିଗ୍ରୀ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ବୁଦ୍ଧିଜୀବୀ ଓ ସ୍ଥାନୀୟ ଅଞ୍ଚଳବାସୀ ଭୂୟସୀ ପ୍ରଶଂସା କରିବା ସହ ଉନ୍ନତି କାମନା କରିଛନ୍ତି ।

## ଶିକ୍ଷା ବିଭାଗ ପକ୍ଷରୁ ୪ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ଶେରଗଡ଼ ,୯ ।୫ (ନିପ୍ର): ଶେରଗଡ଼ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ୪ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏ୧ ଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ମାନପତ୍ର ପ୍ରଦାନ କରାଯାଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଲକ୍ଷ୍ମୀନାରାୟଣ ପଣ୍ଡା,ଏବିଇଓ ଶୈରନ୍ଦ୍ରି ଦଳେଇ, ଦିବାକର ଗମାଙ୍ଗ ତଥା ସିଆରସିସି ଉପସ୍ଥିତ ଥିଲେ ।୫୪୮ ରଖିଥିବା ଲିପ୍ସା ମଳିକ,୫୪୬ ରଖିଥିବା ବର୍ଷାରାଣୀ ପାଢ଼ୀ,୫୪୦ ରଖିଥିବା ଶ୍ରେୟାନ୍ସ ମିଶ୍ର, ଶ୍ରାବଣୀ ପାଢ଼ୀ ଙ୍କୁ ପୁରସ୍କୃତ କରାଯାଇଥିଲା । ତାଙ୍କ ସାଥିରେ ଧରି ଆସିଥିବା ପ୍ରଧାନଶିକ୍ଷକ ମାନଙ୍କୁ ଛାତ୍ରଛାତ୍ରୀ ମାନଙ୍କ ପାଇଁ ସାଧୁବାଦ ଜଣାଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ କାର୍ଯ୍ୟାଳୟ ର ବରିଷ୍ଠ କିରାଣୀ ଶଙ୍କର ରାଓ ସମେତ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ସାମାଜିକ ଗଣମାଧ୍ୟମରେ ଅପମାନଜନକ ଓ ଅଶାଳୀନ ପୋଷ୍ଟ

## ଏସ୍‌ପିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କଲେ ସାମ୍ବାଦିକ

ନୟାଗଡ଼,୯ ।୫ (ନିପ୍ର): ସୋସିଆଲ ମିଡିଆକୁ ଅସ୍ତ୍ର କରି ବହୁ ପ୍ରଭାବଶାଳୀ ଲୋକଙ୍କୁ ଟାର୍ଗେଟ କରାଯାଉଛି । ସମାଜରେ ଘଟୁଥିବା ଘଟଣା ଓ ଦୁର୍ଘଟଣାକୁ ଭିନ୍ନ ମୋଡ଼ ଦେବାକୁ ପ୍ରୟାସ କରାଯାଉଛି । ନୟାଗଡ଼ ଜିଲ୍ଲାର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ରାଜ୍ୟ ବାହାରେ ରହି ଏଭଳି ଅପରାଧିକ କାର୍ଯ୍ୟକଳାପ ଚଳାଇ ଆସୁଛନ୍ତି । ଏହି ବ୍ୟକ୍ତିମାନେ ଏକ ରକ୍ୟା କେଟ ଗଠନ କରି ବିଭିନ୍ନ ରାଜନୈତିକ ବ୍ୟକ୍ତିତ୍ୱ, ଆଇନଜୀବୀ, ସାମ୍ବାଦିକ ତଥା ପ୍ରଭାବଶାଳୀ ବ୍ୟକ୍ତିଙ୍କ ନାମରେ ଅଶାଳୀନ ଭାବେ ପୋଷ୍ଟ କରୁଥିଲେ । ଏହି ରକ୍ୟାକେଟରେ ଆହୁରି କିଛି ଲୋକ ପ୍ରଚ୍ଛଦ ପଟରେ ରହିଛନ୍ତି । ଗତକିଛି ଦିନ ହେବ ଏହି ଗୋଷ୍ଠୀ ନୟାଗଡ଼ ଜିଲ୍ଲାର ପ୍ରମୁଖ ସାମ୍ବାଦିକଙ୍କୁ ବ୍ୟକ୍ତିଗତ ଭାବେ ଏବଂ ସଂଘ ନାମରେ ଅନେକ ଅପମାନଜନକ ପୋଷ୍ଟ କରି ଆସୁଛନ୍ତି । ଏହାକୁ ନେଇ ଆଜି ନୟାଗଡ଼ ସାମ୍ବାଦିକ ଭବନର ସମସ୍ୟମାନେ ନୟାଗଡ଼ ଏସ୍‌ପି ଏସ୍ ସୁଶ୍ରୀଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ମୁଖ୍ୟ କାର୍ପଟଦାର ଭାବେ ସାମ୍ବାଦିକଙ୍କୁ ଟାର୍ଗେଟ କରୁଥିବା ନୟାଗଡ଼ ଜିଲ୍ଲା ରାଜବଗିଚା ନିବାସୀ ଦାମୋଦର ସାହୁଙ୍କ ପୁଅ ଜିତେନ୍ଦ୍ର କୁମାର ସାହୁ ଏବଂ ଓଡ଼ଗାଁ ଥାନା ଦଣ୍ଡୋର ଗ୍ରାମର ସୁବାଷ ବିଷୋଇଙ୍କ ପୁଅ ଶାନ୍ତନୁ ବିଷୋଇଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି । ନୟାଗଡ଼ ସାମ୍ବାଦିକ ଭବନରେ ଗତକାଲି ରାତିରେ ଏକ ବୈଠକ ବସି ନିଷ୍ପତ୍ତି ନିଆଯିବା ପରେ ଆଜି ଭବନ ପରିସରରୁ ଉପଦେଷ୍ଟା ଶ୍ରୀକାନ୍ତ କୁମାର ଖଟେଇ, ସଭାପତି ବୈଦ୍ୟଭୂଷଣ ମହାପାତ୍ର, ସମ୍ପାଦକ ଅନୀଲ କୁମାର



ପଣ୍ଡା, ଉପସଭାପତି ପ୍ରଶାନ୍ତ କୁମାର ଜେନାଙ୍କ ନେତୃତ୍ୱରେ ବହୁ ସାମ୍ବାଦିକ ନୟାଗଡ଼ ଏସ୍ ?ପିଙ୍କୁ ସାକ୍ଷାତ କରିଥିଲେ । ସାର୍ବଜନୀନ କ୍ଷେତ୍ରରେ ପ୍ରତିଷ୍ଠିତ ସାମ୍ବାଦିକଙ୍କ ବିରୁଦ୍ଧରେ ଘୃଣା ଏବଂ ଅବିଶ୍ୱାସ ସୃଷ୍ଟି କରିବା, ଭୟଭୀତ କରିବା ଏବଂ ଧମକ ଦେବା,ପରିବାର ସଦସ୍ୟଙ୍କ ବିରୁଦ୍ଧରେ ମାନହାନିକାରକ ମନ୍ତବ୍ୟ ସହିତ ବ୍ୟକ୍ତିଗତ ଆକ୍ରମଣ କରିବା ଏବଂ ବ୍ଲାକମେଲ୍ କରି ମାସିକ ଚାନ୍ଦା ଆଦାୟ କରିବାକୁ ଚେଷ୍ଟା କରିବା ଅଭିଯୋଗ ହୋଇଛି । ଏନେଇ ଦାବିପତ୍ର ପ୍ରଦାନ କରାଯାଇଛି । ଅଭିଯୁକ୍ତଙ୍କ ବିରୁଦ୍ଧରେ ତୁରନ୍ତ ଆଇନଗତ କାର ?ୟା ନୁଷ୍ଠାନ ଆରମ୍ଭ, ସେମାନଙ୍କୁ ଗିରଫ କରିବା ପାଇଁ ପଦକ୍ଷେପ, ସେମାନଙ୍କ କାର୍ଯ୍ୟକଳାପର ପୁଙ୍ଖାନୁପୁଙ୍ଖ ତଦନ୍ତ, ଆଇନ ଅନୁଯାୟୀ ସମ୍ପୃକ୍ତ ଫେସବୁକ୍ ଆକାଉଣ୍ଟଗୁଡ଼ିକୁ ନିଷିଦ୍ଧ କରିବା ପାଇଁ ଦାବି କରାଯାଇଛି । ତା ସହିତ ଅନେକ ପ୍ରମାଣ ମଧ୍ୟ ଏସ୍‌ପିଙ୍କୁ ଦିଆଯାଇଛି । ଏଠାରେ ପ୍ରକାଶ ଯୋଗ୍ୟ, କିଛିଦିନ ହେବ ଏହି ଗୋଷ୍ଠୀ ଏକ ଦୈନିକ ଖବରକାଗଜ ଜିଲ୍ଲା ପ୍ରତିନିଧି ଅନୀଲ କୁମାର ପଣ୍ଡାଙ୍କୁ ଟାର୍ଗେଟ କରି ତାଙ୍କ ନାମରେ ସୋସିଆଲ ମିଡିଆରେ ଅପମାନ ଜନକ ତଥା ଅଶାଳୀନ ଶବ୍ଦ ବ୍ୟବହାର କରି ପୋଷ୍ଟ କରୁଥିଲେ । ଏପରିକି ତାଙ୍କ ପରିବାରକୁ ଅପମାନ କରି ପୋଷ୍ଟ କରୁଥିଲେ । ଅଶାଳୀନ ପୋଷ୍ଟ ଭାଇରାଲ କରିବା ଘଟଣାକୁ ନେଇ ଅନୀଲ କୁମାର ପଣ୍ଡାଙ୍କ ଅଭିଯୋଗ ଆଧାରରେ ଟାଉନଥାନାରେ ୧୩୦/୨୬ରେ ଉଭୟଙ୍କ ନାମରେ ମାମଲା ରୁଜୁ ହୋଇଛି । ଏହି ମାମଲା ରୁଜୁ ହେବା ପରେ ଦୁଇ ବ୍ୟକ୍ତି ସାମ୍ବାଦିକ ସଂଘ ଏବଂ ଏହାର କାର ?ୟକର୍ତ୍ତାଙ୍କ ନାମରେ ପୋଷ୍ଟ କରିବା ଏବଂ ଭିଡିଓ ଜାରି କରିବା ଘଟଣା ସାମ୍ନାକୁ ଆସିଛି । ଦାବିପତ୍ର ପ୍ରଦାନ ବେଳେ ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ, ହୁସେନ୍ ଖାନ, ରଜତ ପଟ୍ଟନାୟକ, ନବକିଶୋର ମିଶ୍ର, ଚିତ୍ତରଞ୍ଜନ ପାଣା, ଅଶୋକ କୁମାର ସାଥୁଆ, ଧିରେନ୍ଦ୍ର ପଟ୍ଟନାୟକ, ମହେଶ ମିଶ୍ର, ବିଶ୍ୱଜିତ ନାୟକ, କ୍ଷୀରୋଦ ପଟ୍ଟନାୟକ, ଦୀନମଣୀ ମହାନ୍ତି, ଜନ୍ମେଜୟ ମହାନ୍ତି, ଗୌରୀଶଙ୍କର ଦାଶ, ପ୍ରଦୀପ୍ତ ପାତ୍ରଙ୍କ ସମେତ ବହୁ ସାମ୍ବାଦିକ ଉପସ୍ଥିତ ରହିଥିଲେ ।

## ସ୍ପେନରେ ନିଶା କାରବାରକୁ ଶକ୍ତ ଝଟକା
# ୪୧ ଟନ୍ କୋକେନ ଜବତ, ୭୭ ଗିରଫ

ମାଡ୍ରିଡ,୯ ।୫: ସମୁଦ୍ରରେ ନିଶା କାରବାର ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନରେ, ସ୍ପାନିସ ପୋଲିସ ମୋଟ ୪୧ ଟନ କୋକେନ ଜବତ କରିଛି । କେବଳ ଏହି ଅପରେଶନଗୁଡ଼ିକ ମଧ୍ୟରୁ ଗୋଟିଏରେ, ୩୦ ଟନ କୋକେନ ଜବତ କରାଯାଇଥିଲା, ଯାହା ସ୍ପେନର ଇତିହାସରେ ଏହି ଡ୍ରଗ୍ସର ସବୁଠାରୁ ବଡ଼ ଜବତ । ଏହା ବ୍ୟତୀତ, ଗୃହ ମନ୍ତ୍ରଣାଳୟ ଅନୁଯାୟୀ, ଏହା ଏକ ଅପରେଶନରେ ବିଶ୍ୱ ନିଶା କାରବାର ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆଘାତ । ଏହି ଅପରେଶନଗୁଡ଼ିକର ବିବରଣୀ ଉପସ୍ଥାପନ କରି, ଗୃହମନ୍ତ୍ରୀ ଫର୍ଣ୍ଣାଣ୍ଡୋ ଗ୍ରାଣ୍ଡେ-ମାରଲାସ୍କା କହିଛନ୍ତି ଯେ ଆଟଲାଣ୍ଟିକ ମହାସାଗରରେ କରାଯାଇଥିବା ଏହି ଦୁଇଟି ପ୍ରମୁଖ ଅପରେଶନ ନିଶା କାରବାର ବିରୁଦ୍ଧରେ ସିଧାସଳଖ ଆଘାତ ଦେଇଛି । ସେ ଅନ୍ତର୍ଜାତୀୟ ସଂଗଠିତ ଅପରାଧ ବିରୁଦ୍ଧରେ ନିଆଯାଇଥିବା ଦୃଢ଼ ଏବଂ ନିର୍ଣ୍ଣାୟକ ରଣନୈତିକ କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା କରିଛନ୍ତି । ମାର୍ଲାସ୍କା ପ୍ରକାଶ କରିଛନ୍ତି ଯେ ଏହି ଦୁଇଟି ଅପରେସନ ସମୟରେ ୭୭ ଜଣଙ୍କୁ ଗିରଫ କରାଯାଇଥିଲା ଏବଂ ୪୧ ଟନ କୋକେନ ବ୍ୟତୀତ ୮.୫ଟନ ହାସିସ ମଧ୍ୟ ଉଦ୍ଧାର କରାଯାଇଥିଲା । ଏହା ବ୍ୟତୀତ, ପ୍ରାୟ କୋଡ଼ିଏଟି ଜାହାଜ, ଯାନବାହନ ଏବଂ ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିଲା । ଏହି ଡ୍ରଗ୍ସର କଳାବଜାର ମୂଲ୍ୟ ୮୧୨ ନିୟୁତ ୟୁରୋ (ପ୍ରାୟ ୯୦ ବିଲିୟନ ଟଙ୍କା) ଅତିକ୍ରମ କରିବ ବୋଲି ଆକଳନ କରାଯାଉଛି ।

## ମିଆଁମାରରେ ମିଳିଲା ୨.୧ କିଲୋଗ୍ରାମର ମାଣିକ୍ୟ

ନୂଆଦିଲ୍ଲୀ,୯।୫: ଭାରତର ପଡ଼ୋଶୀ ଦେଶ ମିଆଁମାରରେ ବର୍ତ୍ତମାନ ଗୃହଯୁଦ୍ଧ ପରି ପରିସ୍ଥିତି ସୃଷ୍ଟି ହୋଇଛି । ଦେଶରେ ସବୁବେଳେ ଗୁଳି ଫୁଟୁଛି । ଏହି ସମୟରେ, ମିଆଁମାରକୁ ଏକ ବଡ଼ ଗୁପ୍ତଧନ ମିଳିଛି । ମିଆଁମାରର ଖଣି କର୍ମଚାରୀମାନେ ଏକ ବଡ଼ ମାଣିକ୍ୟ ଆବିଷ୍କାର କରିଛନ୍ତି ଯାହା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି । ମିଆଁମାରର ମୋଗୋକ ଅଞ୍ଚଳରେ ଖଣି ଖନନ ସମୟରେ ୧୧,୦୦୦ କ୍ୟାରେଟ ବା ୨.୧ କିଲୋଗ୍ରାମର ଏକ ବିଶାଳ ମାଣିକ୍ୟ ମିଳିଛି ବୋଲି ରିପୋର୍ଟ କରାଯାଇଛି । ଏହାକୁ ଦେଶରେ ମିଳିଥିବା ଦ୍ୱିତୀୟ ବୃହତ୍ତମ ମାଣିକ୍ୟ ଭାବରେ ବିବେଚନା କରାଯାଉଛି । ଏହାର ମୂଲ୍ୟ ଏପର୍ଯ୍ୟନ୍ତ ଆକଳନ କରାଯାଇ ନାହିଁ, କିନ୍ତୁ ଅନୁମାନ କରାଯାଉଛି ଯେ, କଟା ଯାଇ ନଥିବା ଏହି ରୁବିର ମୂଲ୍ୟ କୋଟି କୋଟି ଟଙ୍କା ହେବ । ମୋଗୋକ ଅଞ୍ଚଳକୁ ମିଆଁମାରର ରତ୍ନପଥର ଶିଳ୍ପ ଭାବରେ ବିବେଚନା କରାଯାଏ । କିଛି ଦିନ ଧରି ଏହି ଅଞ୍ଚଳରେ କ୍ଷମତା ପାଇଁ ଲଢ଼େଇ ଜାରି ରହିଛି । ମିଳିଥିବା ମାଣିକ୍ୟ ୧୯୯୬ ରେ ମିଳିଥିବା ୨୧,୪୫୦ କ୍ୟାରେଟ ମାଣିକ୍ୟ ଅପେକ୍ଷା ଆକାରରେ ଛୋଟ ଥିଲେ ମଧ୍ୟ ଏହାର ଗୁଣବତ୍ତା ଉତ୍କୃଷ୍ଟ ବୋଲି କୁହାଯାଉଛି । ଏହାର ଉଜ୍ଜ୍ୱଳତା ଏବଂ ସ୍ୱଚ୍ଛତା ଅଧିକ ରହିଛି ।ମିଆଁମାର ହେଉଛି ବିଶ୍ୱର ସବୁଠାରୁ ବଡ଼ ମାଣିକ୍ୟ ଉତ୍ପାଦନକାରୀ ଦେଶ । ବିଶ୍ୱର ପ୍ରାୟ ୯୦% ମାଣିକ୍ୟ ଏଠାରୁ ଆସିଥାଏ । ଏହି କାରଣରୁ ରତ୍ନପଥର ବଜାରରେ ଆନ୍ତର୍ଜାତୀୟ ସ୍ତରରେ ମିଆଁମାରର ଗୁରୁତ୍ୱ ରହିଛି ।

## ପଞ୍ଜାବ କ୍ୟାବିନେଟ ମନ୍ତ୍ରୀ ସଞ୍ଜୀବ ଆରୋରା ଗିରଫ



ନୂଆଦିଲ୍ଲୀ,୯।୫: ପଞ୍ଜାବ କ୍ୟାବିନେଟ ମନ୍ତ୍ରୀ ଏବଂ ଆମ୍ ଆଦମୀ ପାର୍ଟି (ଏଏପି)ର ବରିଷ୍ଠ ନେତା ସଞ୍ଜୀବ ଆରୋରାଙ୍କ ସମ୍ପର୍କରେ ଏକ ବଡ଼ ଘଟଣା ସାମ୍ନାକୁ ଆସିଛି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଏକ ଦଳ ଶନିବାର ସକାଳେ ଚଣ୍ଡିଗଡ଼ରେ ତାଙ୍କ ସରକାରୀ ବାସଭବନରେ ଚଢାଉ କରିଛି । କିଛି ଘଣ୍ଟା ଧରି ତଦନ୍ତ ପରେ, ଇଡି ମନ୍ତ୍ରୀଙ୍କୁ ଗିରଫ କରିଛି । ଏହି ସମୟରେ, ଆମ୍ ଆଦମୀ ପାର୍ଟି କେନ୍ଦ୍ର ସରକାର ରାଜନୈତିକ ଚାପ ପ୍ରୟୋଗ କରୁଥିବା ଅଭିଯୋଗ କରିଛି । ସୂତ୍ର ଅନୁଯାୟୀ, ଇଡିର କାର୍ଯ୍ୟାନୁଷ୍ଠାନ ମନି ଲଣ୍ଡରିଂ, ଫେମା ଉଲ୍ଲଂଘନ, ଜମି ସମ୍ବନ୍ଧୀୟ ମାମଲା ଏବଂ ସନ୍ଦେହଜନକ ଆର୍ଥିକ କାରବାରର ତଦନ୍ତ ସହିତ ଜଡିତ । ଏନେଇ ଲୁଧିଆନା, ଜଳନ୍ଧର ଏବଂ ଗୁରୁଗ୍ରାମ ସମେତ ଅନେକ ସହରରେ ମଧ୍ୟ ଚଢାଉ କରାଯାଇଛି । ତଦନ୍ତରେ ସଞ୍ଜୀବ ଆରୋରାଙ୍କ ପରିବାର ଏବଂ ତାଙ୍କ କମ୍ପାନି ସହିତ ଜଡିତ କିଛି କାର୍ଯ୍ୟାଳୟ ଅନ୍ତର୍ଭୁକ୍ତ ବୋଲି ଜଣାପଡିଛି । ମନ୍ତ୍ରୀ ସଞ୍ଜୀବ ଆରୋରାଙ୍କ ଗିରଫଦାରୀ ପରେ, ଆମ୍ ଆଦମୀ ପାର୍ଟି ଏହାର କଡ଼ା ସମାଲୋଚନା କରିଛି । ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କେନ୍ଦ୍ର ସରକାର ଏବଂ ବିଜେପି ଉପରେ କଠୋର ଆକ୍ରମଣ କରିଛନ୍ତି । ସେ କହିଛନ୍ତି ଯେ, ଗତ ବର୍ଷ ମଧ୍ୟରେ ଏହା ତୃତୀୟ ଥର ଯେ ଇଡି ସଞ୍ଜିବ ଆରୋରାଙ୍କ ଘରକୁ ଗସ୍ତ କରିଛି, କିନ୍ତୁ ଏଜେନ୍ସି ଏପର୍ଯ୍ୟନ୍ତ କିଛି ପାଇନାହିଁ । ସେ ଆହୁରି ମଧ୍ୟ କହିଛନ୍ତି, ପଞ୍ଜାବ ହେଉଛି ଗୁରୁ ଏବଂ ସହିଦଙ୍କ ଭୂମି, ଯାହାକୁ ଦମନ କରାଯାଇପାରିବ ନାହିଁ । ରାଜନୈତିକ ବିରୋଧୀଙ୍କୁ ଟାର୍ଗେଟ କରିବା ପାଇଁ ବିଜେପି କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ବ୍ୟବହାର କରୁଛି ।

## ବିଦେଶୀ ନିବେଶକଙ୍କ ଅଂଶ ୧୪ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଲା

ନୂଆଦିଲ୍ଲୀ,୯।୫: ବିଦେଶୀ ନିବେଶକମାନେ କ୍ରମାଗତଭାବେ ଗତ କିଛିମାସ ହେଲା ଭାରତୀୟ ବଜାରରୁ ମୁହଁ ଫେରାଇବାରେ ଲାଗିଛନ୍ତି । ଚଳିତବର୍ଷ ଏପ୍ରିଲ ମାସରେ ଭାରତର ଇକ୍ୱିଟି ବଜାରରେ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ)ମାନଙ୍କ ଅଂଶ ୧୪.୭ ପ୍ରତିଶତକୁ ହ୍ରାସ ପାଇଛି । ଗତ ୧୪ ବର୍ଷ ମଧ୍ୟରେ ବା ୨୦୧୨ ଜୁନ୍ ଠାରୁ ଏହା ସର୍ବନିମ୍ନ ବୋଲି ଜେଏମ୍ ଫାଇନାନ୍ସିଆଲ୍ସର ଗବେଷଣା ରିପୋର୍ଟରୁ ଜଣାଯାଇଛି । ଅନ୍ୟପକ୍ଷରେ ଘରୋଇ ସଂସ୍ଥାଗତ ନିବେଶକ (ଡିଆଇଆଇ)ମାନଙ୍କ ନିବେଶ ଅଂଶ ବଢ଼ି ୧୮.୯ ପ୍ରତିଶତରେ ପହଞ୍ଚିଛି । ଘରୋଇ ସଂସ୍ଥାଗତ ନିବେଶକଙ୍କ ଅଂଶ ବଢ଼ିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ମ୍ୟୁଚୁଆଲ ଫଣ୍ଡ କମ୍ପାନି । ଏସ୍ଆଇପି ବା ସିଷ୍ଟମେଟିକ ଇନଭେଷ୍ଟମେଣ୍ଟ ପ୍ଲାନରେ ନିରନ୍ତର ବୃଦ୍ଧି ଯୋଗୁ ଏହା ହୋଇଛି । ବିଦେଶୀ ନିବେଶକମାନେ ପୁଞ୍ଜି ପ୍ରତ୍ୟାହାର କରିବା ପରେ ଯେଉଁ ଶୂନ୍ୟତା ସୃଷ୍ଟି ହୋଇଛି ତାହାକୁ ଘରୋଇ ନିବେଶକମାନେ ପୂରଣ କରୁଛନ୍ତି । ନିଫ୍ଟିର ୪୧ଟି ଷ୍ଟକ୍ ମଧ୍ୟରୁ ୩୯ଟି ଷ୍ଟକରେ ଘରୋଇ ସଂସ୍ଥାଗତ ନିବେଶକମାନେ ଅଂଶ ବଢ଼ାଇଛନ୍ତି । ଅର୍ଥାତ୍ ବିଦେଶୀ ସଂସ୍ଥାଗତ ନିବେଶକମାନେ ଯେଉଁ ସବୁ ଷ୍ଟକ୍ ବିକ୍ରି କରିଛନ୍ତି ତାହାକୁ ଘରୋଇ ସଂସ୍ଥାଗତ ନିବେଶକମାନେ କିଣି ନେଇଛନ୍ତି । ନିଫ୍ଟିର ୫୦ଟି ଷ୍ଟକ୍ ମଧ୍ୟରୁ ୪୧ଟିରେ ବିଦେଶୀ ନିବେଶକମାନେ ଗତ ୩ ବର୍ଷ ହେଲା ନିଟ୍ ବିକ୍ରେତା ପାଲଟିଛନ୍ତି ।

# ନୋରୋଭାଇରସ୍ ଆତଙ୍କ: ୧୧୫ ଜଣ ସଂକ୍ରମିତ

ନୂଆଦିଲ୍ଲୀ ୯ ।୫; କାରିବିୟାନ୍ ପ୍ରିନସେସ୍ କ୍ରୁଜ୍ ଜାହାଜରେ 'ନୋରୋଭାଇରସ୍' ର ବଡ଼ ଧରଣର ସଂକ୍ରମଣ ଦେଖାଦେଇଛି । ହନ୍ତା ଭାଇରସ୍ ପରେ ଏହି ଭାଇରସ୍ ଏବେ ଦେଖାଦେଇଛି । ଯାହା ବିଗତ କିଛି ଦିନ ତଳେ ଲୋକଙ୍କୁ ଚକିତ କରିଥିଲା । କାରିବିୟାନ୍ ପ୍ରିନସେସ୍‌ରେ ଯାଉଥିବା ସମସ୍ତ ଯାତ୍ରୀ ଏହି ବିଳାସପୂର୍ଣ୍ଣ କ୍ରୁଜ୍ ଜାହାଜଟି ନିଜ ଯାତ୍ରା ସମୟରେ ଅରୁବା, ବୋନେର, ପୁଏର୍ତୋ ରିକୋ ଏବଂ ବାହାମାସ ଭଳି ସୁନ୍ଦର ପର୍ଯ୍ୟଟନ ସ୍ଥଳୀରେ ଅଟକିଥିଲା । କିନ୍ତୁ ଯାତ୍ରା ଶେଷ ହେବା ପୂର୍ବରୁ ଜାହାଜରେ ଥିବା ୧୦୨ ଜଣ ଯାତ୍ରୀ ଏବଂ ୧୩ ଜଣ କ୍ରୁ ସଦସ୍ୟ (ମୋଟ ୧୧୫ ଜଣ) ଏହି ଭାଇରସରେ ସଂକ୍ରମିତ ହୋଇଥିବା ସେଣ୍ଟର ଫର ଡିଜିଜ୍ କଣ୍ଟ୍ରୋଲ୍ ଆଣ୍ଡ ପ୍ରିଭେନସନ୍ ସୂଚନା ଦେଇଛି । ନୋରୋଭାଇରସ୍ ହେଉଛି ଏକ ଅତି ସଂକ୍ରାମକ ଭାଇରସ୍ । ଯାହା ମୁଖ୍ୟତଃ ପେଟ ଏବଂ ଅନ୍ତନଳୀକୁ ଆକ୍ରମଣକରିଥାଏ । କିପରି ବ୍ୟାପେ, ସଂକ୍ରମିତ ବ୍ୟକ୍ତିଙ୍କ ହାତ ସଂସ୍ପର୍ଶରେ ଆସିଲେ, ଦୂଷିତ ଖାଦ୍ୟ କିମ୍ବା ପାଣି ପିଇଲେ ଏବଂ ଭାଇରସ୍ ଥିବା କୌଣସି ଜିନିଷକୁ ଛୁଇଁଲେ ଏହା ବ୍ୟାପିଥାଏ ।କ୍ରୁଜ୍ ଜାହାଜରେ କାହିଁକି ଦେଖାଯାଇଥାଏ । କ୍ରୁଜ୍ ଜାହାଜ ଗୁଡ଼ିକ ଏକ ବନ୍ଦ ଏବଂ ଅଳ୍ପ ଜାଗାରେ ଅଧିକ ଲୋକ ଥିବା ସ୍ଥାନ । ଏଠାରେ ଜଣେ ସଂକ୍ରମିତ ହେଲେ ଖୁବ୍ ଶୀଘ୍ର ଅନ୍ୟମାନଙ୍କ ପାଖକୁ ଏହି ଭାଇରସ୍ ପହଞ୍ଚିଯାଏ । ତେବେ ଏହାର ଲକ୍ଷଣ ହେଉଛି ପାଣି ଭଳି ପତଳା ଝାଡ଼ା ହେବା । ପେଟ ଯନ୍ତ୍ରଣା ଏବଂ ମୁଣ୍ଡ ବୁଲାଇବା ।ସାମାନ୍ୟ ଜ୍ୱର ଏବଂ ଦେହ ହାତ ବିନ୍ଧା ହେବା । ଏହି ସଂକ୍ରମଣ ହଠାତ୍ ଜଣକ ପାଖରେ ହୋଇ ନଥିଲା, ବରଂ ସମ୍ପୂର୍ଣ୍ଣ ଯାତ୍ରା ସମୟରେ ଧୀରେ ଧୀରେ ବଢ଼ିଥିଲା । ସମସ୍ତ ଯାତ୍ରୀ ଏକା ସାଙ୍ଗରେ ଅସୁସ୍ଥ ହୋଇ ନଥିଲେ, ବରଂ ଜଣକ ପରେ ଜଣେ ଆକ୍ରାନ୍ତ ହୋଇଥିଲେ ।ଏବେ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଜାହାଜକୁ ସମ୍ପୂର୍ଣ୍ଣ ରୂପେ ସାନିଟାଇଜ୍ କରାଯାଇଛି । ସଂକ୍ରମିତଙ୍କୁ ଆଇସୋଲେସନରେ ରଖାଯିବା ସହ ଯାତ୍ରୀମାନଙ୍କୁ ବାରମ୍ବାର ହାତ ଧୋଇବା ଏବଂ ସାନିଟାଇଜର ବ୍ୟବହାର କରିବାକୁ କୁହାଯାଇଛି । ସାଧାରଣତଃ ନୋରୋଭାଇରସ୍ ମାରାତ୍ମକ କିମ୍ବା ଜୀବନ ନେଲା ଭଳି ରୋଗ ନୁହେଁ । ଅଧିକାଂଶ ଲୋକ ୨ ରୁ ୩ ଦିନ ମଧ୍ୟରେ ସୁସ୍ଥ ହୋଇଯାଆନ୍ତି । ତଥାପି, ଶରୀରରେ ଜଳୀୟ ଅଂଶ ବଜାୟ ରଖିବା ଏବଂ ସଫାସୁତୁରା ରହିବା ଏହାର ମୁଖ୍ୟ ଚିକିତ୍ସା ।



ଶୁଭେନ୍ଦୁଙ୍କ ଶପଥ ଗ୍ରହଣ ସମାରୋହରେ ବଙ୍ଗବାସୀଙ୍କୁ ପ୍ରଣିପାତ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

## ଆମେରିକାକୁ ଇରାନର ଧମକ
# ହର୍ମୁଜରେ ପ୍ରବେଶ କଲେ ଧ୍ୱଂସ କରିଦେବୁ



ନୂଆଦିଲ୍ଲୀ,୯।୫: ହର୍ମୁଜ୍ ପ୍ରଣାଳୀରେ ଏକ ନୂଆ ସଂଘର୍ଷ ପରେ ଆମେରିକା ଏବଂ ଇରାନ ମଧ୍ୟରେ ପୁଣି ଉତ୍ତେଜନା ବୃଦ୍ଧି ପାଇଛି । ଯଦି ଆମେରିକା ପାରସ୍ୟ ଉପସାଗରରେ ପୁନଃ ପ୍ରବେଶ କରିବାକୁ ଚେଷ୍ଟା କରେ ତେବେ ଧ୍ୱଂସ କରିବାକୁ ଇରାନ ଧମକ ଦେଇଛି । ଇରାନର ଏହି ଧମକ ଅଞ୍ଚଳରେ ନୂତନ ସଂଘର୍ଷର ସମ୍ଭାବନା ସୃଷ୍ଟି କରିଛି । ଏହି ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଇରାନ ବିରୋଧରେ ପ୍ରୋଜେକ୍ଟ ଫ୍ରିଡମ୍ ପୁଣି ଆରମ୍ଭ କରିବାକୁ ଧମକ ଦେଇଛନ୍ତି । ଇରାନର କହିଛି ଯେ, ଇରାନୀ ତୈଳ ଟ୍ୟାଙ୍କର ଉପରେ ଆମେରିକାର ଆକ୍ରମଣ ଅସ୍ତ୍ରବିରତିର ଉଲ୍ଲଂଘନ ଏବଂ ଆତଙ୍କବାଦ । ଆମେରିକାର ପାରସ୍ୟ ଉପସାଗରରେ ପୁଣି ଥରେ ପ୍ରବେଶ କରିବାକୁ ପ୍ରୟାସ କଲେ ନିର୍ଣ୍ଣାୟକ ଜବାବ ପାଇବ ।ଏହି ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ପୁଣି ଥରେ ନାଲି ଆଖି ଦେଖାଇଛନ୍ତି । ସେ ଇରାନକୁ ଶୀଘ୍ର ଚୁକ୍ତି ସ୍ୱାକ୍ଷର କରିବାକୁ କହିଛନ୍ତି ଏବଂ ଚେତାବନୀ ଦେଇଛନ୍ତି ଯେ, ଯଦି ଚୁକ୍ତି ସ୍ୱାକ୍ଷରିତ ନହୁଏ, ତେବେ ଆମେ ବିକଳ୍ପ ପଥ ଗ୍ରହଣ କରିବୁ । ଆମେ ପ୍ରୋଜେକ୍ଟ ଫ୍ରିଡମକୁ ଫେରିଯାଇପାରୁ । କିନ୍ତୁ ଏହା ପ୍ରୋଜେକ୍ଟ ଫ୍ରିଡମ୍ ପ୍ଲସ୍ ହେବ, ଯାହାର ଅର୍ଥ ହେଉଛି ପ୍ରୋଜେକ୍ଟ ଫ୍ରିଡମ୍ ସହିତ ଅନ୍ୟ କିଛି ପଦକ୍ଷେପ ମଧ୍ୟ ରହିବ ।

## ମୁଁ ନିଜେ ଓକିଲ, ବିଜେପି ବିରୋଧରେ ଲଢ଼ିବି: ମମତା

ନୂଆଦିଲ୍ଲୀ,୯।୫: ରବିନ୍ଦ୍ରନାଥ ଟାଗୋରଙ୍କ ଜନ୍ମବାର୍ଷିକୀରେ ବଡ଼ ଘୋଷଣା କରିଛି ଟିଏମସି । ବିଜେପି ଉପରେ ବର୍ଷିଛନ୍ତି ମମତା ବାନାର୍ଜୀ । ସେ ବିଜେପି ବରୋଧରେ ଏକ ହେବାକୁ ଅନ୍ୟ ଦଳମାନଙ୍କୁ ଆହ୍ୱାନ କରିଛନ୍ତି । ଏହାସହ ସେ କହିଛନ୍ତି କି, ବିଜେପି ବଙ୍ଗଳାରେ ବିଜେପିର ଆତଙ୍କ ଶାସନ ଆରମ୍ଭ ହୋଇଛି । ବିଜେପି ରାଜ୍ୟରେ ଏକଛତ୍ରବାଦ ଶାସନ ଆରମ୍ଭ କରିଛି ବୋଲି କହିଛନ୍ତି । ତେବେ ମମତା କହିଛନ୍ତି କି, ମୁଁ ନିଜେ ଜଣେ ଓକିଲ । ମୁଁ ବିଜେପି ବିରୋଧରେ ଦରକାର ପଡ଼ିଲେ କେସ୍ ଲଢ଼ିବି ।ମମତା ବାନାର୍ଜୀ କହିଛନ୍ତି ଯେ, ୨୦୧୧ ମସିହାରେ ଯେତେବେଳେ ସେ ବଙ୍ଗଳାରେ କ୍ଷମତାକୁ ଆସିଥିଲେ, ସେ କୌଣସି ହିଂସାକୁ ରୋକିଥିଲେ । କାହାକୁ ହଇରାଣ କିମ୍ବା ନିର୍ଯାତନା ଦିଆଯାଇ ନଥିଲା ।

## ଇଣ୍ଡୋନେସିଆରେ ଆଗ୍ନେୟଗିରି ଉଦ୍‌ଗୀରଣ: ୩ ମୃତ, ୧୫ ଉଦ୍ଧାର

ଜାକର୍ତ୍ତା, ୯/୫ : ଇଣ୍ଡୋନେସିଆର ନର୍ଥ ହଲମହେରା ଦ୍ୱୀପ ସ୍ଥିତ ମାଉଣ୍ଟ ଦୁକୋନୋରେ ଶୁକ୍ରବାର ଆଗ୍ନେୟଗିରି ଉଦ୍‌ଗିରଣ ହୋଇଛି । ଏଥିରେ ୨ ବିଦେଶୀ ନାଗରିକଙ୍କ ସମେତ ମୋଟ ୩ ଟ୍ରେକର୍ସଙ୍କ ମୃତ୍ୟୁ ଘଟିଛି । ପ୍ରାୟ ୧୫ ଜଣଙ୍କୁ ପାହାଡ଼ରୁ ତଳକୁ ଓହ୍ଲାଇଦିଆଯାଇଛି । ସେମାନଙ୍କ ମଧ୍ୟରୁ କେତେଜଣ ଆହତ ହୋଇଛନ୍ତି । ସମସ୍ତ ଟ୍ରେକର୍ କଟକଣା ଜାରି ଥିବା ସ୍ଥାନରେ ଉପସ୍ଥିତ ଥିଲେ । ପ୍ରାୟ ୨୦ ଜଣ ଦୁକୋନୋ ପାହାଡ଼ ଚଢୁଥିବା ସମୟରେ ପର୍ବତ ଶିଖରେ ଥିବା ଆଗ୍ନେୟଗିରି ମୁଖରେ ଭୟଙ୍କର ବିସ୍ଫୋରଣ ହୋଇଥିଲା । ଏଥିଯୋଗୁ ଉତ୍ପନ୍ନ ନିଆଁ ଏବଂ ପାଉଁଶ ପ୍ରାୟ ୧୦ କିମି ଉଚ୍ଚକୁ ଉଠିଯାଇଥିଲା । ଏଥିସହ ନିଆଁ, ଲାଭା ଆଖପାଖକୁ ମାଡ଼ି ଆସିଥିଲା । ଫଳରେ ମୃତ ପର୍ଯ୍ୟଟକମାନେ ନିଜକୁ ବଞ୍ଚାଇବା ଲାଗି ସୁଯୋଗ ପାଇ ନ ଥିଲେ । ଆଗ୍ନେୟଗିରି ଉଦ୍‌ଗିରଣ ପରେ ଆଖପାଖରେ ନିଆଁପାଉଁଶ ଖସିବାର ଆଶଙ୍କା ଥିବାରୁ ଲୋକଙ୍କୁ ସେହି ସ୍ଥାନ ନିକଟକୁ ନ ଯିବାକୁ ସରକାରଙ୍କ ପକ୍ଷରୁ ଚେତାବନୀ ଜାରି କରାଯାଇଛି ।

## ବିଜୟଙ୍କ ପଥ ପରିଷ୍କାର: ନେବେ ଶପଥ

ଚେନ୍ନାଇ,୯ ।୫: ତାମିଲଗା ଭେଟ୍ରି କାଝାଗମ (ଟିଭିକେ) ମୁଖ୍ୟ ବିଜୟ ରବିବାର ସକାଳ ୧୦ଟାରେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବେ । ବିଜୟ ତାଙ୍କ ସହଯୋଗୀଙ୍କ ସହିତ ୧୨୦ ବିଧାୟକଙ୍କ ସମର୍ଥନରେ ଲୋକଭବନରେ ରାଜ୍ୟପାଳ ଆର୍ଲେକରଙ୍କୁ ଭେଟିଥିଲେ । ବିଦୁଥଲାଇ ଚିରୁଥାଇଗଲ କାଚି (ଭିସିକେ) ଟିଭିକେକୁ ସମର୍ଥନ ଦେବା ପରେ ଏହି ବୈଠକ ହୋଇଥିଲା, ଯାହା ବିଜୟଙ୍କ ଦଳକୁ ବହୁମତ ଅଙ୍କ ଅତିକ୍ରମ କରି ସରକାର ଗଠନ କରିବାରେ ସାହାଯ୍ୟ କରିଥିଲା । ଇଣ୍ଡିଆନ ୟୁନିଅନ ମୁସଲିମ ଲିଗ୍ ମଧ୍ୟ ଟିଭିକେକୁ ସମର୍ଥନ କରିଛି, ଯାହା ମେଣ୍ଟ ସଂଖ୍ୟାକୁ ୧୨୦ ରେ ପହଞ୍ଚାଇଛି ।ସଂଖ୍ୟା ଖେଳ: ଭିସିକେ ଏବଂ ଆଇୟୁଏମଏଲ ବିଜୟଙ୍କ ଟିଭିକେକୁ ସମର୍ଥନ ଦେବା ସହିତ, ମେଣ୍ଟ ସଂଖ୍ୟା ଆନୁଷ୍ଠାନିକ ଭାବରେ ୧୨୦ ରେ ପହଞ୍ଚିଛି ।

## ୟୁଏଫ୍ଓ ଫାଇଲ ସାର୍ବଜନୀନ କଲା ପେଣ୍ଟାଗନ୍

ଓ୍ୱାଶିଂଟନ,୯।୫ :ପେଣ୍ଟାଗନ୍ ୟୁଏଫ୍ଓ (ଅଜ୍ଞାତ ଉଡ଼ନ୍ତା ବସ୍ତୁ) ସହ ଜଡିତ ଫାଇଲଗୁଡ଼ିକୁ ସାର୍ବଜନୀନ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ପ୍ରକାଶ ଆରମ୍ଭ କରିଛି । ୟୁଏଫ୍ଓ ଯାହାକୁ ଏବେ ଅଜଣା ଅସାମାନ୍ୟ ଘଟଣା (ୟୁଏପି) କୁହାଯାଉଥିବା ଫାଇଲର ରେକର୍ଡଗୁଡ଼ିକ ପରସ୍ୟୁଇ ନାମକ ଏକ ସରକାରୀ ପୋର୍ଟାଲରେ ପ୍ରକାଶିତ ହେଉଛି । ଯାହା ୟୁଏପି ଏନକାଉଣ୍ଟର ସହ ଜଡିତ ଗୋପନୀୟ ସାମଗ୍ରୀକୁ ସ୍ଥାନିତ କରିବା ପାଇଁ ଡିଜାଇନ କରାଯାଇଛି । ପେଣ୍ଟାଗନର ଅଧିକାରୀଙ୍କ ସୂଚନା ଅନୁଯାୟୀ, ଏହି ପ୍ରକାଶନ ପର୍ଯ୍ୟାୟକ୍ରମେ କରାଯିବ, ସମୀକ୍ଷା ପରେ ଏଥିରେ ଅଧିକ ଡକ୍ୟୁମେଣ୍ଟ ଯୋଡାଯିବ । ପ୍ରାରମ୍ଭିକ ପ୍ରକାଶନରେ ସେହି ମାମଲାଗୁଡ଼ିକ ଅନ୍ତର୍ଭୁକ୍ତ ଯାହା ଅସମାପ୍ତ ହୋଇ ରହିଛି । ଏହାର ଅର୍ଥ ହେଉଛି କର୍ତ୍ତୃପକ୍ଷ ସେହି ଘଟଣାଗୁଡ଼ିକରେ କ'ଣ ପରିଲକ୍ଷିତ ହୋଇଥିଲା ସେ ବିଷୟରେ ଏକ ଚୂଡ଼ାନ୍ତ ନିଷ୍କର୍ଷରେ ପହଞ୍ଚି ନାହାନ୍ତି । ପେଣ୍ଟାଗନ କହିଛି ଯେ, ସ୍ୱଚ୍ଛତାକୁ ଉନ୍ନତ କରିବା ପାଇଁ ଏକ ନିରନ୍ତର ପ୍ରୟାସର ଅଂଶ ଭାବରେ ଏହି ରେକର୍ଡଗୁଡ଼ିକୁ ଶେୟାର କରାଯାଉଛି । ଅଧିକାରୀମାନେ ଏହା ମଧ୍ୟ ନିଶ୍ଚିତ କରିଛନ୍ତି, ସମୀକ୍ଷା ଏବଂ ବର୍ଗୀକରଣ ପ୍ରକ୍ରିୟା ଉପରେ ନିର୍ଭର କରି ଭବିଷ୍ୟତରେ ଅତିରିକ୍ତ ଫାଇଲ ପ୍ରକାଶ କରାଯିବ ।

## ଟ୍ରକ୍-କାର ଧକ୍କାରେ ୪ ମୃତ

ବେଙ୍ଗାଲୁରୁ, (ନିପ୍ର): କର୍ଣ୍ଣାଟକର ତୁମକୁରୁ ଜିଲ୍ଲା ଅନ୍ତର୍ଗତ କୁନିଗଲ ତାଲୁକାର ହୋନେନହଲ୍ଲୀ ନିକଟରେ ଶନିବାର ଘଟିଥିବା ଏକ ଭୟାବହ ସଡ଼କ ଦୁର୍ଘଟଣାରେ ଆଲଟ୍ରୋ କାରରେ ଯାଉଥିବା ୪ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ସାର ଭର୍ତ୍ତି ଏକ ଟ୍ରକ୍ ସହ କାରର ମୁହାଁମୁହିଁ ଧକ୍କା ହେବାରୁ କାରଟି ସମ୍ପୂର୍ଣ୍ଣ ଭାବେ ଚୁନା ହୋଇଯାଇଥିଲା । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ଧକ୍କା ଏତେ ଜୋରଦାର ଥିଲା ଯେ କାର ସମ୍ପୂର୍ଣ ରୂପେ କ୍ଷତିଗ୍ରସ୍ତ ହୋଇଥିଲା ଏବଂ ଭିତରେ ଥିବା ଯାତ୍ରୀମାନଙ୍କୁ ବାହାରିବାକୁ କୌଣସି ସୁଯୋଗ ମିଳିନଥିଲା ।

## ଆମେରିକା-ଇରାନ ମଧ୍ୟରେ ଗୁଳିବିନିମୟ
# ବୁଡ଼ିଲା ଭାରତୀୟ ଜାହାଜ: ଜଣେ ମୃତ

ନୂଆଦିଲ୍ଲୀ,୯।୫: ହର୍ମୁଜ ପ୍ରଣାଳୀ ନିକଟରେ ଆମେରିକା ଓ ଇରାନ ମଧ୍ୟରେ ପୁଣି ସଂଘର୍ଷ ଘଟିଛି । ଉଭୟ ପକ୍ଷର କ୍ରସ୍ ଫାୟାରିଂ (ଗୁଳିଗୋଳା ବର୍ଷଣ) ଯୋଗୁଁ ଭାରତୀୟ ନାବିକଙ୍କୁ ନେଇ ଯାଉଥିବା ଏକ କାଠର ମାଲବାହୀ ଜାହାଜରେ ନିଆଁ ଲାଗି ଏହା ବୁଡ଼ି ଯାଇଥିବାବେଳେ ଜଣେ ଭାରତୀୟ ନାବିକଙ୍କର ମୃତ୍ୟୁ ହୋଇଛି । ଅନ୍ୟ ଚାରିଜଣ ନାବିକ ଆହତ ହୋଇଛନ୍ତି । ଶୁକ୍ରବାର ଏହି ଘଟଣା ଘଟିଥିବାବେଳେ ଡଙ୍ଗାରେ ଥିବା ଅନ୍ୟ ୧୭ ଜଣ ଭାରତୀୟ ନାଗରିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ରିପୋର୍ଟ ଅନୁଯାୟୀ ମୃତ ନାବିକ ଗୁଜରାଟର ଦ୍ୱାରକା ଜିଲ୍ଲାର ଜାମ ସଲାୟର ବାସିନ୍ଦା । ଜାହାଜଟି ଦୁବାଇରୁ ୟେମେନ ମାଲ ପରିବହନ କରୁଥିଲା । ଇଣ୍ଡିଆନ ଏକ୍ସପ୍ରେସ୍ ରିପୋର୍ଟ ଅନୁଯାୟୀ ମୃତ ନାବିକଙ୍କ ପରିଚୟ ଅଲତାଫ ତାଲାବ କେର୍



ଭାବେ କରାଯାଇଛି । ୧୮ ଜଣ ନାବିକ ଥିବା ଏହି ଜାହାଜ 'ଅଲ ଫେଜ୍ ନୁରର୍ ସୁଲୋମାନି' ଉପରେ ଗୁଳିଗୋଳା ବର୍ଷଣ ଯୋଗୁଁ ପ୍ରଥମେ ଏଥିରେ ନିଆଁ ଯାଇଥିଲା । ଦୁବାଇସ୍ଥିତ ଭାରତୀୟ ବାଣିଜ୍ୟିକ ଦୂତାବାସ ଏକ ଘଟଣା ସମ୍ପର୍କରେ ସୂଚନା ଦେବା ସହିତ ଦୁଃଖ ପ୍ରକାଶ କରିଛି । ଇଣ୍ଡିଆନ୍ ସେଲିଂ ଭେସେଲ୍ସ ଆସୋସିଏସନର ମହାସଚିବ ଆଦମ ଭାୟା କହିଛନ୍ତି, ହର୍ମୁଜ ପ୍ରଣାଳୀ ପାର୍ କରୁଥିବା ସମୟରେ ଭାରତୀୟ ନାବିକ ଥିବା ଏହି ମାଲବାହି ଜାହାଜଟି ଆକ୍ରମଣର ଶିକାର ହୋଇ ଏଥିରେ ନିଆଁ ଲାଗିଯାଇଥିଲା । ଆକ୍ରମଣ ସମୟରେ ଅଲତାଫ କେର୍ ଜାହାଜର ଇଞ୍ଜିନ ରୁମ୍ ନିକଟରେ ଉପସ୍ଥିତ ଥିଲେ । ଅନ୍ୟ ଏକ ଜାହାଜ ପ୍ରେମ୍ ସାଗର କ୍ଷତିଗ୍ରସ୍ତ ଜାହାଜ ନିକଟରେ ପହଞ୍ଚି ଅନ୍ୟ ୧୭ ଜଣ ଭାରତୀୟ ନାବିକଙ୍କୁ ଉଦ୍ଧାର କରିଥିଲେ ।

## ଦାରିଦ୍ର୍ୟ ପରେ ଏବେ ଏଡ୍‌ସ ମାଡ଼
# ପାକ୍‌ରେ ୧୫ ବର୍ଷରେ ଏଚ୍ଆଇଭି ମାମଲାରେ ୨୦୦% ବୃଦ୍ଧି




ଇସ୍‌ଲାମାବାଦ,୯।୫: ପାକିସ୍ତାନରେ ଏଡସ୍ ସଙ୍କଟ ଜନକ ହେବାରେ ଲାଗିଛି । ଦେଶରେ ଚିକିତ୍ସା ଆରମ୍ଭ କରିଥିବା ୨୦ ହଜାରରୁ ଅଧିକ ଏଚ୍ଆଇଭି ରୋଗୀ ଆଣ୍ଟିରେଟ୍ରୋଭାଇରାଲ୍ ଥେରାପି ଆରମ୍ଭ କରିବା ପରେ ହଠାତ୍ ଗାଏବ ହୋଇଯାଇଛନ୍ତି । ଯାହା ଫଳରେ ସଂକ୍ରମଣର ଆହୁରି ଦ୍ରୁତ ପ୍ରସାର ହେବାର ଆଶଙ୍କା ସୃଷ୍ଟି ହୋଇଛି । ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଏବଂ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ପାକିସ୍ତାନ ଏବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚ୍ଓ) ପୂର୍ବ ଭୂମଧ୍ୟସାଗରୀୟ କ୍ଷେତ୍ରରେ ଏଚ୍ଆଇଭି ସଂକ୍ରମଣର ସବୁଠାରୁ ଦ୍ରୁତ ବଢୁଥିବା ଦେଶମାନଙ୍କ ମଧ୍ୟରେ ଅନ୍ୟତମ ହୋଇଛି । ଏଥିରେ ପଶ୍ଚିମ ଏସିଆ, ଉତ୍ତର ଆଫ୍ରିକା, ଆଫ୍ରିକାର ହର୍ଣ୍ଣ ଏବଂ ମଧ୍ୟ ଏସିଆର ୨୨ ଦେଶ ଅନ୍ତର୍ଭୁକ୍ତ ଅଛନ୍ତି । ରିପୋର୍ଟ ଅନୁଯାୟୀ, ଗତ ୧୫ ବର୍ଷ ମଧ୍ୟରେ ପାକିସ୍ତାନରେ ନୂତନ ଏଚ୍ଆଇଭି ସଂକ୍ରମଣ ପ୍ରାୟ ୨୦୦ ପ୍ରତିଶତ ବୃଦ୍ଧି ପାଇଛି । ୨୦୧୦ରେ ନୂତନ ମାମଲା ସଂଖ୍ୟା ପ୍ରାୟ ୧୬,୦୦୦ ଥିଲା ବେଳେ, ୨୦୨୪ ସୁଦ୍ଧା ଏହା ୪୮,୦୦୦ରେ ପହଞ୍ଚିଛି । ବିଶେଷଜ୍ଞମାନଙ୍କ ଅନୁସାରେ ଯେ ଏହି ସଂଖ୍ୟା କେବଳ ରିପୋର୍ଟ ହୋଇଥିବା ମାମଲାକୁ ପ୍ରତିନିଧିତ୍ୱ କରୁଛି । ଯେତେବେଳେ ପ୍ରକୃତ ସଂଖ୍ୟା ବହୁତ ଅଧିକ ହୋଇପାରେ । ବର୍ତ୍ତମାନ, ଦେଶରେ ପ୍ରାୟ ୮୪ ହଜାର ଏଚ୍ଆଇଭି ସଂକ୍ରମିତ ଲୋକ ସରକାରୀ ଭାବରେ ପଞ୍ଜୀକୃତ । କିନ୍ତୁ ଆକଳନ କରାଯାଉଛି ଯେ, ମୋଟ ସଂକ୍ରମଣ ସଂଖ୍ୟା ୩ ଲକ୍ଷ ୬୯ ହଜାର ଅତିକ୍ରମ କରିଛି । ସ୍ୱାସ୍ଥ୍ୟ ଅଧିକାରୀଙ୍କ ପାଇଁ ଏକ ବଡ଼ ଚିନ୍ତାର ବିଷୟ ହେଉଛି ୨୦ ହଜାରରୁ ଅଧିକ ରୋଗୀ ଯେଉଁମାନେ ଆଣ୍ଟିରେଟ୍ରୋଭାଇରାଲ୍ ଥେରାପି (ଏଆର୍ଟି) ଆରମ୍ଭ କରିଥିଲେ କିନ୍ତୁ ପରେ ସ୍ୱାସ୍ଥ୍ୟ ନିରୀକ୍ଷଣ ବ୍ୟବସ୍ଥାରୁ ଗାଏବ ହୋଇଯାଇଥିଲେ । ବିଶେଷଜ୍ଞମାନଙ୍କ ଅନୁସାରେ ଚିକିତ୍ସା ବନ୍ଦ କରିବା ଦ୍ୱାରା ଭାଇରସର ପ୍ରସାର ତ୍ୱରାନ୍ୱିତ ହୋଇପାରେ ଏବଂ ଔଷଧ-ପ୍ରତିରୋଧୀ ସଂକ୍ରମଣର ଆଶଙ୍କା ବୃଦ୍ଧି ପାଇପାରେ । ଏହା ବ୍ୟତୀତ, ବହୁ ସଂଖ୍ୟକ ଲୋକ ଏଚ୍ଆଇଭି-ପଜିଟିଭ୍ ଥିଲେ ମଧ୍ୟ ଏପର୍ଯ୍ୟନ୍ତ ପଞ୍ଜିକୃତ ହୋଇନାହାନ୍ତି । ଏହି ରିପୋର୍ଟରେ ପିଲାମାନଙ୍କ ମଧ୍ୟରେ ଏଚ୍ଆଇଭି ସଂକ୍ରମଣର ବୃଦ୍ଧି ନେଇ ଗୁରୁତ୍ୱାରୋପ କରାଯାଇଛି । ୨୦୧୦ରେ ଏଭଳି ପିଲାଙ୍କ ସଂଖ୍ୟା ୫୩୦ ଥିବାବେଳେ ୨୦୨୩ ସୁଦ୍ଧା ଏହି ସଂଖ୍ୟା ୧୮୦୦ ରେ ପହଞ୍ଚିଛି । ଲରକାନା, ଟାଉନସା ଏବଂ ହାଇଦ୍ରାବାଦ ଭଳି ଅଞ୍ଚଳରେ ପରିସ୍ଥିତି ବିଶେଷ ଭାବରେ ସଙ୍କଟଜନକ ରହିଛି । ଅନେକ ଅଞ୍ଚଳରେ, ନୂତନ ଏଚ୍ଆଇଭି ସଂକ୍ରମଣର ୮୦ ପ୍ରତିଶତ ପର୍ଯ୍ୟନ୍ତ ଶିଶୁ ବୋଲି ଜଣାପଡ଼ିଛି । ବିଶେଷଜ୍ଞମାନଙ୍କ ଅନୁସାରେ ଅସୁରକ୍ଷିତ ଚିକିତ୍ସା ପ୍ରକ୍ରିୟା, ଦୂଷିତ ସିରିଞ୍ଜର ପୁନଃବ୍ୟବହାର ଏବଂ ଖରାପ ସ୍ୱାସ୍ଥ୍ୟ ତଦାରଖ ସମ୍ଭବତଃ ଏହାର ମୁଖ୍ୟ କାରଣ । ରିପୋର୍ଟରେ କୁହାଯାଇଛି ଯେ ପାକିସ୍ତାନର ଜାତୀୟ ଏଡସ୍ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଏକ ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛି ।

## କେଦାରପଲ୍ଲୀ ବସ୍ତିରେ ପୂର୍ବ ଶତ୍ରୁତାକୁ ନେଇ ହଣାକଟା

ଭୁବନେଶ୍ୱର, (ନିପ୍ର) : ରାଜଧାନୀ ଭୁବନେଶ୍ୱର ରାଜରାସ୍ତାରେ ବୁଲିଲା ଖଣ୍ଡା । ପୁଲିସକୁ ଅପରାଧୀଙ୍କ ଖୋଲା ଚ୍ୟାଲେଞ୍ଜ୍ ଦେଇ ଆତଙ୍କରାଜ ଚଳାଇଛନ୍ତି । ଏହିକ୍ରମରେ କ୍ୟାପିଟାଲ୍ ଥାନା କେଦାରପଲ୍ଲୀ ବସ୍ତିରେ ପୂର୍ବ ଶତ୍ରୁତାକୁ ନେଇ ହଣାକଟା । ଗୋଡ଼ାଇ ଗୋଡ଼ାଇ ହାଣିଲେ ଏକାଧିକ ଦୁର୍ବୃତ୍ତ । ସ୍ଥାନୀୟ ଏକ ଦୋକାନର ସିସିଟିଭିରେ ଏହି ଘଟଣା ବେଳରେ ଦୃଶ୍ୟ କଏଦ ହୋଇଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି । ସୂଚନାନୁଯାୟୀ, କ୍ୟାପିଟାଲ୍ ଥାନା କେଦାରପଲ୍ଲୀ ବସ୍ତିରେ ପୂର୍ବ ଶତ୍ରୁତାକୁ ନେଇ ହଣାକଟା ହୋଇଛି । ଜଣେ ଯୁବକଙ୍କୁ କିଛି ଦୁର୍ବୃତ୍ତ ଗୋଡାଇ ଗୋଡାଇ ଆକ୍ରମଣ କରିଛନ୍ତି । ଫଳରେ ଯୁବକ ଜଣଙ୍କ ଆହତ ହୋଇଛନ୍ତି । ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଘଟଣା ସଂପର୍କରେ ଖବର ପାଇ କ୍ୟାପିଟାଲ ଥାନା ପୁଲିସ ଘଟଣାର ତନାଘନା ଆରମ୍ଭ କରିଛି । ସିସିଟିଭି ଫୁଟେଜ୍ ଆଧାରରେ ଛାନଭିନ୍ କରୁଛି । ଦୁର୍ବୃତ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି ।

## ଅବକାରୀ ଚଢ଼ଉ : ୩୦ କେଜି ଭାଙ୍ଗ ଜବତ, ଜଣେ ଗିରଫ

ଝାରସୁଗୁଡା, (ନିପ୍ର): ଝାରସୁଗୁଡା ଅବକାରୀ ବିଭାଗ ପକ୍ଷରୁ ଏକ ବିଶେଷ ଚଢ଼ଉରେ ୩୦ କେଜି ଭାଙ୍ଗ ଜବତ କରାଯାଇଥିବା ବେଳେ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ପ୍ରମୋଦ ଶ୍ରୀବାସ । ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଝାରସୁଗୁଡା ଅବକାରୀ ଟିମ୍ ଦ୍ୱାରା ଝାରସୁଗୁଡା ଟାଉନ ଥାନା ଅଞ୍ଚଳର ଝଣ୍ଡାଛକ ପରଦେଶୀପଡା ଅଞ୍ଚଳରେ ଅତର୍କିତ ଚଢ଼ଉ କରାଯାଇଥିଲା । ଚଢ଼ଉ ସମୟରେ ଅଭିଯୁକ୍ତଙ୍କ ନିକଟରୁ ୩୦ କେଜି ଭାଙ୍ଗ ଜବତ ହୋଇଥିଲା । ପରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।ଏହି ଘଟଣାରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେନେଇ ଅବକାରୀ ବିଭାଗ ତଦନ୍ତ ଜାରି ରଖିଛି । ଏଥିସହ ଆଗାମୀ ଦିନରେ ମାଦକ ଦ୍ରବ୍ୟ ବିରୋଧୀ ଚଢ଼ଉକୁ ଆହୁରି କଡାକଡି କରାଯିବ ବୋଲି ଅବକାରୀ ଅଧିକ୍ଷକ ସୂଚନା ଦେଇଛନ୍ତି । ଚଢ଼ଉରେ ଅବକାରୀ ନିରୀକ୍ଷକ ଯାଜ୍ଞସେନୀ ପ୍ରଧାନ, ସହ-ଉପ ନିରୀକ୍ଷକ ନିତ୍ୟାନନ୍ଦ ବେହେରା, ଅବକାରୀ ଆରକ୍ଷୀ ଅବନୀ ସା, ତାପସ କୁମାର ପଟେଲ ଓ ଫୁଲତୁଳି ନାଏକ ପ୍ରମୁଖ ସାମିଲ ଥିଲେ ।

## ଭୁବନେଶ୍ୱରରୁ ଚୋରି ଗାଡ଼ି ବଳଙ୍ଗାରୁ ଉଦ୍ଧାର

ପିପିଲି (ନିପ୍ର): ଗାଡ଼ିରେ ଲାଗିଥିବା ଜିପିଏସ ସିଷ୍ଟମ ପାଇଁ ଭୁବନେଶ୍ୱରରୁ ଚୋରୀ ହୋଇଥିବା ଏକ ପିକ ଅପ୍ ଭ୍ୟାନକୁ ଗାଡ଼ି ମାଲିକ ଶନିବାର ଦିନ ବଳଙ୍ଗା ଥାନା ଅନ୍ତର୍ଗତ ନିମାପଡା - ପିପିଲି ରାସ୍ତାର ଗୋଡ଼ିମାଳ ପେଟ୍ରୋଲ ପମ୍ପ ସମ୍ମୁଖରୁ ଠାବ କରିବାରେ ସକ୍ଷମ ହୋଇଛନ୍ତି । ସୂଚନା ମୁତାବକ ଭୁବନେଶ୍ୱର କଳିଙ୍ଗ ବିହାରର ବାମ ପ୍ରସାଦ ସାହୁଙ୍କ (ଓଡ଼ି ୦୨କ୍ୟୁ ୩୩୮୦) ନମ୍ବର ପିକଅପ୍ ଭ୍ୟାନକୁ ଦୁର୍ବୃତ୍ତ ମାନେ ତାଙ୍କ ଘର ସାମ୍ନାରୁ ଆଜି ଭୋର୍ ସମୟରେ ଚୋରୀ କରିନେଇଥିଲେ । ଜିପିଏସ ସିଷ୍ଟମ ଆଲର୍ଟ ଥିବାରୁ ବାମ ଘରୁ ଉଠି ବାହାରକୁ ଆସିବାରେ ତାଙ୍କ ଗାଡ଼ି ନଥିବା ଦେଖିଥିଲେ । ପରେ ସେ ଜିପିଏସ ସିଷ୍ଟମ ଟ୍ରାକକୁ ଅନୁସରଣ କରି ଗୋଡ଼ିମାଳ ସ୍ଥିତ ପେଟ୍ରୋଲ ପମ୍ପ ସମ୍ମୁଖରେ ରାସ୍ତା ପାର୍ଶ୍ୱରେ ଥୁଆ ହୋଇଥିବା ଗାଡ଼ି ନିକଟରେ ପହଞ୍ଚିଥିଲେ । ପରେ ଏ ସମ୍ପର୍କରେ ବାମ ବଳଙ୍ଗା ପୋଲିସକୁ ସୂଚନା ଦେବା ପରେ ବଳଙ୍ଗା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରି ଥାନାକୁ ଆଣିବା ପରେ ଉପଯୁକ୍ତ ପ୍ରମାଣ ଆଧାରରେ ପୋଲିସ ଗାଡ଼ିକୁ ମାଲିକଙ୍କୁ ହସ୍ତାନ୍ତର କରିଛନ୍ତି । ବାମଙ୍କ ଘରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ଭୋର ସମୟରେ ଏକ କାରରେ ୪ଜଣ ଦୁର୍ବୃତ୍ତ ଆସି ଗାଡ଼ି ଚୋରୀ କରିଥିବା ନେଇ ବାମ କହିଛନ୍ତି ।

## ଜେଲ ଗଲେ ୨ଛେଳି ଚୋର

ପିପିଲି (ନିପ୍ର): ବଳଙ୍ଗା ଥାନା ଅନ୍ତର୍ଗତ ସମରୋଇ ଗ୍ରାମରେ ଛେଳି ଚୋରି କରି ଗ୍ରାମବାସୀଙ୍କ ହାତରେ ଧରାପଡ଼ି ଥିବା ୨ଜଣ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ଅଭିଯୁକ୍ତମାନେ ହେଲେ ଜଟଣି ଥାନା ବୁଢ଼ାପଡ଼ା ଗ୍ରାମର ବାଲାଜୀ ବେହେରା ଓ ମାଗୁଣି ବେହେରା ବୋଲି ପୋଲିସ ସୂଚନା ଦେଇଛି । ସୂଚନା ମୁତାବକ ଅଭିଯୁକ୍ତ ୨ଜଣ ଗତକାଲି ଏକ ବାଇକରେ ଆସି ସମରୋଇ ଗ୍ରାମ ମୁଣ୍ଡରେ ବନ୍ଧା ହୋଇଥିବା ଗ୍ରାମର ସୁଷମା ଦାଶଙ୍କର ଛେଳିକୁ ଏକ ବ୍ୟାଗରେ ଭର୍ତ୍ତି କରି ବାଇକରେ ଲଦି ନେଉଥିବା ନେଇ ଗ୍ରାମର କେତେକ ଲୋକ ଦେଖି ସେମାନଙ୍କୁ ଗୋଡାଇଥିଲେ । ଅଭିଯୁକ୍ତମାନେ ବାଇକ ଷ୍ଟାର୍ଟ କରି ଫେରାର ହେବାକୁ ବସିଥିବା ବେଳେ ବାଇକ ଷ୍ଟାର୍ଟ ନ ହେବାରୁ ଗ୍ରାମବାସୀଙ୍କ ହାତରେ ଧରାପଡି ଯାଇଥିଲେ । ପରେ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୁକ୍ତମାନଙ୍କୁ ବଳଙ୍ଗା ପୋଲିସକୁ ଜିମା ଦିଆଯିବା ସହ ଘଟଣା ସମ୍ପର୍କରେ ସୁଷମାଙ୍କ ପୁଅ ପ୍ରତାପ କୁମାର ଦାଶଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା । ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରଯାଇଥିଲା ।

## ବାଇକ ଚୋରି କରି ୨ ଗିରଫ

ଭୁବନେଶ୍ୱର,(ନିପ୍ର) : ବାଇକ ଚୋରି କରିବା ଅଭିଯୋଗରେ ଭରତପୁର ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଦ୍ୱୟ ହେଲେ ମନଦୀପ ଚୌଧୁରୀ ଓ ଉତମ କାଣ୍ଡି । ଏନେଇ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ସୂଚନା ଯୋଗ୍ୟ ଯେ, ଅଭିଯୋଗକାରୀ ଅବିନାଶ ପଣ୍ଡା ଭରତପୁର ଥାନା ଅନ୍ତର୍ଗତ ଖଣ୍ଡଗିରୀବାରି ସ୍ଥିତ ପ୍ଲଟ ନମ୍ବର-୨୦୫/୧୬୯୪ ରୁହନ୍ତି । ଗତ ୮ ତାରିଖ ପ୍ରାତଃ ୩ଟା ସମୟରେ ସେ ତାଙ୍କ ନୀଳ ରଙ୍ଗର ଟିଭିଏସ୍ ଆପାଚେ ମୋଟରସାଇକେଲକୁ ମଣିପାଲ ହସ୍ପିଟାଲ ନିକଟ ଖଣ୍ଡଗିରିବାରି ସ୍ଥିତ ତାଙ୍କ ଭଡା ଘର ସମ୍ମୁଖରେ ପାର୍କ କରିଥିଲେ । ସକାଳେ ସେ ବାଇକ୍ଟି ଖୋଜିବାବେଳେ ତାହା ସେଠାରେ ନଥିଲା । ସେ ସବୁଆଡେ ଖୋଜାଖୋଜି କରିଥିଲେ, କିନ୍ତୁ ବାଇକ୍ର କୌଣସି ସନ୍ଧାନ ପାଇନଥିଲେ । ପରେ ସେ ଜାଣିବାକୁ ପାଇଥିଲେ ଯେ, କୌଣସି ଅଜଣା ବ୍ୟକ୍ତି ତାଙ୍କ ବାଇକ୍ଟି ଚୋରି କରିନେଇଛି । ତେଣୁ ସେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ଅଭିଯୋଗ କରିଥିଲେ । ତଦନ୍ତ ସମୟରେ ଚୋରି ହୋଇଥିବା ଏକ ନୀଳ ରଙ୍ଗର ଆପାଚେ ମୋଟରସାଇକେଲ ଲିଙ୍ଗରାଜ ଥାନା ପୋଲିସ ଦ୍ୱାରା ଉଦ୍ଧାର ହୋଇଥିବା ନେଇ ସୂଚନା ମିଳିଥିଲା । ଲିଙ୍ଗରାଜ ଥାନାର ତଦନ୍ତକାରୀ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ, ସାମନ୍ତରାପୁର ଅଞ୍ଚଳର ଗଡ ମହାବୀର ନିକଟରେ ରାତି ସମୟରେ ଦୁଇଜଣ ସନ୍ଦିଗ୍ଧ ବ୍ୟକ୍ତି ଘୁରି ବୁଲୁଥିବା ନେଇ ତାଙ୍କୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା ଏବଂ ଯାହାକୁ ଆଧାର କରି ସେ ଘଟଣାସ୍ଥଳକୁ ଯାଇ ଦୁଇ ସନ୍ଦିଗ୍ଧଙ୍କୁ ଧରିଥିବା ପ୍ରକାଶ କରିଥିଲେ । ପଚରାଉଚରା ସମୟରେ ସେମାନେ ନିଜ ନାମ ମନଦୀପ ଚୌଧୁରୀ ଓ ଉତ୍ତମ କାଣ୍ଡି ବୋଲି ପ୍ରକାଶ କରିବା ସହ ସେମାନେ ଭୁବନେଶ୍ୱରର ହରଚଣ୍ଡୀ ସାହି, ତିନିମୁଣ୍ଡିଆ ଛକ, ଡୁମଡୁମା ଓ ଭରତପୁର ଅଞ୍ଚଳରୁ ମୋଟରସାଇକେଲ ଚୋରି କରିଥିବା ସ୍ୱୀକାର କରିଥିଲେ । ପରେ ଦୁଇ ଅଭିଯୁକ୍ତଙ୍କ ହେପାଜତରୁ ଅଭିଯୋଗକାରୀଙ୍କ ଚୋରୀ ଯାଇଥିବା ନୀଳ ରଙ୍ଗର ନମ୍ବର ପ୍ଲେଟ୍ ବିହୀନ ଟିଭିଏସ୍ ଆପାଚେ ମୋଟରସାଇକେଲକୁ ଉଦ୍ଧାର କରାଯାଇଥିଲା । ଦୁଇ ଅଭିଯୁକ୍ତ ପୂର୍ବରୁ ଲିଙ୍ଗରାଜ ଥାନାର ୨ଟି ଏବଂ ଖଣ୍ଡଗିରୀ ଥାନାର ଗୋଟିଏ ମାମଲାରେ ଜଡିତ ଥିବା ନେଇ ତଦନ୍ତ ବେଳେ ଜଣା ପଡିଥିଲା ।

## କାର୍‌ରୁ ୨ କୋଟିରୁ ଅଧିକ ମୂଲ୍ୟର ୨୭୦ ପ୍ୟାକେଟ ଗଞ୍ଜେଇ ଜବତ

ସୁବର୍ଣ୍ଣପୁର : ଓଡ଼ିଶାର ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ଥାନା ଅନ୍ତର୍ଗତ ଲଙ୍ଗଳକଟା ରାସ୍ତାରେ ପୋଲିସ ଶନିବାର ଏକ କାରରୁ ୨ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଗଞ୍ଜେଇ ଜବତ କରିଛି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ, ପୋଲିସ ଲଙ୍ଗଳାକାଟା ରାସ୍ତାରେ ଚୋରା ସାମଗ୍ରୀ ନେଇଯାଉଥିବା ସନ୍ଦେହରେ ଏକ କାରକୁ ଅଟକାଇଥିଲା । ପୋଲିସ ଗାଡିକୁ ଅଟକାଇବା ପରେ ଡ୍ରାଇଭର କାର ଛାଡି ପଳାଇ ଯାଇଥିଲା । ପୋଲିସ ଗାଡିର ବିଭିନ୍ନ ଅଂଶରୁ ୨୭୦ ପ୍ୟାକେଟ ଚୋରା ସାମଗ୍ରୀ ଜବତ କରିଛି ।ଆକଳନ ଅନୁଯାୟୀ, ଗଞ୍ଜେଇର ମୂଲ୍ୟ ପ୍ରାୟ ୨ କୋଟି ଟଙ୍କା ବୋଲି କୁହାଯାଉଛି ।

### ଅପରେସନ୍ ନେତ୍ରରେ ବଡ଼ ସଫଳତା

# ନକଲି ଡିଇଏଫ କାରଖାନା ଠାବ, ୭ ଅଭିଯୁକ୍ତ ଗିରଫ

ଝାରସୁଗୁଡ଼ା, (ନିପ୍ର): ଝାରସୁଗୁଡ଼ା ପୋଲିସର ଅପରେସନ୍ 'ନେତ୍ର' ଅଧୀନରେ ଏକ ବଡ଼ ସଫଳତା ମିଳିଛି । ସହରର ସିରିଆବଗିଚା ଅଞ୍ଚଳରେ ଚାଲୁଥିବା ଏକ ନକଲି ଡିଜେଲ ଏକ୍ସଜଷ୍ଟ ଫ୍ଲୁଇଡ୍ (ଡିଇଏଫ) ପ୍ରସ୍ତୁତ କାରଖାନା ଉପରେ ସଦର ଥାନା ପୋଲିସ ଚଢ଼ାଉ କରି ୭ ଜଣଙ୍କୁ ଗିରଫ କରିଛି । ଏହାସହ ବିପୁଳ ପରିମାଣର କଞ୍ଚାମାଲ, ନକଲି ପ୍ୟାକେଜିଂ ସାମଗ୍ରୀ ଏବଂ ଦୁଇଟି ବୋଲେରୋ ପିକଅପ୍ ଭ୍ୟାନ ଜବତ କରାଯାଇଛି ।ଶନିବାର ଆୟୋଜିତ ପ୍ରେସମିଟରେ ଝାରସୁଗୁଡ଼ା ଏସପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଏହି ସୂଚନା ଦେଇଥିଲେ । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏସପିଙ୍କ ନିର୍ଦ୍ଦେଶକ୍ରମେ ଜଣେ ଡିଏସପି ପାହ୍ୟା ଅଧିକାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଚଢ଼ାଉ କରିଥିଲା । ତଦନ୍ତରୁ ଜଣାପଡ଼ିଛି ଯେ, ଚାଷୀଙ୍କ ପାଇଁ ସରକାରୀ ରିହାତିରେ ମିଳୁଥିବା ୟୁରିଆ ସାରକୁ ବେଆଇନ ଭାବେ ବ୍ୟବହାର କରି ନକଲି ଡିଇଏଫ ପ୍ରସ୍ତୁତ କରାଯାଉଥିଲା । ପରେ ସେହି ସାମଗ୍ରୀକୁ ଟାଟା ଓ ଅଶୋକ ଲେଲ୍ୟାଣ୍ଡ ଭଳି ନାମୀ କମ୍ପାନୀର ଲୋଗୋ ଲଗା ଥିବା ବାଲ୍ଟିରେ ଭରି ଓଡ଼ିଶା ଏବଂ ଛତିଶଗଡ଼ର ବିଭିନ୍ନ ସ୍ଥାନକୁ ଚୋରା ଚାଲାଣ କରାଯାଉଥିଲା ।ଏହି ମାମଲାରେ ରାଜସ୍ଥାନର ମୁକେଶ ଚାନ୍ଦ ଯୋଗୀ, ଝାରସୁଗୁଡ଼ାର ରାଜ କୁମାର ହେମ୍ବ୍ରମ, ଲମଟିବାହାଲର ଅମନ କୁମାର ସିଂହ, ବ୍ରିଜଭୂଷଣ ସିଂହ, ଛତିଶଗଡ଼ର ଜିଆଉଲ ଅନସାରୀ, ବରଗଡ଼ର ଆକାଶ ଅଗ୍ରୱାଲ ଏବଂ ତାଳଚେରର ପାର୍ଥ ସାରଥି ମିଶ୍ରଙ୍କୁ ପୋଲିସ ଗିରଫ କରିଛି ।ଚଢ଼ାଉ ସମୟରେ ୨୫୬ ବସ୍ତା ଭାରତ ୟୁରିଆ ସାର, ୪୨୨ଟି ଖାଲି ବାଲ୍ଟି, ୧୫୦ଟି ଟାଟା ଜେନୁଇନ୍ ପାର୍ଟସ୍ ହୋଲୋଗ୍ରାମ ଷ୍ଟିକର, ୨ଟି ସିନଟେକ୍ସ ଟାଙ୍କି, ପାଣି ମୋଟର ଓ ଡିଇଏଫ ବୋଝେଇ ଦୁଇଟି ବୋଲେରୋ ପିକଅପ୍ ଭ୍ୟାନ ଜବତ କରାଯାଇଛି ।ଏହି ଚଢ଼ାଉ ବେଳେ ଜିଲ୍ଲା ଶିଳ୍ପ କେନ୍ଦ୍ର ଏବଂ କୃଷି ବିଭାଗର ଅଧିକାରୀମାନେ ମଧ ଉପସ୍ଥିତ ରହି ସାମଗ୍ରୀର ଯାଞ୍ଚ କରିଥିଲେ । ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି । ଏସପି କହିଛନ୍ତି ଯେ, ଏହି ନକଲି ଡିଇଏଫ ଚକ୍ରର ଲିଙ୍କ ଛତିଶଗଡ଼ ପର୍ଯ୍ୟନ୍ତ ରହିଥିବା ସନ୍ଦେହ ରହିଛି । ନିମ୍ନମାନର ଡିଇଏଫ ବ୍ୟବହାର ଯୋଗୁଁ ଗାଡ଼ିର ଇଞ୍ଜିନ ଗୁରୁତର କ୍ଷତିଗ୍ରସ୍ତ ହେବାର ଆଶଙ୍କା ଥିବାରୁ ଗାଡ଼ି ମାଲିକ ଏବଂ ପରିବହନ ସଂସ୍ଥାମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ପ୍ରେସମିଟରେ ଏସଡିପିଓ ଉମାଶଙ୍କର ସିଂହ, ସଦର ଆଇଆଇସି ସ୍ୱପ୍ନାରାଣୀ ଗୋଛାୟତ ସହ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।

## ବୋମାମାଡ଼ ଘଟଣାରେ ୨ ଅଟକ; ତଦନ୍ତ ଜାରି



ନିମାପଡ଼ା (ନିପ୍ର) : ଏହି ବ୍ଲକ୍ ଅନ୍ତର୍ଗତ ବାମନାଳ ଗ୍ରାମ ପଞ୍ଚାୟତ ମୁଖ୍ୟାଳୟ ଠାରୁ ୨ କି.ମି. ଦୂର ସାଦେରିଆ ଗ୍ରାମରେ ଦୁଇ ଥର ବୋମାମାଡ଼ ହେବା ଏବଂ ପୋଲିସ ତୁରନ୍ତ ପଦକ୍ଷେପ ଗ୍ରହଣ କରି ୨ ଜଣ ବ୍ୟକ୍ତିଙ୍କୁ ଅଟକ ରଖି ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରାଯାଇଛି ବୋଲି ଉପଖଣ୍ଡ ପୋଲିସ ଅଧିକାରୀ ଦେବାଶିଷ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଗତ ଦୁଇଦିନ ହେଲା ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ବୃଦ୍ଧି ପାଇଛି ବୋଲି ସରପଞ୍ଚ ସୁରେନ୍ଦ୍ର ସାଇଁ ଆମ ପ୍ରତିନିଧିଙ୍କ ସୂଚନା ଦେଇ ବୋମାମାଡ଼ ଘଟଣାର ପ୍ରକୃତ କାରଣ ପୋଲିସ ତଦନ୍ତ ପରେ ଜଣାପଡିବ ବୋଲି କହିଥିଲେ । ଗ୍ରାମର ବ୍ରଜବନ୍ଧୁ ବରାଳଙ୍କ ଘର ପଛପଟେ ଗତ ଗୁରୁବାର ରାତି ୯ଟାରେ ବୋମାମାଡ ହୋଇଥିଲା । ଜନୈକ ଯୁବକ ଥାନାକୁ ଫୋନ କରିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ୍ କରୁଥିବା ବେଳେ ଅନ୍ୟ ଏକ ବୋମା ଗ୍ରାମ ମଣ୍ଡପ ନିକଟରେ ଫୁଟିଥିଲା । ଘଟଣାସ୍ଥଳରୁ ପୋଲିସ ବୋମାରେ ବ୍ୟବହୃତ ସୁତୁଲି, କାଚ ଗୁଣ୍ଡ, ବ୍ଲେଡ ଆଦି ଜବତ କରି ଫରେନସ୍ କ ଦଳକୁ ହସ୍ତାନ୍ତର କରି ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି । ସାରା ରାଜ୍ୟରେ ଆଇନ ପରିସ୍ଥିତିର ଅଧୋଗତି ପରିଲକ୍ଷିତ ହେବା ପୋଲିସ କାମ କାର୍ଯ୍ୟକଳାପ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ସ୍ପଷ୍ଟ ହୋଇଛି । ଥାନାରେ ଅବସ୍ଥାପିତ ଅବସ୍ଥାପିତ ଅଧିକାରୀମାନେ ଜନସାଧାରଣ, ଜନ ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଉତ୍ତମ ସଂପର୍କ ରଖୁ ନାହାନ୍ତି କେବଳ ନିଜ ଚାକିରୀକୁ ସୁରକ୍ଷିତ ରଖିବାକୁ ପ୍ରାଥମିକତା ଦେଉଥିବାରୁ ଏହିଭଳି ଅନେକ କାଣ୍ଡ ଘଟୁଛି ଏବଂ ପୋଲିସ ଅପରାଧ କାରଣ ଖୋଜି ପାଉ ନାହିଁ ବୋଲି ଜନୈକ ଅବସରପ୍ରାପ୍ତ ଅଧିକାରୀ ନିଜ ନାମ ଗୋପନ ରଖିବାକୁ ଅନୁରୋଧ କରି ମତବ୍ୟକ୍ତ କରିଥିଲେ ।

### ସାଇବର ଅପରାଧକୁ ରୋକାଯିବ, ହେବ ତୁରନ୍ତ ଦଣ୍ଡବିଧାନ

## ରାଜ୍ୟରେ ପ୍ରତିଷ୍ଠା ହେବ ୭ ମହିଳା ଫାଷ୍ଟଟ୍ରାକ୍ , ୫ ସ୍ୱତନ୍ତ୍ର ସାଇବର କୋର୍ଟ

ଭୁବନେଶ୍ୱର, (ନିପ୍ର); ରାଜ୍ୟ, ଦେଶ ତଥା ବିଶ୍ୱ ଦୃଷ୍ଟିକୋଣରୁ ଅବଲୋକନ କଲେ ଜନସଂଖ୍ୟା ସହ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଘଟୁଛି । ବର୍ତ୍ତମାନ ଜନସଂଖ୍ୟା ଦୃଷ୍ଟିରୁ ରାଜ୍ୟ ତଥା ଦେଶରେ ଯୁବପିଢ଼ିଙ୍କ ସଂଖ୍ୟା ସମୁଦାୟ ଲୋକସଂଖ୍ୟାର ୫୦ ଭାଗରୁ ଅଧିକ ରହିଛି । ତେବେ ଆଗାମୀ ଦିନରେ ଏହି ସଂଖ୍ୟାରେ ପରିବର୍ତ୍ତନ ସହ ବୟସ୍କଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ଯାଉଛି । ଏଣୁ ଆମକୁ ଆଗାମୀ ୫୦ ବର୍ଷକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି ।
ଶନିବାର ଆଇନ ବିଭାଗ ଓ ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନ୍ଏଫ୍ପିଏ)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ 'ଜନସାଂଖ୍ୟିକ ପରିବର୍ତ୍ତନ ଓ ଆଇନ ବ୍ୟବସ୍ଥା: ଉଦୟମାନ ମାନବୀୟ ଭବିଷ୍ୟତ ପାଇଁ ପ୍ରସ୍ତୁତି' ଶୀର୍ଷକ କର୍ମଶାଳାରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ନେଇ ଆମ ବିଧି ବ୍ୟବସ୍ଥାରେ ଅନେକ ସୁଧାର ଆଣିବାକୁ ପଡ଼ିବ । ଏଥି ପାଇଁ ଗ୍ରାମାଞ୍ଚଳରେ ବସବାସ କରୁଥିବା ସାଧାରଣ ଜନତା, ୬୨ ଜନଜାତି ସମୁଦାୟ, ୧୩ଟି ପିଭିଟିଜି ବର୍ଗଙ୍କ ସ୍ଥିତିକୁ ନଜରକୁ ନେବାକୁ ପଡ଼ିବ । ତେଣୁ ଜନସଂଖ୍ୟା ଦୃଷ୍ଟିରୁ ସବୁ ଜିଲ୍ଲା, ସବୁ ଅଞ୍ଚଳ ଏବଂ ସବୁ ସମୁଦାୟଙ୍କୁ ଅନୁଶୀଳନ କରି ଯୋଜନା ପ୍ରସ୍ତୁତି ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ଗ୍ରାମାଂଚଳରେ ବସବାସ କରୁଥିବା ଲୋକଙ୍କୁ ସ୍ଥାନୀୟ ଭାଷାରେ ନିଜ ଅଧିକାର ସହ ଆଇନଗତ ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ଯୁବକୈନ୍ଦ୍ରିକ ନୀତି ପ୍ରଣୟନ ଉପରେ ସରକାର ବିଚାର କରୁଛନ୍ତି । ଅନ୍ୟ ପକ୍ଷରେ ମହିଳାମାନଙ୍କୁ ଗୁରୁତ୍ୱ ଦେଇ ୭ଟି ମହିଳା ଫାଷ୍ଟ ଟ୍ରାକ୍ କୋର୍ଟ ସହ ସାଇବର ଅପରାଧକୁ ରୋକିବା ଏବଂ ତୁରନ୍ତ ଦଣ୍ଡବିଧାନ ନିମିତ୍ତ ରାଜ୍ୟରେ ୫ଟି ସ୍ୱତନ୍ତ୍ର ସାଇବର କୋର୍ଟ ଖୋଲିବା ନେଇ ରାଜ୍ୟ ସରକାର ବିଚାର କରୁଛନ୍ତି । ତେଣୁ କେବଳ ଅର୍ଥନୈତିକ ବିକାଶ ନୁହେଁ, ବରଂ ସାମଗ୍ରିକ ବିକାଶ ନେଇ ରାଜ୍ୟ ସରକାର ଏକ ବିସ୍ତୃତ ରୋଡ୍ ମ୍ୟାପ୍ କୁ ନେଇ କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ଆଇନ ଆୟୋଗର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥ ପରିବର୍ତ୍ତିତ ସାମାଜିକ ପରିସ୍ଥିତି ସହ ଆଇନ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରିବା ସହ ସଂଖ୍ୟାଗତ ହାର, ଅର୍ଥନୈତିକ ଅଭିବୃଦ୍ଧି, ସମାଧାନ ସମାରୋହ ମାଧ୍ୟମରେ ସମସ୍ୟାର ସମାଧାନ ଆଦି ବିଷୟରେ ନିଜର ମତ ରଖିଥିଲେ ।

### ଦ୍ୱିତୀୟ ରାଷ୍ଟ୍ରୀୟ ଲୋକଅଦାଲତ

## ୧୧ ହଜାର ୧୮୨ ଟି ମାମଲା ଫଇସଲା

କଟକ(ନିପ୍ର) : ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ କଟକ ଜିଲ୍ଲା ଓ ଦୌରାଜଜ କୋର୍ଟ ପରିସର ଏବଂ ତାଲୁକ ସ୍ତରରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଲୋକ ଅଦାଲତରେ ବହୁ ସଂଖ୍ୟକ ଲୋକ ଯୋଗଦାନ କରି ସେମାନଙ୍କ ମୋକଦ୍ଦମାଗୁଡିକର ଫଇସଲା କରାଇଥିଲେ । ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ମାନସ ରଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କୋର୍ଟର ସମସ୍ତ ବିଚାରପତି ନିଜ ନିଜ କୋର୍ଟରେ ଥିବା ମାମଲାଗୁଡିକର ଫଇସଲା କରାଇଥିଲେ । ଏହି ଲୋକ ଅଦାଲତରେ ମୋଟ ୩୦ ହଜାର ୨୨ଟି ମାମଲା ପଞ୍ଜିକୃତ ହୋଇଥିବା ବେଳେ ୧୧ ହଜାର ୧୮୨ଟି ମୋକଦ୍ଦମା ଫଇସଲା ହୋଇଥିଲା ଏବଂ ଜରିମାନା ଓ ଅନୁକମ୍ପା ମୂଳକ ରାଶି ବାବଦକୁ ୨୦ କୋଟି ୧୧ ଲକ୍ଷ ୬୫ ହଜାର ୬୫୫ ଟଙ୍କା ସ୍ଥିରୀକୃତ କରାଯାଇଥିଲା । ଏହି ଲୋକ ଅଦାଲତରେ ମୋଟର ଯାନ ଦୁର୍ଘଟଣା ଜନିତ ମୋକଦ୍ଦମା, ଚେକ ବାଉନ୍ସ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ବିଦ୍ୟୁତ ଅଧିନିୟମ ଜନିତ ମୋକଦ୍ଦମା, ରାଜସ୍ୱ ଓ ପ୍ରାକ ବିବାଦୀୟ ଜନିତ ମୋକଦ୍ଦମା ଯଥା ରଫା ଯୋଗ୍ୟ ଟ୍ରାଫିକ ଚାଲାଣ ଓ ଟଙ୍କା ଉଦ୍ଧାର ମୋକଦ୍ଦମାର ଫଇସଲା କରାଯାଇଥିଲା । ଏହି ଲୋକ ଅଦାଲତକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଜଗଦିଶ ଚନ୍ଦ୍ର ଜେନା ପରିଚାଳନା କରିଥିଲେ ।

## ମେଧାବୀ ଡାକ୍ତରୀ ଛାତ୍ରଙ୍କ ଆତ୍ମହତ୍ୟା

ନିମାପଡା,(ନିପ୍ର): ଏହି ଥାନା ଅନ୍ତର୍ଗତ ପତିତପାବନ ପାଟଣା ଗ୍ରାମର ଜନୈକ ଯୁବକ ବରେନ୍ଦ୍ର କୁମାର ସାହୁ (୩୨) ନିଜ ଘରେ ଆତ୍ମହତ୍ୟା କରିଥିବା ଥାନା ସୂତ୍ରରୁ ପ୍ରକାଶ । ପ୍ରଥମବର୍ଷ ଡାକ୍ତରୀ ଛାତ୍ର ବରେନ୍ଦ୍ର ନିଜ ଶୋଇବା ଘରେ ପତ୍ନୀଙ୍କ ଓଢଣୀ ବାନ୍ଧି ଘର ସିଲିଂ ରେ ଓହଳି ଆତ୍ମହତ୍ୟା କରିଥିବା ଜାଣି ପରିବାର ଲୋକେ ପୋଲିସ କୁ ଖବର ଦେଇଥିଲେ । ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଝୁଲୁଥିବା ଯୁବକଙ୍କ ଶରୀରକୁ ଖୋଲି ନିମାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ ଆବଶ୍ୟକୀୟ ପରୀକ୍ଷା ନିରୀକ୍ଷା କରି ବରେନ୍ଦ୍ରଙ୍କ ମୃତ୍ୟୁ ଘଟିଥିବା ଘୋଷଣା କରିଥିଲେ । ସେ ବିବାହିତ ଏବଂ ତାଙ୍କର ୪ ବର୍ଷର ପୁଅ ଥିବା ଜଣାପଡିଛି । ପତ୍ନୀ ବାଙ୍ଗାଲୋର ରେ ରହୁଥିବା ବେଳେ ମୃତ ବରେନ୍ଦ୍ର ନିଜ ଅଜା ଘରେ ରହି ଆସୁଥିଲେ । ଗତ ଦୁଇମାସ ହେଲା ସେ ସେମିଷ୍ଟାର ପରୀକ୍ଷା ନ ଦେଇ ଗ୍ରାମରେ ରହି ଆସୁଥିବା ପ୍ରାଥମିକ ତଦନ୍ତରୁ ଜଣା ପଡିଛି । ସେ ଡାକ୍ତର ହେବା ପୂର୍ବରୁ ଗ୍ରାମରେ ଏକ କୋଚିଂ ସେଣ୍ଟର ଖୋଲି ଅନେକ ଛାତ୍ରଙ୍କୁ ଶିକ୍ଷା ପ୍ରଦାନ କରୁଥିଲେ । ମାନସିକ ଭାରସାମ୍ୟ ହରାଇ ସେ ଚରମ ପଦକ୍ଷେପ ଗ୍ରହଣ କରିଥିବା ସାଙ୍ଗ ମାନେ ସନ୍ଦେହ ପ୍ରକଟ କରିଛନ୍ତି । ନିମାପଡା ପୋଲିସ ଏକ ଅପମୃତ୍ୟୁ ମକଦମା ରୁଜୁ କରି ଶବ ବ୍ୟବଛେଦ ନିମନ୍ତେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ପଠାଇଥିବା ଥାନା ସୂତ୍ରରୁ ପ୍ରକାଶ ।

### ଗୋରୁ ବୋଝେଇ ପିକଆପ ଗାଡ଼ି ସହ କାର୍ ଜବତ

## ୩ ଅଭିଯୁକ୍ତ କୋର୍ଟ ଚାଲାଣ

ଆଠଗଡ଼,(ନିପ୍ର): ଆଠଗଡ଼ରେ ଗୋମାଫିଆ ଏବେବି ସକ୍ରିୟ ରହି କାର୍ଯ୍ୟ କରି ଚାଲିଛନ୍ତି । ଗତକାଲି ରାତ୍ର ପ୍ରାୟ ୧ ଘଟିକା ସମୟରେ ବେଣ୍ଟପଦା ଗ୍ରାମରେ ଗ୍ରାମବାସୀମାନେ ଏକ ପିକଅପ ଭ୍ୟାନରେ ୫ଟି ଗୋରୁ ଅତି ନିଷ୍ଠୁର ଭାବରେ ଚାଲାଣ ସମୟରେ ମାଡ଼ି ବସିଥିଲେ । ଆଠଗଡ଼ ପୋଲିସ ଘଟଣାସ୍ଥଳରୁ ଗୋରୁ ବୋଝେଇ ପିକଅପ ଗାଡ଼ି ଓ ଏକ କାର ଜବତ କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଆଜି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଆଠଗଡ଼ ଥାନା ଆଇଆଇସି ସୁମତି ମହାନ୍ତି ସୂଚନା ଦେଇଛନ୍ତି । ଆଠଗଡ଼ ଥାନା କେସ ନମ୍ବର ୧୯୪/୨୬ ବୋଲି ଜଣାପଡ଼ିଛି ।

## ପତ୍ନୀକୁ ମରଣାନ୍ତକ ଆକ୍ରମଣ, ସ୍ୱାମୀ ଗିରଫ

ଭୁବନେଶ୍ୱର,(ନିପ୍ର): ନିଶାସକ୍ତ ଅବସ୍ଥାରେ ପତ୍ନୀକୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଏୟାରପୋର୍ଟ ପୁଲିସ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ବିକ୍ରମ ନାୟକ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ସୂଚନା ଯୋଗ୍ୟ ଯେ, ଅଭିଯୋଗକାରିଣୀ ସୁନିତା ନାୟକ ପଳାଶପଲ୍ଲୀ ସ୍ଥିତ ଏନସିସି କାର୍ଯ୍ୟାଳୟ ନିକଟରେ ପରିବାର ସହ ରହୁଥିଲେ । ଗତ ତା.୦୮.୦୫.୨୦୨୬ ଦିନ ପ୍ରାୟ ଦିନ ୩ଟା ସମୟରେ ସ୍ୱାମୀ ବିକ୍ରମ ନାୟକ ମଦ୍ୟପାନ କରି ଘରକୁ ଆସି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଏବଂ ମାଡ଼ ମାରିଥିଲେ । ପରେ ସେ ଏକ ଛୁରୀ ଦ୍ୱାରା ତାଙ୍କ ପେଟକୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ । ସେହି ସମୟରେ ପୀଡିତା ଏଡ଼ାଇ ଯିବାରୁ ଛୁରୀଟି ତାଙ୍କ ଡାହାଣ ହାତରେ ଲାଗିଥିଲା, ଯାହାଫଳରେ ଡାହାଣ ହାତରେ ଗଭୀର ଆଘାତ ହୋଇ ଅଧିକ ରକ୍ତସ୍ରାବ ହୋଇଥିଲା । ଏହାପରେ ଅଭିଯୁକ୍ତ ବିକ୍ରମ ନାୟକ ତାଙ୍କ ଭିଣୋଇ ଲିଟୁ ନାୟକ ଓ ଝିଅ ପ୍ରିତି ନାୟକଙ୍କୁ ମଧ୍ୟ ହତ୍ୟା କରିବାକୁ ଧମକ ଦେଇଥିଲେ । ପଡ଼ୋଶୀମାନେ ଘଟଣାସ୍ଥଳରେ ଏକାଠି ହୋଇଯିବ ଦେଖି ଅଭିଯୁକ୍ତ ସେଠାରୁ ପଳାଇ ଯାଇଥିଲେ । ପୀଡିତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନେଇ ଚିକିତ୍ସା କରାଯାଇଥିଲା ଏବଂ ତାଙ୍କ ହାତରେ ୪ଟି ସିଲାଇ ପଡ଼ିଥିଲା । ପରବର୍ତ୍ତୀ ସମୟରେ ଅଭିଯୁକ୍ତ ପୁନର୍ବାର ମଦ୍ୟପାନ କରି ପୀଡିତାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ । ଏହି ଘଟଣା ସମ୍ପର୍କରେ ପୀଡିତା ଓ ପଡ଼ୋଶୀମାନେ ଥାନାରେ ଅଭିଯୋଗ କରି ଅଭିଯୁକ୍ତ ବିକ୍ରମ ନାୟକଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ । ତଦନ୍ତ ବେଳେ, ଅଭିଯୁକ୍ତ ସ୍ୱାମୀ ବିକ୍ରମ ନାୟକଙ୍କୁ ଗିରଫ କରାଯାଇଥିବା ବେଳେ, ସେ ନିଜର ଦୋଷ ସ୍ୱୀକାର କରିଥିଲେ । ପୁଲିସ ଅଭିଯୁକ୍ତ ମାନଙ୍କ ହେପାଜତରୁ ୪ ଗୋଟି ମୋବାଇଲ ଫୋନ ଏବଂ ଘଟଣାରେ ବ୍ୟବହୃତ କାରକୁ ଜବତ କରିଥିଲେ ।

### ଟଙ୍କା-ପଇସାକୁ ନେଇ ଯୁବକଙ୍କୁ ଅପହରଣ ମାମଲା

# ଦୁଇ ମହିଳାଙ୍କ ସମେତ ୪ ଗିରଫ

ଭୁବନେଶ୍ୱର, (ନିପ୍ର) : ଟଙ୍କା-ପଇସା ନେଣଦେଣକୁ ନେଇ ଜଣେ ଯୁବକଙ୍କୁ ଅପହରଣ କରାଯାଇଥିଲା । ଏନେଇ ଥାନାରେ ଅଭିଯୋଗ ହେବା ପରେ ଏୟାରଫିଲ୍ଡ ଥାନା ପୁଲିସ ଘଟଣାର ତଦନ୍ତ କରି ଦୁଇ ମହିଳାଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଗତ ୦୮.୦୫.୨୦୨୬ ରାତି ପ୍ରାୟ ୯:୦୦ ସମୟରେ ଅଭିଯୋଗକାରିଣୀ କେ. ଲିଲି ଏକ ଫୋନ୍ କଲ୍‌ରୁ ଜାଣିବାକୁ ପାଇଥିଲେ ଯେ, ବିଜୟ କୁମାର ସାହୁ, ରାଜଶ୍ରୀ ଧଳ, ସତ୍ୟ ନାରାୟଣ ଦାଶ ଓ ମାମାଲି ପଣ୍ଡା ଲାଲ ରଙ୍ଗର ଏକ ମାରୁତି ସ୍ୱିଫ୍ଟ କାର୍‌ରେ ତାଙ୍କ ସ୍ୱାମୀଙ୍କୁ ସୁନ୍ଦରପଦା ସ୍ଥିତ ଭଡା ଘରୁ ଜୋରଜବରଦସ୍ତି ଉଠାଇ ନେଇ କେଉଁଠି ଅଟକ ରଖିଛନ୍ତି । ପରେ ସେ ତାଙ୍କ ସ୍ୱାମୀଙ୍କୁ ଖୋଜିଥିଲେ, କିନ୍ତୁ ସନ୍ଧାନ ପାଇନଥିଲେ । ତେଣୁ ସେ ଅଭିଯୁକ୍ତ ମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ତାଙ୍କ ସ୍ୱାମୀଙ୍କ ଉଦ୍ଧାର ପାଇଁ ଥାନାରେ ଅଭିଯୋଗ କରିଥିଲେ । ତଦନ୍ତ ସମୟରେ ଜଣା ପଡିଥିଲା ଯେ, ଅଭିଯୁକ୍ତ ବିଜୟ କୁମାର ସାହୁ, ରାଜଶ୍ରୀ ଧଳ, ସତ୍ୟ ନାରାୟଣ ଦାଶ ଓ ମାମାଲି ପଣ୍ଡାଙ୍କ ସହ ପୀଡିତ କେ. ଧନଞ୍ଜୟ ରାଓଙ୍କର ୨୦୨୧ ମସିହାରୁ ପରିଚୟ ଥିଲା । ପୀଡିତ ଧନଞ୍ଜୟ ରାଓ ଜମି ପ୍ଲଟିଂ ଓ ବିଜ୍ଞାପନ ମାଧ୍ୟମରେ ଜମି ବିକ୍ରୟ ବ୍ୟବସାୟ କରୁଥିଲେ । ପରେ ସେ ଅନଲାଇନ୍ ଟ୍ରେଡିଂ ଆରମ୍ଭ କରି ଅଭିଯୁକ୍ତ ମାନଙ୍କୁ ସେଥିରେ ଟଙ୍କା ଲଗାଇବାକୁ ପ୍ରେରିତ କରିଥିଲେ । ସେ ଲାଭ ସହ ଟଙ୍କା ଫେରାଇବେ ବୋଲି କହି ଅଭିଯୁକ୍ତ ମାନଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇଥିଲେ । ପରବର୍ତ୍ତୀ ସମୟରେ ଧନଞ୍ଜୟ ରାଓ ଅଭିଯୁକ୍ତ ମାନଙ୍କ ସହ ଅନ୍ୟ ଲୋକଙ୍କ ଟଙ୍କା ମଧ୍ୟ ଫେରାଇନଥିଲେ । ସେ ଫୋନ୍ କଲ୍‌ର ଉତ୍ତର ଦେଉନଥିଲେ ଏବଂ ବାରମ୍ବାର ସିମ୍ କାର୍ଡ ବଦଳାଉ ଥିଲେ । ସେ ସରକାରୀ ଓ ବେସରକାରୀ ଚାକିରି ଦେବେ ବୋଲି କହି ଅନେକ ଲୋକଙ୍କଠାରୁ ମଧ୍ୟ ଟଙ୍କା ନେଇଥିଲେ । ଅନେକ ଚେଷ୍ଟା ସତ୍ତ୍ୱେ ଅଭିଯୁକ୍ତ ମାନେ ତାଙ୍କ ଟଙ୍କା ଫେରସ୍ତ ପାଇନଥିଲେ । ତେଣୁ ଅଭିଯୁକ୍ତମାନେ ପୂର୍ବ ଯୋଜନା ଅନୁସାରେ ତାଙ୍କୁ ଧରି ନିଜ ଟଙ୍କା ଫେରସ୍ତ ନେବାକୁ ଠିକ କରିଥିଲେ । ଗତ ୦୮.୦୫.୨୦୨୬ ସନ୍ଧ୍ୟା ପ୍ରାୟ ୮ରୁ ୯ଟା ମଧ୍ୟରେ ପୀଡିତ ଧନଞ୍ଜୟ ରାଓ ଗାୟତ୍ରୀ ବିହାର ସ୍ଥିତ ତାଙ୍କ ଭଡା ଘରକୁ ଆସିଥିବା ବିଷୟରେ ଅଭିଯୁକ୍ତମାନେ ଜାଣିଥିଲେ । ସୂଚନା ପାଇ ସେମାନେ ଲାଲ ରଙ୍ଗର ଏକ ମାରୁତି ସ୍ୱିଫ୍ଟ ଡିଜାୟର ଗାଡ଼ିରେ ଗାୟତ୍ରୀ ବିହାରକୁ ଆସିଥିଲେ ଏବଂ ଅପାର୍ଟମେଣ୍ଟ ବାହାରେ ବୁଲାବୁଲି କରୁଥିବା ଧନଞ୍ଜୟ ରାଓଙ୍କୁ ଜବରଦସ୍ତି ଧରି ଗାଡ଼ି ଭିତରେ ବସାଇ ସେଠାରୁ ନେଇଯାଇଥିଲେ । ତଦନ୍ତ ବେଳେ, ମୋବାଇଲ ଲୋକେସନ୍‌ରୁ ଜଣାପଡ଼ିଲା ଯେ ଅଭିଯୁକ୍ତ ବିଜୟ କୁମାର ସାହୁ, ରାଜଶ୍ରୀ ଧଳ, ସତ୍ୟ ନାରାୟଣ ଦାଶ ଓ ମାମାଲି ପଣ୍ଡା ପାହାଳ ଥାନା ଅଞ୍ଚଳରେ ଅଛନ୍ତି । ସୂଚନା ପାଇ ପୁଲିସ ପାହାଳକୁ ଯାଇ ଚଢ଼ଉ କରିବା ସହ ଅଭିଯୁକ୍ତମାନଙ୍କୁ ଧରି ସେମାନଙ୍କ କବଳରୁ ପୀଡିତ ଧନଞ୍ଜୟ ରାଓଙ୍କୁ ଉଦ୍ଧାର କରିଥିଲେ । ପଚରାଉଚରା ସମୟରେ ଅଭିଯୁକ୍ତମାନେ ନିଜ ଦୋଷ ସ୍ୱୀକାର କରିଥିଲେ । ପୁଲିସ ଅଭିଯୁକ୍ତ ମାନଙ୍କ ହେପାଜତରୁ ୪ ଗୋଟି ମୋବାଇଲ ଫୋନ ଏବଂ ଘଟଣାରେ ବ୍ୟବହୃତ କାରକୁ ଜବତ କରିଥିଲେ ।

# ଭଉଁରୀ ଉତ୍ସବରେ ରଥର ଚକ-ଅଖ ଡେରା ନୀତି ସମ୍ପନ୍ନ

## ୩ ଚକ ସହ ସଂଯୋଗ ହେଲା ଅଖ



ପୁରୀ,୯।୫(ନିପ୍ର): ବଡ଼ଦାଣ୍ଡରେ ଚଳଚଞ୍ଚଳ ରଥ ଖଳା। ଜୋରସୋର ଆଗେଇ ଚାଲିଛି ବିଶ୍ୱ ନିୟନ୍ତାଙ୍କ ରଥ ନିର୍ମାଣ। ଭଉଁରୀ ଉତ୍ସବରେ ରଥର ଚକ-ଅଖ ଡେରା ବିଧି ସମ୍ପନ୍ନ ହୋଇଛି । ରଥଖଳାରେ ମହାପ୍ରଭୁଙ୍କୁ ଆଜ୍ଞାମାଳ ପହଞ୍ଚିବା ପରେ ୩ ରଥର ଚକ ସହ ଅଖ ସଂଯୋଗ କରାଯାଇଛି । ୨ଟି ଲେଖାଏଁ ନାହାକା ଚକରେ ଗୋଟିଏ ଲେଖାଏଁ ନାହାକା ଅଖ ଭୁଞ୍ଜା ଯାଇଥିଲା । ପରମ୍ପରା ଅନୁଯାୟୀ ଚକ-ଅଖ ଡେରା ହେବା ପରେ ପ୍ରଥମ ହରି ବୋଲ ପକାଇଛନ୍ତି ସେବାୟତ। ଭଉରୀଁ ଦିନ ସକାଳ ଧୂପ ସରିଲେ ରଥ ଖଳାକୁ ଠାକୁରଙ୍କ ଆଜ୍ଞା ମାଳ ବିଜେ ହୋଇଥିଲା । ପଟୁଆରରେ ପୂଜାପଣ୍ଡା ସାମନ୍ତମାନେ ଶ୍ରୀବିଗ୍ରହଙ୍କ ଆଜ୍ଞାମାଳ ନେଇ ଶ୍ରୀନଅର ସିଂହଦ୍ୱାର ସମ୍ମୁଖକୁ ଆସି ପହଞ୍ଚିଥିଲେ । ଏହା ପୂର୍ବରୁ ଆଗେ ଭୋଇ ସେବକମାନେ ରଥ ଖଳାରୁ ନାହାକା ଚକ ବୋହି ଆଣି ଅଖ ସହ ଯଥା ସ୍ଥାନରେ ରଖିଥିବେ । ଆଜ୍ଞାମାଳ ପହଞ୍ଚିବା ପରେ ଚକ ଓ ଅଖ ସଂଯୋଗ କରି ହରିବୋଲ ପକାଇଛନ୍ତି । ୩ ରଥର ତିନି ମୁଖ୍ୟ ବିଶ୍ୱକର୍ମା ସଂଯୁକ୍ତ ଚକର ତୁମ୍ବରେ ଖଣ୍ଟୁଆ ପକାଇଲେ । ପରେ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଲାଗି କରିଥିଲେ । ପୁଣି ମୁଖ୍ୟ ବିଶ୍ୱକର୍ମାମାନେ ଆଜ୍ଞାମାଳ ଚକ ଉପରେ ସ୍ଥାପନ କରି ମାହାର୍ଦ୍ଦ ସମର୍ପଣ କରି ଶ୍ରୀଫଳ ଭାଙ୍ଗିଥିଲେ ।

## ୩୨ ଦିନରେ ପ୍ରାଥମିକ ଶିକ୍ଷକ ମହାସଂଘ, ଓଡ଼ିଶା ଷ୍ଟିଅରିଂ କମିଟିର ଗଣଧାରଣା



ଭୁବନେଶ୍ୱର,୯।୫(ନି.ପ୍ର.): ପ୍ରାଥମିକ ଶିକ୍ଷକ ମହାସଂଘ, ଓଡ଼ିଶାର ଆବାହକ ରାମଲାଲ ପଟେଲଙ୍କ ନେତୃତ୍ୱରେ ଷ୍ଟିଅରିଂ କମିଟି ସଦସ୍ୟମାନଙ୍କ ସହିତ ରାଜ୍ୟର ବିଭିନ୍ନ ଜିଲ୍ଲା ଓ ବ୍ଲକ୍ କର୍ମକର୍ତ୍ତାମାନଙ୍କର ଗଣଧାରଣା ସ୍ଥାନୀୟ ଲୋୟର ପିଏମଜି, ଭୁବନେଶ୍ୱରଠାରେ ଅବ୍ୟାହତ ରହିଛି । ସଂଘ ପକ୍ଷରୁ ବିଭିନ୍ନ ଦାବି କରାଯାଇଛି । ସେଥିମଧ୍ୟରୁ ଦୁଇଟି ଦାବି ହେଉଛି, ସମସ୍ତ ପ୍ରାଥମିକ ଶିକ୍ଷକମାନଙ୍କ ପାଇଁ ମୂଳ ପଦବୀକୁ ଉନ୍ନତ କରି ରାଜ୍ୟ ସରକାରଙ୍କ ସପ୍ତମ ବେତନ କମିଶନର ପେ ଲେଭଲ-୦୯ ଅନୁସାରେ ପ୍ରବେଶ ସ୍ତର ବେତନ ୩୫,୪୦୦ ଟଙ୍କା ପ୍ରଦାନ କରାଯାଉ ଏବଂ ପ୍ରାଥମିକ ଶିକ୍ଷା ବିଭାଗରେ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥାକୁ ରଦ୍ଦ କରାଯାଇ ୨୦୦୧ ମସିହାରୁ ଏପର୍ଯ୍ୟନ୍ତ ଏସଏସଏସ/ଏସଏସ/ଜେଟି ଭାବେ କାର୍ଯ୍ୟରତ ସମସ୍ତ ସମୟକୁ ନିୟମିତ ସେବା ଭାବେ ଗଣନାକରି ନ୍ୟାସନାଲ ଇନକ୍ରିମେଣ୍ଟ ପ୍ରଦାନ କରାଯାଉ । ଅତଏବ ଏହି ଦୁଇଟି ଦାବି ପୂରଣ ପାଇଁ ସରକାର ଘୋଷଣା କରିବା ପର୍ଯ୍ୟନ୍ତ ଏହି ଗଣଧାରଣା ଅବ୍ୟାହତ ରହିବ ବୋଲି ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

## ୧୧ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର,୯।୫: ପ୍ରବଳ ରୌଦ୍ର ତାପ ଯୋଗୁଁ, ଆସନ୍ତା ୧୧.୦୫.୨୦୨୬ ରିଖ (ସୋମବାର) ଦିନ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଅବଗତ କରାଯିବ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି।

## ୧୧ରୁ ପୁଣି ଆରମ୍ଭ ହେବ ରତ୍ନଭଣ୍ଡାର ଗଣତିମଣତି



ପୁରୀ,୯।୫(ନିପ୍ର): ଦୀର୍ଘ ଦିନର ବିରତି ପରେ ଆସନ୍ତା ୧୧ ତାରିଖରୁ ଆରମ୍ଭ ହେବ ପୁଣି ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ। ଆସନ୍ତା ୧୧ ଓ ୧୨ ତାରିଖ ଦୁଇଦିନ ଧରି ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ପାଇଁ ଗଣତି ମଣତି କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ଆଜି ଶ୍ରୀକ୍ଷେତ୍ର ଭଉଁରୀ ଅବସରରେ ବାହାର ଚନ୍ଦନ ଯାତ୍ରାର ଅନ୍ତିମ ଦିବସ ଏବଂ ଆସନ୍ତାକାଲି ଠାକୁରଙ୍କ ହଳଦୀ ପାଣି ନୀତି ରହିଛି। ଏଣୁ ଠାକୁରଙ୍କ ନୀତି କାନ୍ତିରେ ଯେଭଳି କୌଣସି ସମସ୍ୟା ସୃଷ୍ଟି ହେବ ନାହିଁ ସେଥିପାଇଁ ଗଣତି ମଣତି କାର୍ଯ୍ୟ ବନ୍ଦ ରଖାଯାଇଛି। ତେବେ ରାଜ୍ୟ ସରକାରଙ୍କ ଏସଓପି ଅନୁଯାୟୀ ଆସନ୍ତା ୧୧ ତାରିଖରୁ ଗଣତି ମଣତି କାର୍ଯ୍ୟ ଆରମ୍ଭ ହେବ। ପରେ ଆଉ କେଉଁ ଦିନ ଗଣତି ମଣତି କାର୍ଯ୍ୟ କରାଯିବ ସେନେଇ ସୂଚନା ଦିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି। ସିସିଟିଭି ସର୍ଭିଲାନ୍ସ ମଧ୍ୟରେ ସମସ୍ତ ଗଣତି ମଣତି କାର୍ଯ୍ୟ କରାଯିବା ସହ ରତ୍ନ ଅଳଙ୍କାରର ସମ୍ପୂର୍ଣ୍ଣ ଭିଡିଓ ଗ୍ରାଫି ଏବଂ ଫଟୋଗ୍ରାଫି କରାଯାଉଛି।

## ଜିଏମ୍‌ଙ୍କ ଦ୍ୱାରା ରେଳ ନିରାପତ୍ତା, ଭିତ୍ତିଭୂମି ବିକାଶର ସମୀକ୍ଷା

ସମ୍ବଲପୁର,୯।୫(ନିପ୍ର) ପୂର୍ବତଟ ରେଳପଥ ଜିଏମ ପରମେଶ୍ୱର ଫୁଙ୍କୱାଲ ଶନିବାର ସମ୍ବଲପୁର - ଝାରସୁଗୁଡ଼ା ରୋଡ ରେଳ ସେକ୍ସନକୁ ବିସ୍ତୃତ ନିରୀକ୍ଷଣ କରି ସେକ୍ସନର ବିଭିନ୍ନ ଷ୍ଟେସନରେ ନିରାପତା ବ୍ୟବସ୍ଥା, ଟ୍ରାଫିକ୍ ସୁବିଧା, ଯାତ୍ରୀଙ୍କ ସୁବିଧା ଏବଂ ଚାଲୁରହିଥିବା ଭିତ୍ତିଭୂମି କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ।ନିରୀକ୍ଷଣ ସମୟରେ ସେ ବିଭିନ୍ନ ଷ୍ଟେସନରେ ଟ୍ରାଫିକ ସୁବିଧା କାର୍ଯ୍ୟ, ଯାତ୍ରୀଙ୍କ ସୁବିଧା ତଥା ଭିତ୍ତିଭୂମି ବିକାଶ ପ୍ରକଳ୍ପର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରି ନିରାପଦ ଏବଂ ସୁଗମ ଟ୍ରେନ୍ ଚଳାଚଳ କାର୍ଯ୍ୟ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯାତ୍ରୀ ସୁବିଧା ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଥିବା ଅନେକ ଭିତିଭୂମି ପ୍ରକଳ୍ପର ଅଗ୍ରଗତି ଉପରେ ମଧ୍ୟ ଶ୍ରୀ ଫୁଙ୍କୱାଲ ସମୀକ୍ଷା ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବା ଉପରେ ଜୋର୍ ଦେଇଛନ୍ତି। ଏଥିମଧ୍ୟରେ ପାର୍କିଂ କ୍ଷେତ୍ରରେ ଉନ୍ନତି, ସର୍କୁଲାର ବା ଚଳପ୍ରଚଳ କ୍ଷେତ୍ର ଏବଂ ଷ୍ଟେସନରେ ଲ୍ୟାଣ୍ଡସ୍କେପ୍ ଅନ୍ତର୍ଭୁକ୍ତ। ମହାପ୍ରବନ୍ଧକ ବିଶେଷ ଭାବରେ ଅମୃତ ଷ୍ଟେସନ ଯୋଜନା ଅଧୀନରେ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟର ଅଗ୍ରଗତି ଉପରେ ଧ୍ୟାନ ଦେଇଥିଲେ, ଯାହା ନେଟୱାର୍କରେ ଯାତ୍ରୀଙ୍କ ଅଭିଜ୍ଞତାକୁ ବୃଦ୍ଧି କରାଇବା ପାଇଁ ଲକ୍ଷ୍ୟ ରଖିଛି। ମହାପ୍ରବନ୍ଧକଙ୍କ ନୀରିକ୍ଷଣ ସମୟରେ ସମ୍ବଲପୁର ଡ଼ିଆରଏମ ସୁବାଷ ଚନ୍ଦ୍ର ଚୌଧରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଶରଧାପୁର ଠାରୁ ପିତାପଲ୍ଲୀ ରାସ୍ତା କାମର ଭିତ୍ତିପ୍ରସ୍ତର

ଖୋର୍ଦ୍ଧା, ୯।୫(ନିପ୍ର): ଶନିବାର ଆରମ୍ଭ ହୋଇଛି ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥ। ଶରଧାପୁର ଠାରୁ ପିତା ପଲ୍ଲୀ ପର୍ଯ୍ୟନ୍ତ ରାସ୍ତା ଉନ୍ନତି କରଣ କାମ। ୨କୋଟି ୭୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ଆସନ୍ତା ୩ ମାସ ମଧ୍ୟରେ ସମ୍ପନ୍ନ ହେବାକୁ ଥିବା ବେଳେ,ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଦ୍ୱାରା ଏହାର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି।ଏହି ଅବସରରେ ମୋଦୀଙ୍କ ସୁଶାସନ ମଡେଲ କୁ ସାଢ଼େ ଚାରି କୋଟି ଭାରତୀୟ ପସନ୍ଦ କରୁଥିବା ବେଳେ, ବର୍ତ୍ତମାନ ଓଡ଼ିଶା ,ବେଙ୍ଗଲ ସମେତ ୨୧ଟି ରାଜ୍ୟରେ ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ ଏନ୍‌ଡିଏ ଶାସନ କରୁଥିବା ନେଇ କହିଛନ୍ତି ସାଂସଦ। ଏଥିସହିତ ରାଜ୍ୟରେ ଚାଲୁଥିବା ଡବଲ ଇଞ୍ଜିନ ସରକାର ଯୋଗୁଁ ସମସ୍ତ କାର୍ଯ୍ୟ ସୁରୁଖୁରୁ ରେ ହେଉଥିବା ଦର୍ଶାଇଥିଲେ ଅପରାଜିତା। 'ବିକାଶ ଓ ସେବା ର କୌଣସି ଦଳ ନ ଥାଏ' କହି ଆଗାମୀ ଦିନରେ ଭୁବନେଶ୍ୱର ଭଳି ଖୋର୍ଦ୍ଧା ମୁନସିପାଲଟି କୁ ସର୍ବାଙ୍ଗ ସୁନ୍ଦର କରିବାକୁ ଆହ୍ୱାନ ଦେଇଥିଲେ ସାଂସଦ।ଅନ୍ୟପଟେ ଖୁବ୍ କମ ସମୟ ମଧ୍ୟରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ୮୩୦୬ କୋଟି ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହେବାକୁ ଯାଉଥିବା ,ରାମେଶ୍ୱର ଟାଙ୍ଗୀ ଠାରୁ କଟକ ଟାଙ୍ଗୀ ପର୍ଯ୍ୟନ୍ତ ୧୧୧କିଲୋମିଟରର , ୬ ଲେନ୍ ବିଶିଷ୍ଟ ରିଂ ରୋଡ ପ୍ରକଳ୍ପ ର ଭିତ୍ତି ପ୍ରସ୍ତର ସ୍ଥାପନ କରାଯିବ ଏବଂ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ଏହାର କାମ ସରିବା ନେଇ ସୂଚନା ଦେଇଛନ୍ତି ସାଂସଦ। ତେବେ ସମସ୍ତ କାର୍ଯ୍ୟ ଲୋକମାନଙ୍କ ମତାମତ ନେଇ କରାଯାଉ ଥିବା ବେଳେ, ସୁଶାସନକୁ ଆହୁରି ଲୋକାଭିମୁଖୀ କରିବା ପାଇଁ ପ୍ରତ୍ୟେକ ମାସେ,ଦୁଇମାସରେ ଅଭିଯୋଗ ଶୁଣାଣି କରି କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ।

## ଜାତୀୟ ପଞ୍ଚାୟତ ପୁରସ୍କାର ୨୦୨୫ ଘୋଷଣା

# ଓଡ଼ିଶା ୫ଟି ବର୍ଗରେ ପାଇବ ପୁରସ୍କାର

ଭୁବନେଶ୍ୱର,୯।୫(ପିଆଇବି): ଭାରତ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ପଞ୍ଚାୟତ ପୁରସ୍କାର ୨୦୨୫ ଘୋଷଣା କରାଯାଇଛି। ବିଭିନ୍ନ ବର୍ଗରେ ପୁରସ୍କାର ପାଇଁ ଦେଶର ୪୨ଟି ପଞ୍ଚାୟତକୁ ମନୋନୀତ କରାଯାଇଛି । ଆସନ୍ତା ଜୁନ୍ ୩ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ସମାରୋହରେ ପୁରସ୍କାର ବିତରଣ କରାଯିବ । ୯ଟି ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ପୂରଣ ଦିଗରେ ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ମନୋନୀତ ପଞ୍ଚାୟତଗୁଡ଼ିକୁ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ବିକାଶ ପୁରସ୍କାର ଦିଆଯିବ । ୧୭ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶର ୩୪ଟି ପଞ୍ଚାୟତକୁ ତିନୋଟି ବର୍ଗରେ ଏହି ପୁରସ୍କାର ଦିଆଯିବ । ସେହିପରି ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ, ଶ୍ରେଷ୍ଠ ବ୍ଲକ୍ ପଞ୍ଚାୟତ ଏବଂ ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ ବର୍ଗରେ ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର ପ୍ରଦାନ କରାଯିବ । ପୁରସ୍କାର ବିଜେତା ପଞ୍ଚାୟତଗୁଡ଼ିକୁ ପୁରସ୍କାର ରାଶି ସ୍ୱରୂପ ୫

**ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ପୁରସ୍କାର ବର୍ଗରେ ଗଞ୍ଜାମ ମନୋନୀତ**

କୋଟି ଟଙ୍କା ପର୍ଯ୍ୟନ୍ତ ଅର୍ଥରାଶି ପ୍ରଦାନ କରାଯିବ । ଜାତୀୟ ପଞ୍ଚାୟତ ପୁରସ୍କାରରେ କର୍ଣ୍ଣାଟକ ସର୍ବାଧିକ ୬ଟି ପୁରସ୍କାର ପାଇବାକୁ ଯାଉଥିବା ବେଳେ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ୫ଟି ଲେଖାଏଁ ବର୍ଗରେ ପୁରସ୍କୃତ ହେବେ। ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ୍ ପୋଟଲମପୁର ପଞ୍ଚାୟତ ସୁସ୍ଥ ପଞ୍ଚାୟତ ଭାବେ ପୁରସ୍କୃତ ହେବାକୁ ମନୋନିତ ହୋଇଛି । ଏହି ପଞ୍ଚାୟତକୁ ତୃତୀୟ ବର୍ଗରେ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ମିଳିବ । ଜଳ ସ୍ୱଚ୍ଛଳତା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକର ପଦୁଆ ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦିଆଯିବ । ସ୍ୱଚ୍ଛ ଏବଂ ସବୁଜ ପଞ୍ଚାୟତ ବର୍ଗରେ ତୃତୀୟ ସ୍ଥାନ ହାସଲ କରିଥିବା ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ବ୍ଲକର ହାତୀବନ୍ଧ ପଞ୍ଚାୟତକୁ ୩୭ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରାଶି ମିଳିବ । ଅନ୍ୟପଟେ ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକର ମନ୍ଦାର ପଞ୍ଚାୟତ ସାମାଜିକ ନ୍ୟାୟ ଏବଂ ସାମାଜିକ ଦୃଷ୍ଟିରୁ ସୁରକ୍ଷିତ ପଞ୍ଚାୟତ ଭାବେ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛି । ଏହି ପଞ୍ଚାୟତକୁ ମଧ୍ୟ ୩୭ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରାଶି ଦିଆଯିବ । ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ବର୍ଗରେ ଗଞ୍ଜାମ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛି । ଏହି ପୁରସ୍କାର ବାବଦରେ ଗଞ୍ଜାମକୁ ୩ କୋଟି ଟଙ୍କାର ପୁରସ୍କାର ମିଳିବ। ଦେଶର ଗ୍ରାମାଞ୍ଚଳରେ ସମାବେଶୀ, ଅନ୍ତର୍ଭୁକ୍ତିମୂଳକ ଏବଂ ଦୀର୍ଘସ୍ଥାୟୀ ବିକାଶକୁ ପ୍ରୋତ୍ସାହନ ଦେବା ଲାଗି ପଞ୍ଚାୟତି ରାଜ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯାଇ ଆସୁଛି । ଏହି ପୁରସ୍କାର ଜରିଆରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ପଞ୍ଚାୟତଗୁଡ଼ିକୁ ଜାତୀୟ ସ୍ତରର ମାନ୍ୟତା ଏବଂ ଆର୍ଥିକ ପ୍ରୋତ୍ସାହନ ମିଳିଥାଏ ।

## ସିଏମ ଟ୍ରଫି ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ

କେନ୍ଦ୍ରାପଡ଼ା,୯।୫(ନିପ୍ର): କ୍ରୀଡା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଆୟୋଜିତ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗର ସିଏମ ଟ୍ରଫି ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣ ପଟ୍ଟାମୁଣ୍ଡାଇସ୍ଥିତ ହରିହରନନ୍ଦ ଆଶ୍ରମ ବିଦ୍ୟାଳୟ ଖେଳ ପଡ଼ିଆରେ ଉଦ୍‌ଯାପିତ ହୋଇଯାଇଛି। ଗତ ୨୪ ଏପ୍ରିଲରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ୮ ମଇରେ ଅନୁଷ୍ଠିତ ହୋଇଥିଲା। ବାଳକ ବିଭାଗରେ ପଟ୍ଟାମୁଣ୍ଡାଇ ଦଳ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ୪-୨ ଗୋଲରେ ନେତାଜୀ କ୍ଲବ, ରାଜକନିକାକୁ ପରାସ୍ତ କରି ବିଜେତା ହୋଇଥିବା ବେଳେ, ବାଳିକା ବିଭାଗରେ ଆଳି ହାଇସ୍କୁଲ ଦଳ ୨-୦ ଗୋଲରେ ଆଳି ଏକାଡେମୀକୁ ପରାସ୍ତ କରି ଚଳିତ ବର୍ଷର ସିଏମ ଟ୍ରଫି ହାସଲ କରିଛି। ଉଦଯାପନୀ ଉତ୍ସବରେ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, କେନ୍ଦ୍ରାପଡ଼ା ଜିଲ୍ଲାକୁ ଏକ ଅଗ୍ରଣୀ ଫୁଟବଲ ଜିଲ୍ଲା ଭାବେ ଗଢ଼ି ତୋଳିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ। ସେ କହିଥିଲେ, ଫୁଟବଲ ଖେଳ ଶାରୀରିକ ସୁସ୍ଥତା ସହ ମାନସିକ ଶାନ୍ତି ଓ ଦଳୀୟ ସମନ୍ୱୟ ବୃଦ୍ଧି କରିଥାଏ। ସମ୍ମାନିତ ଅତିଥି ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ତାଙ୍କ ବକ୍ତବ୍ୟରେ ଗ୍ରାମାଞ୍ଚଳରୁ ଉଦୀୟମାନ ଖେଳାଳିମାନେ କିପରି ରାଜ୍ୟ ଓ ଜାତୀୟସ୍ତରରେ ନିଜ ପ୍ରତିଭା ପ୍ରଦର୍ଶନ କରିପାରିବେ, ସେଥିପାଇଁ ମାର୍ଗଦର୍ଶନ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା କ୍ରୀଡା ସଂସଦ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ଜିଲ୍ଲା ଏଥଲେଟିକ୍ସ ସଂଘର ସାଧାରଣ ସମ୍ପାଦକ ସୟଦ ଆକମଲ ଅଲ୍ଲୀ ଖେଳାଳିମାନଙ୍କୁ କଠିନ ପରିଶ୍ରମ ଓ ନିୟମିତ ଅଭ୍ୟାସ ମାଧ୍ୟମରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେବାକୁ ଆହ୍ୱାନ ଦେଇଥିଲେ। କ୍ରୀଡା ସମ୍ପାଦକ ଜ୍ୟୋତିର୍ମୟ ଦାସ ସଭା ପରିଚାଳନା କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଆଶ୍ରମ ସ୍କୁଲର ଅଧ୍ୟକ୍ଷ ଡ଼ଃ ମଳୟନନ୍ଦ ଗିରି, କୋଷାଧ୍ୟକ୍ଷ ଯୁଧିଷ୍ଠିର ଲେଙ୍କା, ବରିଷ୍ଠ ସଦସ୍ୟ ଦେବେନ୍ଦ୍ର ସାହୁ, ସ୍ୱାମୀ ଆଦିତ୍ୟନନ୍ଦ ଗିରି, ଅମ୍ବିକା ମହାନ୍ତି, ଅଜହର ଅଲ୍ଲୀ ଓ ମନୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଖେଳକୁ ଓଡ଼ିଶା ରେଫରୀ ଦୈତାରୀ କୁରୁ, ଆରତୀ ସାହୁ, ସାକେଲିନ ଆଲମ ଓ ସଲିମ ପ୍ରମୁଖ ସଫଳତାର ସହ ପରିଚାଳନା କରିଥିଲେ। ଏହି ଅବସରରେ ଆନ୍ତର୍ଜାତୀୟ ମହିଳା ଫୁଟବଲ ଖେଳାଳି ଗାୟତ୍ରୀ ମଲ୍ଲିକ, ଆଲୋଚନା ସେନାପତି ଓ ରଶ୍ମିତା ପାତ୍ର ମଧ୍ୟ ଉପସ୍ଥିତ ଥିଲେ।

## ଖଣ୍ଡପଡାକୁ ହରାଇ ଶରଣକୁଳ ଏଫ.ସି ଚମ୍ପିଆନ

ନୟାଗଡ,୯।୫(ନିପ୍ର): ଓଡ଼ିଶା ଫୁଟବଲ୍ ଆସୋସିଏସନ୍ ଏବଂ ଜିଲ୍ଲା ଆଥଲେଟିକ୍ ଆସୋସିଏସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଖେଳ ପଡିଆରେ ଚାଲିଥିବା ସିଏମ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳରେ ଶରଣକୁଳ ଏଫ.ସି ଖଣ୍ଡପଡାକୁ ୨-୦ ଗୋଲରେ ହରାଇ ଚମ୍ପିଆନ ହୋଇଛି। ଖେଳର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରି ନଥିବାବେଳେ ଦ୍ୱିତୀୟାର୍ଦ୍ଧରେ ଶରଣକୁଳ ଦୁଇଟିଯାକ ଗୋଲ ଦେଇ ଦଳକୁ ବିଜୟୀ କରିଥିଲା । ଫାଇନାଲ ଖେଳକୁ ମୁଖ୍ୟ ରେଫରୀ ଭାବେ ପ୍ରକାଶ ବିଶ୍ୱାଳ ପରିଚାଳନା କରିଥିବାବେଳେ ସହଯୋଗୀ ରେଫରି ଭାବ ସୁବାସ ଚନ୍ଦ୍ର ବେହେରା, ବିଶ୍ୱଜିତ୍ ମହାପାତ୍ର ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର୍ ସ୍ୱାଇଁ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ସହ ଉଭୟ ଚାମ୍ପିୟନ୍ ଶରଣକୁଳ ଏଫ.ସି ଏବଂ ରନର୍ସ ଅପ୍ ଖଣ୍ଡପଡା ଟିମକୁ କପ୍ ପ୍ରଦାନ କରିଥିଲେ ।

## ଆଦିବାସୀଙ୍କ ନାଁରେ ଆବାସ ଟଙ୍କା ହଡ଼ପ ମାମଲା

## ୭ ଦିନରେ ହେବ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ

ଭୁବନେଶ୍ୱର,୯।୫: ଆଦିବାସୀଙ୍କ ନାଁରେ ଆବାସ ଟଙ୍କା ହଡ଼ପ ଅଭିଯୋଗ ଆସିବା ପରେ ପଂଚାୟତିରାଜ ମନ୍ତ୍ରୀ ରବି ନାଏକ ଆଠଗଡ଼ ଦମ୍ପତିପୁର ଗାଁରେ ପହଂଚି ସ୍ଥିତି ପରଖିଛନ୍ତି। ସ୍ଥିତି ପରଖିବା ପରେ ପଂଚାୟତିରାଜ ମନ୍ତ୍ରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଆସନ୍ତା ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ମନ୍ତ୍ରୀ କହିଛନ୍ତି ଯେ ଆଠଗଡ଼ ବ୍ଲକ୍ ଅଧ୍ୟକ୍ଷଙ୍କ କର୍ତ୍ତୃତ୍ୱରେ ଏ ସବୁ ହୋଇଛି। ଏଠାକାର ଲୋକେ ଗୁହାଳ ଘରେ ରହୁଥିବା ଭଳି ବୋଲି ମନେହେଉଛି। ଏମାନଙ୍କୁ ଯିଏ ଧୋକା ଦେଇଛି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ, କାହାରିକୁ ଛଡ଼ାଯିବନି। ଆଇନର ଶେଷ ସୀମା ଯାଏଁ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ସେହିପରି ଆବାସ ନାଁରେ ଧୋକା ପାଇଥିବା ଲୋକେ ସ୍ୱତନ୍ତ୍ର ଯୋଜନାରେ ଥଇଥାନ ହେବେ। ବିଗତ ସରକାରରେ ନିରୀହ ଆଦିବାସୀଙ୍କୁ ଧୋକା ଦିଆଯାଇଛି। ଏମାନଙ୍କ ନାଁରେ ଟଙ୍କା ଉଠିଛି, ଯାହାର ସବୁ ଦସ୍ତାବିଜ୍ ରହିଛି। କିନ୍ତୁ ଏମାନଙ୍କୁ ଘର ଦିଆଯାଇ ନାହିଁ କି ଟଙ୍କା ପାଇନାହାନ୍ତି। ସୂଚନାଯୋଗ୍ୟ ଯେ ଆଠଗଡ଼ ନିର୍ବାଚନ ମଣ୍ଡଳୀରେ ପ୍ରାୟ ୩୦୦ ଆଦିବାସୀଙ୍କ ନାଁରେ ୩ କୋଟିରୁ ଅଧିକ ଲୁଟ୍ ଅଭିଯୋଗ ଆସିଥିଲା

## ଜଳ ଓ ସ୍ୱେରେଜ୍ ଭିତ୍ତିଭୂମି ପାଇଁ ବୃହତ୍ ପୁଞ୍ଜିନିବେଶ

# ୨୯ ସହରାଞ୍ଚଳରେ ୧୦୦% ଜଳ ଯୋଗାଣ

ଭୁବନେଶ୍ୱର,୯।୫ଓଡ଼ିଶା ଜଳ ନିଗମ (ୱାଟକୋ) ସହରାଂଚଳ ନାଗରିକ ସେବା କ୍ଷେତ୍ରରେ ଏକ ଐତିହାସିକ ମାଇଲଷ୍ଟୋନ୍ ଅର୍ଜନ କରିଛି। ନିଗମ ନିଜ ଅଧୀନରେ ଥିବା ସମସ୍ତ ୨୯ଟି ସହରାଂଚଳରେ ଶତପ୍ରତିଶତ ଘରୋଇ ପାଇପ୍ ଜଳ ସଂଯୋଗ ସୁନିଶ୍ଚିତ କରି ସାର୍ବଜନୀନ ଜଳ ଯୋଗାଣ ଲକ୍ଷ୍ୟ ପୂରଣ କରିଛି। ଏହି ସଫଳତା ସହ ରାଜ୍ୟର ସହରାଂଚଳ ଜଳ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟମାନଙ୍କ ମଧ୍ୟରେ ସ୍ଥାନ ସୁଦୃଢ଼ କରିଛି। ନିକଟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ୱାଟକୋର ଏହି ସଫଳତା ସହିତ ଆଗାମୀ ଜଳ ଓ ସ୍ୱେରେଜ୍ ଭିତ୍ତିଭୂମି ବିକାଶ ରୋଡମ୍ୟାପ୍ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ୨୦୨୬ ମାର୍ଚ୍ଚ ସୁଦ୍ଧା ୱାଟକୋ ପ୍ରାୟ ୭,୬୩,୦୮୨ଟି ଘରୋଇ ସଂଯୋଗ ମାଧ୍ୟମରେ ୪.୯୧ ନିୟୁତରୁ ଅଧିକ ସହରବାସୀଙ୍କୁ ପାଇପ୍ ଯୋଗେ ପାନୀୟ ଜଳ



ଯୋଗାଇ ଆସୁଛି। "ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍" ଅଭିଯାନ ଏହି ପ୍ରୟାସକୁ ଅଧିକ ଗତିଶୀଳ କରିଛି। ବର୍ତ୍ତମାନ ୧୧ଟି ସହରାଂଚଳରେ ୨୪ଘଂଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସଫଳତାର ସହ ଚାଲିଥିବାବେଳେ, ଅନ୍ୟ ୧୭ଟି ସହରରେ ଏହାର ସମ୍ପ୍ରସାରଣ କାର୍ଯ୍ୟ ଜୋରଦାର ଭାବେ ଅଗ୍ରସର ହେଉଛି। ୱାଟକୋର ବର୍ତ୍ତମାନ ମୋଟ ଜଳ ଯୋଗାଣ କ୍ଷମତା ୯୮୮.୮୯ ଏମ୍ ଏଲ୍ ଡିରେ ପହଂଚିଥିବାବେଳେ ସହରାଞ୍ଚଳର ବର୍ତ୍ତମାନ ଚାହିଦା ୭୦୦.୬୭ ଏମ୍ ଏଲ୍ ଡି ରହିଛି। ଏହି ଅତିରିକ୍ତ କ୍ଷମତା ଆଗାମୀ ଦିନରେ ରାଜ୍ୟର ଦୀର୍ଘମିଆଦି ଜଳ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବ। ୨୦୨୫-୨୬ ଆର୍ଥିକ ବର୍ଷରେ ୱାଟକୋ ନିଜର ୯୧୨ କୋଟି ଟଙ୍କାର ବଜେଟକୁ ଶତପ୍ରତିଶତ ବ୍ୟୟ କରିଥିବା ସହିତ ଅମୃତ ଏବଂ ଓଏମବିଏଡିସି ପରି ଯୋଜନା ମାଧ୍ୟମରେ ଅତିରିକ୍ତ ୫୦୦ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ କରି ଜଳ ଭିତ୍ତିଭୂମିକୁ ସୁଦୃଢ଼ କରିଛି। ଏହି ଧାରାକୁ ଜାରି ରଖି ୨୦୨୬-୨୭ ପାଇଁ ୯୨୦ କୋଟି ଟଙ୍କାର ଏକ ମହତ୍ତ୍ୱାକାକ୍ଷୀ କାର୍ଯ୍ୟଯୋଜନା ପ୍ରସ୍ତୁତ ହୋଇଛି, ଯେଉଁଥିରେ ସ୍ୱେରେଜ୍ ଭିତ୍ତିଭୂମି ବିକାଶ ପାଇଁ ୨୫୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଗତ ଏକ ବର୍ଷ ମଧ୍ୟରେ ୱାଟକୋ ୩ଟି ନୂତନ ଜଳ ବିଶୋଧନ ପ୍ଲାଂଟ ଓ ୫୮ଟି ଉଚ୍ଚକ୍ଷମତାସମ୍ପନ୍ନ ଜଳାଶୟ ନିର୍ମାଣ କରିଛି। ବର୍ତ୍ତମାନ ରାଜ୍ୟରେ ପ୍ରାୟ ୨,୬୫୮.୪୭ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଅବସ୍ଥାରେ ରହିଛି। ଏଥିରେ ଭୁବନେଶ୍ୱର ପାଇଁ ୧୩୦ ଏମ୍ ଏଲ୍ ଡି କ୍ଷମତା ବିଶିଷ୍ଟ ବୃହତ୍ ଜଳ ବିଶୋଧନ ପ୍ଲାଂଟ ଏବଂ ସହରର ବସ୍ତି ଓ ଅଣ-ବସ୍ତି ଅଂଚଳରେ ସ୍ୱେରେଜ୍ ନେଟୱାର୍କ ସମ୍ପ୍ରସାରଣ ପରି ପ୍ରକଳ୍ପ ଅନ୍ତର୍ଭୁକ୍ତ ଅଛି। ଆଗାମୀ ପର୍ଯ୍ୟାୟରେ ୱାଟକୋ ୬,୧୨୯ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବୃହତ୍ ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛି। ସେଥିରେ ସମ୍ବଲପୁର ପାଇଁ ୧,୬୮୨ କୋଟି ଟଙ୍କା ଓ ବାରିପଦା ପାଇଁ ୮୩୦.୯୭ କୋଟି ଟଙ୍କାର ସ୍ୱେରେଜ୍ ପ୍ରକଳ୍ପ ବିଶେଷ ଗୁରୁତ୍ୱ ବହନ କରୁଛି। ଡିଜିଟାଲ୍ ଓ ସ୍ମାର୍ଟ ଜଳ ପରିଚାଳନାକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଭୁବନେଶ୍ୱର, ପୁରୀ, କଟକ, ରାଉରକେଲା ଓ ବ୍ରହ୍ମପୁରରେ ୫୦ ହଜାର ସ୍ମାର୍ଟ ୱାଟର ମିଟର ସ୍ଥାପନ କାର୍ଯ୍ୟ ଚାଲିଛି। ଏହାଦ୍ୱାରା ବିଲିଂ ବ୍ୟବସ୍ଥା, ଜଳ ବ୍ୟବହାର ନିରୀକ୍ଷଣ ଓ ସମ୍ବଳ ପରିଚାଳନାରେ ଆଧୁନିକତା ଆସିବ। ଜଳର ଗୁଣବତା ଓ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ୱାଟକୋ ରାଜ୍ୟରେ ୧୪ଟି ଆଧୁନିକ ପରୀକ୍ଷାଗାର ପରିଚାଳନା କରୁଛି। ଏହା ସହ ଆଇଆଇଟି ଭୁବନେଶ୍ୱର ସହ ବୈଷୟିକ ସହଯୋଗ ମାଧ୍ୟମରେ ଜଳ ପରିଚାଳନାରେ ନୂତନ ପ୍ରଯୁକ୍ତିର ପ୍ରୟୋଗକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ